RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI




‘କାନ୍ତାରା ଚାପ୍ଟର ୧’
ସଫଳତାର ରାଜ୍ ଖୋଲିଲେ ଋଷଭ

▶ପୃଷ୍ଠା ୧୧ ଦେଖନ୍ତୁ...


♦VOLUME- 43 ♦ISSUE-108 ♦TUESDAY ♦14 OCTOBER 2025 ♦PAGE-12 ♦₹ 6.00

PANIKOILI

♦ବର୍ଷ-୪୩ ♦ସଂଖ୍ୟା-୧୦୮ ♦ମଙ୍ଗଳବାର ♦୧୪ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




fabindia
CELEBRATE INDIA

GRAND OPENING
of our new store
by bollywood star
Sonu Sood
at
ITI SQUARE
Balasore
on
14th October, 2025 | 6:00 PM

COME AND EXPERIENCE
Apparels & Accessories & Personal Care

1st Floor, Khata No : 33/106, Plot No: 100/162, Mouza,
Issan Nagar, Unit No-7, OT Road, Prachee Towers,
ITI Square, Balasore | Ph: +91 99374 42004

fab family | fabindia.com

# ଶିକ୍ଷାଦାନ ପାଇଁ ନାହାନ୍ତି ଅଧ୍ୟାପକ; କିରାଣି ସଜାଇଛି ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର,୧୩।୧୦ (ସମିସ): ପାଠପଢ଼ାଇବାକୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ପର୍ଯ୍ୟାପ୍ତ ଅଧ୍ୟାପକ ନାହାନ୍ତି। ବିଶ୍ୱବିଦ୍ୟାଳୟରେ ପ୍ରାୟ ୬୨%ରୁ ଅଧିକ ଏବଂ ସରକାରୀ ମହାବିଦ୍ୟାଳୟ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ମଧ୍ୟ ୫୦%ରୁ ଅଧିକ ପଦ ଖାଲି ପଡ଼ିଛି। ଅପରପକ୍ଷେ, ଅନେକ ଅଧ୍ୟାପକ ଡେପୁଟେସନ୍‌ରେ ଉଚ୍ଚଶିକ୍ଷା ବିଭାଗରେ ନିୟୋଜିତ ହୋଇଛନ୍ତି। ଥରେ ବିଭାଗକୁ ବଦଳି ହୋଇଗଲେ ଫେରିବାକୁ କୁଣ୍ଠାବୋଧ କରୁଛନ୍ତି। ଯେନତେନ ପ୍ରକାରେ ଗାଦି ମାଡ଼ି ବସିବାକୁ ରାଜନୈତିକ ଚାପ ପ୍ରୟୋଗ କରୁଛନ୍ତି। ଫଳରେ ଶିକ୍ଷାନୁଷ୍ଠାନକୁ ପ୍ରତ୍ୟାବର୍ତ୍ତନ ପାଇଁ ନିର୍ଦ୍ଦେଶନାମାକୁ ମଧ୍ୟ ଖାତିର୍ କରୁନାହାନ୍ତି। ନିର୍ଦ୍ଦେଶନାମାକୁ ମାସାଧିକ କାଳ ବିତିଥିଲେ ମଧ୍ୟ ଶିକ୍ଷାନୁଷ୍ଠାନରେ ଯୋଗ ଦେଉନଥିବାରୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି।

ରାଜଧାନୀର ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଭାବେ କାର୍ଯ୍ୟରତ ଶୁଭ୍ରାଂଶୁ କୁମାର ବେହେରା ଦୀର୍ଘ ଦିନରୁ ଉଚ୍ଚଶିକ୍ଷା ବିଭାଗକୁ ଡେପୁଟେସନ୍‌ରେ ଯାଇଛନ୍ତି। ଗତ ସେପ୍ଟେମ୍ବର ୩ ତାରିଖରେ ତାଙ୍କୁ ବିଜେବି କଲେଜକୁ ପ୍ରତ୍ୟାବର୍ତ୍ତନ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ମାସାଧିକ କାଳ ବିତିଥିଲେ ମଧ୍ୟ ସମ୍ପୃକ୍ତ ଅଧ୍ୟାପକ ଶିକ୍ଷାନୁଷ୍ଠାନରେ ଯୋଗ ଦେଇନାହାନ୍ତି। ଅନୁରୂପ ଭାବେ ବିଜେବି କଲେଜରେ ଛାତ୍ରୀଙ୍କୁ ଶାରୀରିକ ନିର୍ଯ୍ୟାତନା ଦେବା ଅଭିଯୋଗ ହେବା ପରେ ତତ୍କାଳୀନ କମ୍ପ୍ୟୁଟର୍ ସାଇନ୍ସ ବିଭାଗ ମୁଖ୍ୟ

■ ପ୍ରତ୍ୟାବର୍ତ୍ତନ ନିର୍ଦ୍ଦେଶନାମାକୁ ଅବମାନନା କରୁଛନ୍ତି ଗାଦିମଡ଼ା
■ ରାଜନୈତିକ ଚାପ ଆଗରେ ଅଧିକାରୀ ନାଚାର

ଭାବେ କାର୍ଯ୍ୟରତ ଡ. ପାଣ୍ଡବ ପ୍ରଧାନଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ଡେପୁଟେସନ୍‌ରେ ପଠାଯାଇଥିଲା। ଗତ ସେପ୍ଟେମ୍ବର ୨୩ ତାରିଖରେ ତାଙ୍କୁ ନୂଆପଡ଼ାସ୍ଥିତ ମଡେଲ୍ ଡିଗ୍ରୀ କଲେଜକୁ ବଦଳି କରାଯାଇଛି। ଏହି ନିର୍ଦ୍ଦେଶନାମାକୁ ମଧ୍ୟ ପ୍ରାୟ ୨୦ଦିନ ବିତିଥିଲେ ମଧ୍ୟ ନୂତନ ଶିକ୍ଷାନୁଷ୍ଠାନରେ ଯୋଗ ଦେଇନାହାନ୍ତି। ଏପରିକି, ଉଭୟଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ରିଲିଭ୍ ମଧ୍ୟ କରାଯାଉନାହିଁ। ରାଜନୈତିକ ଚାପ ପ୍ରୟୋଗ କରି ଯେନତେନ ଉପାୟରେ ବିଭାଗରେ ହିଁ ରହିବାକୁ ଉଭୟେ କସରତ କରୁଥିବା ଅଭିଯୋଗ ହୋଇଛି। ଫଳରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମାକୁ ମଧ୍ୟ ଏମାନେ ଖାତିର୍ କରୁନାହାନ୍ତି।

ସେହିପରି ବିଜେବି କଲେଜରେ ମାନବଶାସ୍ତ୍ର (ଆନ୍ଥ୍ରୋପୋଲୋଜି) ବିଭାଗର ସହକାରୀ ପ୍ରାଧ୍ୟାପିକା ସମ୍ପ୍ରୀତି ପଣ୍ଡା ଉଚ୍ଚଶିକ୍ଷା ବିଭାଗରେ ଓ ଅର୍ଥନୀତି ବିଭାଗର ସହକାରୀ ପ୍ରାଧ୍ୟାପିକା ଲିପ୍‌ସା ମିଶ୍ର ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦରେ ମଧ୍ୟ ଡେପୁଟେସନ୍‌ରେ ଅଛନ୍ତି। ଅନୁରୂପ ଭାବେ ରାଜଧାନୀ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ହୃଷୀକେଶ ନାୟକ, କଟକ ଶୈଳବାଳା ମହିଳା ମହାବିଦ୍ୟାଳୟର ଗଣିତ ବିଭାଗର ସହକାରୀ ଅଧ୍ୟାପିକା ପ୍ରଭାତୀ ମଞ୍ଜରୀ ମହାନ୍ତି, ପୁରୀ ମହିଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ସହକାରୀ ପ୍ରାଧ୍ୟାପକ ଶରତ ମାଝୀ, ବାରିପଦା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପିକା ରୂପଶ୍ରୀ ମହାପାତ୍ର ପ୍ରମୁଖ ଡେପୁଟେସନ୍‌ରେ ଯାଇ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଏମାନଙ୍କ ସହ ବିଭିନ୍ନ ବିଏଡ୍ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨୫ଜଣ ଅଧ୍ୟାପକ ବିଭାଗରେ କାର୍ଯ୍ୟରତ ଅଛନ୍ତି।

ଅଧ୍ୟାପକ ଅଭାବରୁ ଉଚ୍ଚ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଉଛି। ଅପରପକ୍ଷେ, ୟୁଜିସି ସ୍କେଲ୍‌ରେ ଦରମା ପାଉଥିବା ବରିଷ୍ଠ ଅଧ୍ୟାପକ/ଅଧ୍ୟାପିକାମାନେ ବିଭାଗକୁ ଯାଇ କିରାଣି କାମ କରୁଛନ୍ତି। ଅନେକଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ମିଳି ନଥିବାରୁ କେବଳ ହାଜିରା ଦେଇ ଫେରୁଛନ୍ତି। ଆସିଷ୍ଟାଣ୍ଟ ପ୍ରଫେସର୍ ଷ୍ଟେଜ୍-୧, ଷ୍ଟେଜ୍-୨ ଓ ଷ୍ଟେଜ୍-୩ ରାଙ୍କର ଅଧ୍ୟାପକମାନେ ଯଦି କିରାଣି କାମ କରିବେ, ତାହେଲେ ଶିକ୍ଷାଦାନ କିଏ କରିବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

ସରକାରଙ୍କ ଦାୟିତ୍ୱହୀନ ଓ ଦୂରଦୃଷ୍ଟିବିହୀନ କାର୍ଯ୍ୟ ପାଇଁ ଶୈକ୍ଷିକ ମାନ କ୍ରମାଗତ ହ୍ରାସ ପାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଉଚ୍ଚଶିକ୍ଷା ବିଭାଗ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ଡେପୁଟେସନ୍‌ରେ ନେବା ବା ସେମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ପ୍ରତ୍ୟେକ ଦିନ ବିଭିନ୍ନ ରାଜନୈତିକ ବ୍ୟକ୍ତି ଚାପ ପକାଉଛନ୍ତି। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ବିଭାଗକୁ ଡେପୁଟେସନ୍‌ରେ ଆଣିବାକୁ ଏକପ୍ରକାର ପ୍ରତିଯୋଗିତା ଲାଗି ରହିଛି। ଫଳରେ ବିଭାଗରେ ମଧ୍ୟ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ସେ କହିଛନ୍ତି।

■ ମାଓବାଦୀ ସହିଦ ସପ୍ତାହ ପାଳନ ଅନ୍ତିମ ଦିନରେ ମାଓ ହିଂସା

# ରେଳଧାରଣା ଉଡ଼ାଇବା ଘଟଣାର ଏନ୍‌ଆଇଏ ତଦନ୍ତ

ରାଉରକେଲା,୧୩।୧୦(ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ କେ.ବଲାଙ୍ଗ ଥାନା ଅଧୀନ କରମପଦା ନିକଟରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ମାଓବାଦୀମାନେ ରେଳଧାରଣା ଉଡ଼ାଇଦେବା ଘଟଣାର ତଦନ୍ତଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)କୁ ଦିଆଯାଇଛି। ମାଓବାଦୀ ସଂଗଠନ ପକ୍ଷରୁ ପାଳନ ହେଉଥିବା ସହିଦ ସପ୍ତାହର ଅନ୍ତିମ ଦିନରେ ଏହି ବିସ୍ଫୋରଣ କରାଯାଇଥିଲା। ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତକୁ ରିମାଣ୍ଡରେ ନେଇ ଭୁବନେଶ୍ୱରରେ ପଚରାଉଚରା କରୁଥିବା ସୂଚନା ମିଳିଛି।



ଗତ ଜୁଲାଇ ୨୮ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବ ରିଜିଓନାଲ ବ୍ୟୁରୋ ପକ୍ଷରୁ ମାଓବାଦୀଙ୍କ ଦ୍ୱାରା ସହିଦ ସପ୍ତାହ ପାଳନ କରାଯାଉଥିଲା। ଏନେଇ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର୍ ଦେଖିବାକୁ ମିଳିଥିଲା। କିନ୍ତୁ, ଅଗଷ୍ଟ ୨ରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରି ଏକ ବଡ଼ଧରଣର ମାଓହିଂସା ଘଟାଇଥିଲେ। ମାଓବାଦୀମାନେ ବିମଳାଗଡ଼-କିରିବୁରୁ ସେକ୍ସନ୍‌ର ରାଞ୍ଝଡ଼ା ରେଳଷ୍ଟେସନ୍‌ରୁ ୩କିମି ଦୂରରେ ରେଳଧାରଣାର ଏକ ଖୁଣ୍ଟ ନିକଟରେ ଶକ୍ତିଶାଳୀ ପ୍ରେସର ଆଇଇଡି ଖଞ୍ଜିଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଏହି ଲ୍ୟାଣ୍ଡମାଇନ୍ ଉପରେ ବୁଦ୍ଧୁରାମ ମୁଣ୍ଡା ନାମକ ଜଣେ ଯୁବକଙ୍କ ଗୋଡ଼ ପଡ଼ିଯିବାରୁ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ଗୁରୁତର ଆହତ ବୁଦ୍ଧୁରାମଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପୁନର୍ବାର ଅଗଷ୍ଟ ୩ତାରିଖ ସକାଳ ପ୍ରାୟ ୯ଟାରେ ସେହି ଟ୍ରାକ୍‌ର ଅନ୍ୟ ଏକ ଖୁଣ୍ଟ ନିକଟରେ ଆଉ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଜଣେ ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମଙ୍କ ମୃତ୍ୟୁ ଘଟିଥିଲା। ଆଜି ଉକ୍ତ ବିସ୍ଫୋରଣ ଘଟଣାଗୁଡ଼ିକର ତଦନ୍ତ ଭାର ଏନଆଇଏ ନିଜ ହାତକୁ ନେଇଥିବା ଜଣାଯାଇଛି।

# ରତ୍ନଭଣ୍ଡାରକୁ ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ମନ୍ଦ: ବିଜେଡି

ଭୁବନେଶ୍ୱର, ୧୩।୧୦ (ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତିକୁ ନେଇ ନିର୍ବାଚନ ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତି ସରକାରକୁ ଆସିଲା ପରେ ଭୁଲି ଯାଇଛି। ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ରାଜ୍ୟ ବିଜେପି ସରକାରର ଉଦ୍ଦେଶ୍ୟ ମନ୍ଦ। ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ଆଜି ଏହା କହିଛନ୍ତି।

■ ରତ୍ନଭଣ୍ଡାରକୁ ନେଇ ନିର୍ବାଚନୀ ପ୍ରତିଶ୍ରୁତି କୁଆଡ଼େ ଗଲା?
■ ଗଣତି ମଣତିକୁ ନେଇ ସରକାର ଭୁଆଁ ବୁଲାଉଛନ୍ତି
■ ରତ୍ନଭଣ୍ଡାର ସ୍ଥାନାନ୍ତରଣ ପ୍ରକ୍ରିୟା ପ୍ରଶ୍ନଘେରରେ

ଶ୍ରୀ ଖୁଣ୍ଟିଆ କହିଥିଲେ ଯେ ସରକାରକୁ ଆସିବାର ୧୬ ମାସ ପରେ ମଧ୍ୟ ରାଜ୍ୟ ବିଜେପି ସରକାର ରତ୍ନଭଣ୍ଡାର ଗଣତିମଣତି ନେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ରତ୍ନଭଣ୍ଡାରକୁ ନେଇ ନିର୍ବାଚନ ସମୟରେ ବିଭିନ୍ନ ଅପପ୍ରଚାର କରିଥିଲା ରାଜ୍ୟ ବିଜେପି, କିନ୍ତୁ ବିଭିନ୍ନ ଆଳ ଦେଖାଇ ଆଜି ଯାଏଁ ସରକାର ଗଣତିମଣତି କରିପାରିନାହାନ୍ତି।

ରତ୍ନଭଣ୍ଡାର ମରାମତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଅନୁମତି ମାଗିଥିଲେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରି ପରିଶେଷରେ ୨୦୨୩ ମସିହାରେ କେନ୍ଦ୍ର ସରକାର ଏଏସ୍‌ଆଇକୁ ମରାମତି ପାଇଁ ଅନୁମତି ପ୍ରଦାନ କରିଥିଲେ। ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ରତ୍ନଭଣ୍ଡାରର ମରାମତି ଓ ଗଣତି ମଣତି ପାଇଁ ପଦକ୍ଷେପ ନେଇଥିଲେ।

ରାଜ୍ୟରେ ବିଜେପି ସରକାର ଆସିଲା ପରେ ଜଷ୍ଟିସ୍ ପଶାୟତଙ୍କ ସ୍ଥାନରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ



ବିଚାରପତିଙ୍କୁ ନେଇ ପୁଣି କମିଟି ଗଠନ କଲେ। କିନ୍ତୁ ଏଯାଏ ଏହି କମିଟି କେବଳ ରତ୍ନଭଣ୍ଡାରର ସ୍ଥାନାନ୍ତରଣ ଛଡ଼ା ଗଣତିମଣତି ପାଇଁ କୌଣସି କାର୍ଯ୍ୟ କରିନାହାନ୍ତି। ଯେହେତୁ ସ୍ୱଚ୍ଛତାର ସହ ଏହି ରତ୍ନ ସ୍ଥାନାନ୍ତରଣ ପ୍ରକ୍ରିୟା ହୋଇନାହିଁ ଏବଂ ଏନେଇ ରାଜ୍ୟବାସୀ ଅନ୍ଧାରରେ ଅଛନ୍ତି, ଲୋକଙ୍କ ମନରେ ସ୍ୱାଭାବିକ ଭାବେ ଏହି ସ୍ଥାନାନ୍ତରଣ ପ୍ରକ୍ରିୟା ସମୟରେ ଶ୍ରୀଜିଉଙ୍କ ବହୁମୂଲ୍ୟ ରତ୍ନ ଲୁଟ୍ ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଅବିଳମ୍ବେ ସରକାର ରତ୍ନଭଣ୍ଡାରର ଗଣତି ମଣତି ସ୍ୱଚ୍ଛତାର ସହ ସମ୍ପାଦନ କରି ଜନସାଧାରଣଙ୍କ ନିକଟରେ ଏ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରନ୍ତୁ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଭୁଜାଲିରେ ହାଣିଲେ, ବନ୍ଧୁକ ଦେଖାଇ ଲୁଟିଲେ

କପ୍ତିପଦା,୧୩।୧୦(ସମିସ): ଘରେ ପଶି ଭୁଜାଲିରେ ହାଣିଲେ ଏବଂ ବେକରେ ବନ୍ଧୁକ ଲଗାଇ ଘରୁ ଟଙ୍କା, ସୁନା ଅଳଙ୍କାର ଲୁଟିନେଲେ। ଗଲା ବେଳେ ବାହାରୁ ସ୍ୱାମୀ-ସ୍ତ୍ରୀଙ୍କୁ ତାଲା ପକାଇଦେଲେ। କପ୍ତିପଦା ଥାନା ଝିଙ୍କପଦା ଗ୍ରାମରେ ଗତକାଲି ସଂଧ୍ୟାରେ ଏଭଳି ଏକ ବଡ଼ ଧରଣର ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଗ୍ରାମର କାର୍ତ୍ତିକେଶ୍ୱର ସାହୁ। ଶ୍ରୀ ସାହୁ ଏ ସଂପର୍କରେ ଆଜି କପ୍ତିପଦା ଥାନାରେ ଅଭିଯୋଗ କରିବାରୁ ପୁଲିସ ତଦନ୍ତ ଆରମ୍ଭ କରିଛି।

ଗତକାଲି ସଂଧ୍ୟାରେ କାର୍ତ୍ତିକେଶ୍ୱର ଓ ତାଙ୍କ ସ୍ତ୍ରୀ ଘରେ ଥିବା ବେଳେ ହଠାତ୍ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଭୁଜାଲି ଏବଂ ବନ୍ଧୁକ ଧରି ଘର ଭିତରକୁ ପଶି ଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ଟିଭି ଦେଖୁଥିବା କାର୍ତ୍ତିକେଶ୍ୱରଙ୍କ ହାତକୁ ଭୁଜାଲିରେ ହାଣିବା ସହ ବେକରେ ବନ୍ଧୁକ ଲଗାଇ ଦେଇଥିଲେ। ଆଉ ଦୁଇଜଣ ଦୁର୍ବୃତ୍ତ ରୋଷେଇ କରୁଥିବା କାର୍ତ୍ତିକେଶ୍ୱରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ଭୁଜାଲିରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ପରେ ସେମାନେ ଆଲମିରା, ଖଟ ଆଦି ଭାଙ୍ଗିବା ସହିତ ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ୧୫ହଜାର ଟଙ୍କା ଓ ଅନ୍ନପୂର୍ଣ୍ଣା ପିନ୍ଧିଥିବା ସୁନାଚେନ୍ ମଧ୍ୟ ଲୁଟିନେଇ ପଳାଇଥିଲେ। ଲୁଟିବା ପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ଦୁର୍ବୃତ୍ତମାନେ ଏକ ଘର ଭିତରେ ସେମାନଙ୍କୁ ବନ୍ଦ କରିଦେଇ ଫେରାର୍ ହୋଇଯାଇଥିଲେ।

# ଜମିବାଡ଼ି ବିବାଦରୁ ଭାଇକୁ ଗୁଳି କରି ହତ୍ୟା

ଭୁବନେଶ୍ୱର,୧୩।୧୦(ସମିସ): ପୁଣି ଅଶାନ୍ତ ହୋଇଛି ରାଜଧାନୀ ଉପକଣ୍ଠ। ଜମିବାଡ଼ି ବିବାଦରୁ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଆଉ କେହି ନୁହେଁ, ଖୋଦ୍ ଦାଦା ପୁଅ ଭାଇ ହିଁ ଏହି ନାରକୀୟ କାଣ୍ଡ ଘଟାଇଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରାରେ ଏଭଳି ଘଟଣା ଘଟିଛି। ମୃତକ ହେଲେ, ସରକନ୍ତରା ଗାଁର ପଠାଣି ଖୁଣ୍ଟିଆଙ୍କ ବଡ଼ପୁଅ ସୁଧାଂଶୁ ଖୁଣ୍ଟିଆ ଓରଫ୍ ରବି (୨୫)। ସେ ଠିକା ସଂସ୍ଥା ଅଧୀନରେ ଭୁବନେଶ୍ୱର ଏମ୍‌ସରେ ଲ୍ୟାବ୍ ଆସିଷ୍ଟାଣ୍ଟ

■ ଏମ୍‌ସ ଲ୍ୟାବ ଆସିଷ୍ଟାଣ୍ଟ ମୃତ
■ ହତ୍ୟାକାଣ୍ଡ ପରେ ହଣାକଟା
■ ଗୋଟିଏ ପରିବାରର ୩ ଅଟକ
■ ସରକନ୍ତରାରେ ଉତ୍ତେଜନା



ଭାବେ କାମ କରୁଥିଲେ। ସ୍ପଷ୍ଟ ଦିବାଲୋକରେ ଏଭଳି ହତ୍ୟାକାଣ୍ଡ ଘଟିଥିବା ବେଳେ ପୁଲିସ ମୁଖ୍ୟ ଅଭିଯୁକ୍ତ ତଥା ରବିଙ୍କ ଦାଦା ପୁଅ ଭାଇ ଶିବାକୁ ଏଯାଏ ଧରି ପାରିନାହିଁ। ପୁଲିସ ଶିବାର ବାପା ସୁକାନ୍ତ, ମାଆ ଦ୍ରୌପଦୀ ଓ ସାନ ଭାଇ ଛବିକୁ ଅଟକ ରଖିଛି।

ସୂଚନା ଅନୁସାରେ, ପଠାଣିଙ୍କ ସାନଭାଇ ସୁକାନ୍ତ ଗାଁରେ ବିବାହ କରିଥିବା ବେଳେ ଶଶୁର ଘରେ ରୁହନ୍ତି। ଡିହ ଜମିକୁ ପଠାଣିଙ୍କ ମାଆ ରବି ନାମରେ ପଞ୍ଜୀକରଣ କରିଦେଇଥିବାରୁ ତାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ସୁକାନ୍ତ ଉକ୍ତ ଜମିରୁ ଭାଗ ଦାବି କରି ଅଦାଲତର ଦ୍ୱାରସ୍ଥ ହୋଇଥିବା ବେଳେ ମାମଲା ଏବେ ବି ବିଚାରାଧୀନ ରହିଛି। ହେଲେ ଡିହି ଜମି ମାଲିକାନାକୁ ନେଇ ପଠାଣି ଓ ସୁକାନ୍ତଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଅନେକ ସମୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଉଚ୍ଚବାଚ ହେବା ସହ କଥା ହାତାହାତି ପର୍ଯ୍ୟନ୍ତ ଯାଉଥିଲା। ଗାଁ ଲୋକଙ୍କ ହସ୍ତକ୍ଷେପ ସତ୍ତ୍ୱେ ଏହି ବିବାଦ ଥମି ନଥିଲା।

ସବୁଦିନ ଭଳି ସୋମବାର ସକାଳୁ ରବି ବାଇକ୍ ଯୋଗେ ଘରୁ କାର୍ଯ୍ୟସ୍ଥଳ ଏମ୍‌ସକୁ ବାହାରି ଯାଇଥିଲେ। ସକାଳ ପ୍ରାୟ ୯ଟାରେ ସେ ସରକନ୍ତରା ମଙ୍ଗଳା ମନ୍ଦିର ଅତିକ୍ରମ କରୁଥିବା ବେଳେ ଶିବା ତାକୁ ରାସ୍ତାରେ ଅଟକାଇଥିଲା। ରବି କିଛି ବୁଝିବା ଆଗରୁ ଶିବା ତା' ଉପରକୁ ଗୁଳି ଚଳାଇଥିଲା। ପ୍ରଥମ ଦୁଇଟି ଗୁଳି ରବିଙ୍କ ହାତରେ ବାଜିଥିଲା। ସେ ଭୟରେ ଗାଡ଼ି ଫୋପାଡ଼ି ଦେଇ ନିକଟସ୍ଥ ଏକ ବାଡ଼ି ଭିତରକୁ ପଶିଯାଇଥିବା ବେଳେ ଶିବା ମଧ୍ୟ ତାଙ୍କୁ ପିଛା କରିଥିଲା। ଶରୀରରେ ଗୁଳି ବାଜିଥିବାରୁ ବେଶୀ ଭିତରକୁ ଯାଇ ନପାରି ପଡ଼ି ଯାଇଥିଲେ। ଶିବା ତାଙ୍କ ପାଖକୁ ଯାଇ ପଏଣ୍ଟ ବ୍ଲାଙ୍କରୁ ଛାତିକୁ ଗୁଳି କରିଥିଲା। ଛାତିରେ ଗୁଳି ବାଜିବା ପରେ ଟଳି ପଡ଼ିଥିଲେ ରବି। ସ୍ଥାନୀୟ ଲୋକେ ତାଙ୍କୁ ଏମ୍‌ସରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲା। ହତ୍ୟାକାଣ୍ଡ ପରେ ରବିଙ୍କ ସମ୍ପର୍କୀୟ ଦାଦା ଜ୍ଞାନରଞ୍ଜନ ଖୁଣ୍ଟିଆଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ସୁକାନ୍ତ, ଦ୍ରୌପଦୀ ଓ ଛବି ମିଶି ଏହି କାଣ୍ଡ ଭିଆଇଛନ୍ତି। ଶିବା ହିଁ ଗୁଳିକରି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲେ ମଧ୍ୟ ପୁଲିସ ତାକୁ ଧରିବାରେ ସଫଳ ହୋଇ ପାରିନାହିଁ। ଘଟଣାସ୍ଥଳରେ ସିସିଟିଭି ନଥିବାରୁ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପୁଲିସ ପାଇଁ କାଠିକର ପାଠ ହୋଇଛି।

■ ଜେଲ୍ ପାଚେରି ଡେଇଁ ୨ କଏଦୀ ଫେରାର୍ ଘଟଣା

# ବଦଳିଲେ ଚୌଦ୍ୱାର ସର୍କଲ ଜେଲ୍ ଜେଲର୍

କଟକ, ୧୩।୧୦ (ସମିସ): ଚୌଦ୍ୱାର ସର୍କଲ ଜେଲ୍‌ର ଜେଲର୍ ସନ୍ତୋଷିନୀ ଦାଶଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କଣ୍ଟାବାଞ୍ଜି ଜେଲର୍ ତଥା ଅଧୀକ୍ଷକ ଥିବା ରଘୁରାଜ ମାଝୀଙ୍କୁ ଅବସ୍ଥାପିତ କରାଯାଇଛି। ଏ ସଂକ୍ରାନ୍ତରେ ଜେଲ୍ ଡିଜିଙ୍କ ପକ୍ଷରୁ ଆଜି ଏକ ବଦଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଗତ ଅକ୍ଟୋବର୍ ୨ ତାରିଖ ବିଳମ୍ବିତ ରାତିରେ କଡ଼ା ପହରା ସତ୍ତ୍ୱେ ଚୌଦ୍ୱାର ଜେଲରୁ ଦୁଇଜଣ କଏଦୀ ଫେରାର୍ ହୋଇଯାଇଥିଲେ। ରାଜ୍ୟର ସର୍ବ ବୃହତ୍ ଜେଲ ଭାବେ ପରିଗଣିତ ଏହି ଜେଲର ସୁଉଚ୍ଚ ପାଚେରୀ ଡେଇଁ କଏଦୀ ଫେରାର୍ ହୋଇଯିବା ଘଟଣା ଜେଲ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିହାରର ରାଜା ସାହାଣୀ ଓ ମଧୁକାନ୍ତ କୁମାର ନାମକ ୨ଜଣ କଏଦୀ ଯାଜପୁର ଜିଲ୍ଲା ପାଣିକୋଇଲି ଅଞ୍ଚଳରେ ସୁନା ଅଳଙ୍କାର ଦୋକାନ ଚୋରି ଓ ହତ୍ୟା ମାମଲାରେ ଗତ ୮ ମାସ ହେବ ଚୌଦ୍ୱାର ଜେଲରେ ବିଚାରାଧୀନ କଏଦୀ ଭାବେ ସଜା କାଟୁଥିଲେ। ଏହି ଘଟଣାରେ ତୁରନ୍ତ ୨ଜଣ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିଲେ ସୁଦ୍ଧା ଆଉ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଏହି ଘଟଣାର ଦୀର୍ଘ ୧୧ ଦିନ ପରେ ଜେଲର୍‌ଙ୍କୁ ବଦଳି କରାଯାଇଥିବା ଜଣାପଡ଼ିଛି।

# ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ବାଧକ ହେବନି ଜଙ୍ଗଲ ଜମି

ଭୁବନେଶ୍ୱର, ୧୩।୧୦ (ସମିସ): ଜଙ୍ଗଲ ଜମି କିସମ ପରିବର୍ତ୍ତନ ପ୍ରସ୍ତାବଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ଭିତରେ ସରିବା ଦରକାର। ଏଥିପାଇଁ ଏ ସମ୍ପର୍କିତ ସମସ୍ତ ବିଭାଗ ଓ ସଂସ୍ଥାମାନଙ୍କ ସମନ୍ୱୟ ରହିବା ଆବଶ୍ୟକ। ବିଭାଗଗୁଡ଼ିକ ନିଜନିଜ କାମ କରି ସମୟୋପଯୋଗୀ ପ୍ରକଳ୍ପ କାର୍ଯ୍ୟନ୍ୱୟନ ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନସଚିବ ସତ୍ୟବ୍ରତ ସାହୁ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଯେପରି ଜଙ୍ଗଲ ଜମି କିସମ ପରିବର୍ତ୍ତନ ବାଧକ ସାଜିବନି, ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାକୁ ଆଧାର କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପିଏମଜି/ପ୍ରଗତି ପୋର୍ଟାଲରେ ଥିବା ମୁଖ୍ୟ ପ୍ରକଳ୍ପଗୁଡ଼ିକର ରାଜ୍ୟ ସରକାର ସ୍ଥିତି ସମୀକ୍ଷା କରିଛନ୍ତି। ଏହି କ୍ରମରେ ବର୍ତ୍ତମାନ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ), ଭାରତୀୟ ରେଳବାଇ, ଓପିଟିସିଏଲ, ଜିଏସଆଇ ଓ ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ମୁଖ୍ୟ ଅବସ୍ଥାପନା ପ୍ରକଳ୍ପଗଡ଼ିକ ପାଇଁ ଜଙ୍ଗଲ ଜମି କିସମ ପରିବର୍ତ୍ତନର ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ନିରାକରଣ ପାଇଁ ସରକାର ଗୁରୁତ୍ୱ ଦେଇଛନ୍ତି। ଏହି ବିଭାଗଗୁଡ଼ିକର କ୍ୟାପିଟାଲ

## ତ୍ୱରିତ କିସମ ପରିବର୍ତ୍ତନ ପାଇଁ ବିଭାଗର ନିର୍ଦ୍ଦେଶ

ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ, ଦକ୍ଷିଣ-ପୂର୍ବ ରେଳବାଇର ଗୋରୁ-ମହିଷାଣୀ ନୂତନ ରେଳ ଲାଇନ୍, ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ୪-ଜି ଭିତ୍ତିକ ମୋବାଇଲ ସେବା ପ୍ରକଳ୍ପ, ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଖନନ ଅନୁସନ୍ଧାନ ପ୍ରସ୍ତାବ, ସେଲ୍‌ର କାଲ୍‌ଟା ଆଇରନ ଓର ଖଣି, ଓପିଟିସିଏଲର ଟ୍ରାନ୍ସମିସନ ଲାଇନ୍ ପ୍ରକଳ୍ପ, କଲ୍ୟାଣୀ ଷ୍ଟିଲ୍‌ର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରସ୍ତାବ ଆଦି ଅନ୍ତର୍ଭୁକ୍ତ ରହିଛି।

ଅତିରିକ୍ତ ମୁଖ୍ୟ ସଚିବ ବୈଠକରେ ଅବଗତ କରାଇଛନ୍ତି ଯେ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ଅନୁମୋଦନ ପ୍ରକ୍ରିୟାକୁ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ଏହି ପ୍ରକଳ୍ପଗୁଡ଼ିକ ପାଇଁ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ସମସ୍ତ କାର୍ଯ୍ୟ ସକ୍ରିୟ ଭାବେ ସମାଧାନ କରିବାକୁ ଶ୍ରୀ ସାହୁ ସମସ୍ତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଡିଭିଜନ ବନାଞ୍ଚଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ପର୍ଯ୍ୟାୟରେ ନିୟମିତ ନିରୀକ୍ଷଣ ଓ ସହଯୋଗ କରି ଅନାବଶ୍ୟକ ବିଳମ୍ବ ରୋକିବା ପାଇଁ ନୋଡାଲ୍ ଅଫିସରମାନଙ୍କୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ୟୁଜର୍ ଏଜେନ୍ସି ବା ଉପଭୋକ୍ତା ସଂସ୍ଥାମାନେ ମଧ୍ୟ ସେମାନଙ୍କର ସମସ୍ତ ଆବଶ୍ୟକ ଡକ୍ୟୁମେଣ୍ଟ, ମ୍ୟାପ ଓ ତତ୍‌ସମ୍ବନ୍ଧୀୟ ନଥି ଡିଏଫଓଙ୍କ ନିକଟରେ ତ୍ୱରିତ ଭାବେ ଦାଖଲ କରିବେ, ଯାହାଦ୍ୱାରା ପ୍ରକ୍ରିୟା ସମୟ କମିବ ବୋଲି ବିଭାଗ ଆଶା ପ୍ରକଟ କରିଛି।

# ନିଶାସକ୍ତ ପୁଅର ଛୁରାମାଡ଼ରେ ମା' ଗୁରୁତର

ବେତନଟୀ, ୧୩।୧୦(ସମିସ): ନିଶାସକ୍ତ ପୁଅର ଛୁରାମାଡ଼ରେ ମା' ଗୁରୁତର। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଞ୍ଚଳରେ ଆଜି ଏପରି ଏକ ଘଟଣା ଘଟିଛି। ଆହତ ମହିଳାଜଣଙ୍କ ହେଲେ, ଆଶାକର୍ମୀ ସୁଶୀଳା ବାରିକ। ସେ ବେତନଟୀ ଡାକ୍ତରଖାନାରେ କାର୍ଯ୍ୟରତ। ରବିବାର ପୋଲିଓ ଦିବସ ଥିବାରୁ ସୁଶୀଳା ଦିନତମାମ ବେତନଟୀ ଡାକ୍ତରଖାନାରେ ରହି ଅପରାହ୍ଣରେ ଘରକୁ ଫେରିଥିଲେ। ଘରେ ସ୍କୁଟି ରଖି ଗାଡ଼ିରୁ ବ୍ୟାଗ୍ ନେଉଥିବା ସମୟରେ ହଠାତ୍ ତାଙ୍କ ସାନପୁଅ ମୁନା ବାରିକ ଦୌଡ଼ି ଆସି ଏକ ଧାରୁଆ ଛୁରିରେ ଅତର୍କିତ ଆକ୍ରମଣ କରିଥିଲା। ତାଙ୍କ ପେଟରେ ଛୁରି ଭୁସିଦେବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରିବାରଲୋକ ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ପୁଲିସ ସୁଶୀଳାଙ୍କ ଘର ଏବଂ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଛି। ସୁଶୀଳାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଛି।

କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ନିଷ୍ପତ୍ତି

# ଭବିଷ୍ୟନିଧି ପାଣ୍ଠିରୁ ସବୁ ଅର୍ଥ ଉଠାଇପାରିବେ ସଦସ୍ୟ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ଏଣିକି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ରୁ ସମ୍ପୂର୍ଣ୍ଣ ଅର୍ଥ ରାଶି ଉଠାଇପାରିବେ ସଦସ୍ୟ। ସୋମବାର କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ସୋମବାର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। କର୍ମଚାରୀଙ୍କୁ ସେମାନଙ୍କ ଆବଶ୍ୟକତା ପାଇଁ ସହଜରେ ପିଏଫ୍ ଉଠାଣ କରିବା ଏବଂ ସେମାନଙ୍କର ଅବସରକାଳୀନ ସଞ୍ଚୟକୁ ସୁଦୃଢ଼ କରିବା ପାଇଁ ଏପରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ବର୍ତ୍ତମାନ କେବଳ ତିନୋଟି ବର୍ଗରେ ଅତ୍ୟାବଶ୍ୟକ ଆବଶ୍ୟକତା (ରୋଗ, ଶିକ୍ଷା, ବିବାହ), ଗୃହ ଆବଶ୍ୟକତା (ଘର ସମ୍ବନ୍ଧୀୟ ଖର୍ଚ୍ଚ) ଏବଂ ବିଶେଷ ପରିସ୍ଥିତିରେ ସଦସ୍ୟମାନେ ଏବେ ସେମାନଙ୍କର ପିଏଫ୍ ଆକାଉଣ୍ଟରୁ ସମ୍ପୂର୍ଣ୍ଣ ବାଲାନ୍ସ (କର୍ମଚାରୀ ଏବଂ ନିଯୁକ୍ତିଦାତା ଉଭୟ ଅଂଶ ସମେତ) ଉଠାଣ କରିପାରିବେ। ପୂର୍ବରୁ, ଶିକ୍ଷା ଏବଂ ବିବାହ ପାଇଁ କେବଳ ୩ଥର ଉଠାଣ ଅନୁମତି ଥିଲା, କିନ୍ତୁ ବର୍ତ୍ତମାନ ଶିକ୍ଷା ପାଇଁ ୧୦ ଥର ଏବଂ ବିବାହ ପାଇଁ ୫ ଥର ଅର୍ଥ ଉଠାଣ କରାଯାଇପାରିବ। ଏହାସହିତ ସର୍ବନିମ୍ନ ସେବା ଅବଧିକୁ ୧୨

■ ୧୦୦% ପିଏଫ୍ ଉଠାଣକୁ ମଞ୍ଜୁରୀ
■ ଶିକ୍ଷା ପାଇଁ ୧୦ ଥର, ବିବାହ ପାଇଁ ୫ ଥର ଟଙ୍କା ଅନୁମତି

ମାସକୁ ହ୍ରାସ କରାଯାଇଛି, ଯାହା ପୂର୍ବରୁ ବିଭିନ୍ନ ଆବଶ୍ୟକତା ପାଇଁ ଭିନ୍ନ ରହିଥିଲା। ପୂର୍ବରୁ, ବିଶେଷ ପରିସ୍ଥିତିରେ (ଯେପରିକି ପ୍ରାକୃତିକ ବିପର୍ଯ୍ୟୟ, ବେକାରୀ କିମ୍ବା ମହାମାରୀ) ସଦସ୍ୟଙ୍କୁ ଟଙ୍କା ଉଠାଣ ପାଇଁ ଏକ କାରଣ ଦର୍ଶାଇବାକୁ ପଡୁଥିଲା, ଯାହା ପ୍ରାୟତଃ କ୍ଲେମ୍ ବା ଦାବିକୁ ପ୍ରତ୍ୟାଖ୍ୟାନ କରୁଥିଲା। ବର୍ତ୍ତମାନ ଏହି ଅସୁବିଧା ଦୂର ହୋଇଛି। ସଦସ୍ୟମାନେ ବିଶେଷ ପରିସ୍ଥିତିରେ ବିନା କୌଣସି କାରଣ ଦର୍ଶାଇ ଆକାଉଣ୍ଟରୁ ଟଙ୍କା ଉଠାଣ କରିପାରିବେ। ଇପିଏଫ୍‌ଓ ଏହା ମଧ୍ୟ ସୁନିଶ୍ଚିତ କରିଛି ଯେ ସଦସ୍ୟମାନେ ସର୍ବଦା ସେମାନଙ୍କ ଆକାଉଣ୍ଟରେ ସର୍ବନିମ୍ନ ୨୫% ବାଲାନ୍ସ ବଜାୟ ରଖିବେ। ଏହା ସଦସ୍ୟମାନଙ୍କୁ ୮.୨୫% ସୁଧ ହାର ଏବଂ ଚକ୍ରବୃଦ୍ଧି ସୁଧ ପାଇବା ସୁନିଶ୍ଚିତ କରିବ, ଯାହା ସେମାନଙ୍କୁ ଏକ ଯଥେଷ୍ଟ ଅବସର କର୍ପସ ପାଣ୍ଠି ଗଠନ କରିବାକୁ ସକ୍ଷମ କରିବ। ନୂତନ ନିୟମ ଅନୁଯାୟୀ, କୌଣସି ଡକ୍ୟୁମେଣ୍ଟ ଦାଖଲ କରିବାର ଆବଶ୍ୟକତା ରହିବ ନାହିଁ। ଟଙ୍କା ଉଠାଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ହେବ, ଯାହା ଦାବି ସମାଧାନକୁ ତ୍ୱରାନ୍ୱିତ କରିବ। ଏହା ସହିତ, ଅପରିପକ୍ୱ ଚୂଡ଼ାନ୍ତ ସମାଧାନ ପାଇଁ ଅବଧି ୨ ମାସରୁ ୧୨ ମାସକୁ ବୃଦ୍ଧି କରାଯାଇଛି ଏବଂ ଚୂଡାନ୍ତ ପେନସନ ଉଠାଣ ଅବଧି ୨ମାସରୁ ୩୬ ମାସକୁ ବୃଦ୍ଧି କରାଯାଇଛି।

# ରାଜ୍ୟରେ ନିର୍ଯ୍ୟାତିତା ଓଡ଼ିଆ ଝିଅଙ୍କୁ ନ୍ୟାୟ ଦେବାରେ ସରକାର ଉଦାସୀନ କାହିଁକି: ବିଜେଡି

ଭୁବନେଶ୍ୱର,୧୩।୧୦(ସମିସ): ପଶ୍ଚିମବଙ୍ଗ ଦୁର୍ଗାପୁରଠାରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଓଡ଼ିଶା ସରକାର ତତ୍ପରତା ଦେଖାଉଛନ୍ତି। ଏହା ସ୍ୱାଗତଯୋଗ୍ୟ। ମାତ୍ର, ଓଡ଼ିଶାରେ ଘଟୁଥିବା ଅନେକ ମହିଳା ନିର୍ଯ୍ୟାତନା ମାମଲାରେ ରାଜ୍ୟ ବିଜେପି ସରକାରଙ୍କ କାହିଁକି ସେଭଳି ତତ୍ପରତା ଦେଖିବାକୁ ମିଳୁନାହିଁ ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି।

ବିଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ମହିଳା ନିର୍ଯ୍ୟାତନା ଘଟଣା ଅହେତୁକ ବୃଦ୍ଧି ପାଇଛି। କିନ୍ତୁ ଏହି ସବୁ ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ରାଜ୍ୟ ସରକାର ଉଦାସୀନ ରହୁଥିବା ଦେଖିବାକୁ ମିଳୁଛି। ଅତ୍ୟନ୍ତ ସମ୍ବେଦନଶୀଳ ଘଟଣାଗୁଡ଼ିକୁ ଚାପି ଦେବାକୁ ଉଦ୍ୟମ କରାଯାଉଛି। ପଶ୍ଚିମବଙ୍ଗ ଘଟଣାରେ ଓଡ଼ିଶା ସରକାର ଯେପରି ତତ୍ପରତା ଦେଖାଇଛନ୍ତି, ସେପରି ତତ୍ପରତା ଓଡ଼ିଶାରେ ଘଟୁଥିବା ମହିଳା ନିର୍ଯ୍ୟାତନା ଘଟଣାରେ ଦେଖିବାକୁ ମିଳୁନାହିଁ।

■ ପଶ୍ଚିମବଙ୍ଗ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ନିନ୍ଦନୀୟ
■ ରାଜ୍ୟର ଚର୍ଚ୍ଚିତ ମହିଳା ନିର୍ଯ୍ୟାତନା ଘଟଣାରେ ମଧ୍ୟ ସରକାରଙ୍କ ତତ୍ପରତା ଦେଖିବାକୁ ମିଳୁନାହିଁ
■ ଓଡ଼ିଶାର ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ନାହିଁ

ପଶ୍ଚିମବଙ୍ଗ ଘଟଣାରେ ଜାତୀୟ ମହିଳା କମିସନ ଆସିଥିବା ବେଳେ ଓଡ଼ିଶାର ମହିଳା କମିସନ୍ ମଧ୍ୟ ପଶ୍ଚିମବଙ୍ଗ ଗସ୍ତ କରୁଛନ୍ତି। କିନ୍ତୁ ଓଡ଼ିଶାରେ ଘଟିଥିବା ସମ୍ବେଦନଶୀଳ ମହିଳା ନିର୍ଯ୍ୟାତନା ଘଟଣାରେ ଜାତୀୟ ମହିଳା କମିସନ ଆସିବା ତ ଦୂରେ ଥାଉ, ରାଜ୍ୟ ମହିଳା କମିସନ ମଧ୍ୟ ଗୁରୁତ୍ୱ ଦେଉନାହାନ୍ତି। ରାଜ୍ୟରେ ଗତ ୧୪ମାସ ଭିତରେ ୩୭,୬୧୧ ମହିଳା ନିର୍ଯ୍ୟାତନା ଘଟଣା ଘଟିଥିଲା ବେଳେ ସରକାର ନିଦାବିଷ୍ଟୁ ସାଜିଛନ୍ତି। ଡ. ମହାନ୍ତି କହିଛନ୍ତି, ରାଜ୍ୟରେ ଗୋପାଳପୁର ଗଣଦୁଷ୍କର୍ମ ଘଟଣା, ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା, ବଲାଙ୍ଗୀ ଛାତ୍ରୀ ପୋଡ଼ି ଘଟଣା, ବାଲିହରଚଣ୍ଡୀ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଓ ଜାତୀୟ ଗଣମାଧ୍ୟମରେ ସ୍ଥାନ ପାଇଥିଲେ ମଧ୍ୟ ଜାତୀୟ ମହିଳା କମିସନଙ୍କ ଦେଖା ମିଳିନଥିଲା। ସେହିପରି ରାଜ୍ୟ ମହିଳା କମିସନଙ୍କର ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ନଜରକୁ ଆସିନଥିଲା।

ଏହାବ୍ୟତୀତ, ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ଉପରେ ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ଉପରେ ସେ ଉଭୟ ଜାତୀୟ ଓ ରାଜ୍ୟ ମହିଳା କମିସନଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଉଭୟଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଓଡ଼ିଶାରେ ବାସ କରୁଥିବା ମହିଳାଙ୍କ ସହ ରାଜ୍ୟ ବିଜେପି ସରକାର କାହିଁକି ପାତରଅନ୍ତର କରୁଛନ୍ତି? ଗୋପାଳପୁର ଗଣଦୁଷ୍କର୍ମ ଘଟଣା ହେଉ କି ସୌମ୍ୟାଶ୍ରୀ ଘଟଣା, ବଲାଙ୍ଗୀ ଛାତ୍ରୀ ପୋଡ଼ି ଘଟଣା ହେଉ କି ବାଲି ହରଚଣ୍ଡୀରେ ଗଣଦୁଷ୍କର୍ମ ଘଟଣା; ରାଜ୍ୟ ସରକାର ପୀଡ଼ିତା ଓ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନରେ ପଛଘୁଞ୍ଚା କାହିଁକି ଦେଉଛନ୍ତି ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି।


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-108 ♦TUESDAY ♦14 OCTOBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୦୮ ♦ମଙ୍ଗଳବାର ♦୧୪ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ତିନି ଅର୍ଥଶାସ୍ତ୍ରୀଙ୍କୁ ନୋବେଲ



**ଷ୍ଟକ୍‌ହାମ, ୧୩ା୧୦ (ଏଜେନ୍ସି):** ଚଳିତ ବର୍ଷ ପାଇଁ ଅର୍ଥନୀତିରେ ତିନି ଜଣ ଅର୍ଥଶାସ୍ତ୍ରୀଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଆମେରିକାର ଜୋଏଲ ମୋକିର , ପିଟର ହାଭିଟ ଏବଂ ବ୍ରିଟେନର ଫିଲିପ ଏଘିୟାନଙ୍କୁ ଡିସେମ୍ବର ୧୦ରେ ଏହି ବଡ଼ ସମ୍ମାନ ଦିଆଯିବ। ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ ନବୋନ୍ମେଷ ଦ୍ୱାରା କେମିତି ଆର୍ଥିକ ବିକାଶର ଦ୍ୱାର ଖୋଲିଥାଏ ତାହା ଏହି ଅର୍ଥଶାସ୍ତ୍ରୀମାନେ ଦର୍ଶାଇ ଥିଲେ। ପ୍ରଯୁକ୍ତିବିଦ୍ୟା ଦ୍ରୁତଗତିରେ ବଦଳି ଥାଏ। ଏହା ସମସ୍ତଙ୍କ ଉପରେ ପ୍ରଭାବ ପକାଇ ଥାଏ। ଉତ୍ପାଦ ଏବଂ ଉତ୍ପାଦନର ନୂଆ ଉଦ୍ଭାବନା ପୁରୁଣାକୁ ବଦଳାଇ ଦେଇଥାଏ। ଏହି ପ୍ରକ୍ରିୟା ଅନବରତ ଭାବେ ଜାରି ରହିଥାଏ। ଏହି ଧାରା କେବେ ବନ୍ଦ ନ ହୋଇ ଆର୍ଥିକ ବିକାଶର ଆଧାର ହୋଇ ରହିଛି। ଏହା ଦ୍ୱାରା ବିଶ୍ୱବାସୀଙ୍କ ଜୀବନର ଗୁଣବତ୍ତା, ସ୍ୱାସ୍ଥ୍ୟ ଏବଂ ଜୀବନଧାରଣର ସ୍ତର ବଦଳି ଥାଏ। ଏହି ନୋବେଲ ▶ପୃଷ୍ଠା-୭

# ପାକିସ୍ତାନରେ 'ଗାଜା ଶାନ୍ତି ଚୁକ୍ତି' ନିଆଁ

## ପୁଲିସ ଗୁଳିରେ ୨୦୦ ମୃତ, ୧୫୦୦ ଆହତ



■ **ଇସଲାମାବାଦ୍, ୧୩।୧୦ (ଏଜେନ୍ସି):** ପାକିସ୍ତାନରେ ଗାଜା ଶାନ୍ତି ଚୁକ୍ତି ଯୋଜନାକୁ ବିରୋଧ କରି ଗତ ୫ ଦିନ ହେବ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏହି ବିକ୍ଷୋଭ ଏବେ ହିଂସାର ଉଗ୍ର ରୂପ ନେଇଛି। ବିକ୍ଷୋଭକାରୀଙ୍କ ଉପରକୁ ପୁଲିସ ଗୁଳି ଚଳାଇଛି। ଏଥିରେ ୨୦୦ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୫୦୦ ଲୋକ ଆହତ ହୋଇଛନ୍ତି।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗାଜା ଶାନ୍ତି ଯୋଜନାକୁ ପାକିସ୍ତାନ ପ୍ରଥମେ ସମର୍ଥନ କରିଥିଲା। ଏହାକୁ ନେଇ ପାକିସ୍ତାନରେ ବିଭିନ୍ନ ରାଜନୈତିକ ଦଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦ ଜଣାଇ ତେହେରିକ-ଇ- ଲାବେକ ପାର୍ଟି (ଟିଏଲ୍‌ପି) ରାଜଧାନୀ ଇସଲାମାବାଦ ଘେରାଉ କରିଛି। ଏହାର ଲକ୍ଷାଧିକ ସମର୍ଥକ ଇସଲାମାବାଦରେ ଆମେରିକାର ଦୂତାବାସ ସମ୍ମୁଖରେ ବିକ୍ଷୋଭ କରିବାକୁ ଯୋଜନା କରିଥିଲେ। କିନ୍ତୁ ପ୍ରଶାସନ ଏଥିପାଇଁ ଅନୁମତି ନଦେବାରୁ ସେମାନେ ଇସଲାମାବାଦ ବାହାରେ ଅଟକି ରହିଛନ୍ତି। ବିକ୍ଷୋଭକାରୀ ହିଂସାରେ ମାତିଥିବାରୁ ସେମାନଙ୍କୁ ଅଟକାଇବାକୁ ଯାଇ ପୁଲିସ ପକ୍ଷରୁ ଗୁଳିମାଡ଼ କରାଯାଇଛି। ଏଥିରେ ୨୦୦ ଲୋକ ନିହତ ହୋଇଥିବା (ଟିଏଲ୍‌ପି) ଦାବି କରିଛି। ଏଥିରେ ସଂଗଠନର ମୁଖ୍ୟ ସାଦ ହୁସେନ ରିଜ୍‌ଭି ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେ ଲାହୋରରୁ ଇସ୍‌ଲାମାବାଦ୍ ପର୍ଯ୍ୟନ୍ତ ଇସ୍ରାଏଲ ବିରୋଧୀ ବିକ୍ଷୋଭର ନେତୃତ୍ୱ ନେଉଥିବା ବେଳେ ପୁଲିସ ଗୁଳିରେ ଆହତ ହୋଇଛନ୍ତି। ତାଙ୍କୁ ନିକଟସ୍ଥ ମେଡିକାଲ ସେଣ୍ଟରକୁ ନିଆଯାଇଛି ଓ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ତେବେ ଏହି ଘଟଣା କେଉଁଠି ହୋଇଛି, କେତେ ସଂଖ୍ୟାରେ ଲୋକ ମରିଛନ୍ତି ସେ ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ସଂଘର୍ଷ ।।ରେ ଦୁଇଜଣ ପୁଲିସ ଅଧିକାରୀ ମଧ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି।

## ଗାଜାରେ ହମାସ୍-ଆଦିବାସୀ ସଂଘର୍ଷ

### ୬୪ ମୃତ, ପାଲେଷ୍ଟାଇନ୍ ସାମ୍ବାଦିକ ନିହତ

■ **ଗାଜା ସିଟି, ୧୩।୧୦(ଏଜେନ୍ସି):** ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହେବା ପରେ ଶାନ୍ତି ପ୍ରତିଷ୍ଠାର ବାଟ ଫିଟିଛି। କିନ୍ତୁ ଏତିକିବେଳେ ଆଉ ଏକ ସଂଘର୍ଷର ସୂତ୍ରପାତ ହୋଇଛି। ଗାଜା ସିଟିରେ ରବିବାର ହମାସ ଓ ଦୋଘମୁଶ ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁଁ ୬୪ ଜଣ ମୃତ୍ୟୁବରଣ କରିଛନ୍ତି। ଏଥିରେ ୫୨ ଦୋଘମୁଶ ଓ ୧୨ ଜଣ ହମାସ ଯୋଦ୍ଧା ସାମିଲ ରହିଛନ୍ତି। ହମାସର ବରିଷ୍ଠ ଅଧିକାରୀ ବାସେମ ନାଇମ୍ ଏହି ସଂଘର୍ଷ ମୃତ୍ୟୁବରଣ କରିଛନ୍ତି ବୋଲି ହମାସ ଟେଲିଭିଜନ ତରଫରୁ କୁହାଯାଇଛି। ଏଥିରେ ପାଲେଷ୍ଟାଇନ୍ ସମ୍ବାଦିକ ସାଲେହ ଅଲଜାଫ୍ରାଇ ମଧ୍ୟ ଗୁଳିର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଏଥିସହ ଗାଜା ଯୁଦ୍ଧରେ ଏପର୍ଯ୍ୟନ୍ତ ୨୭୦ ସାମ୍ବାଦିକ ପ୍ରାଣ ହରାଇଛନ୍ତି। ସବ୍ରା ଅଞ୍ଚଳରେ ଥିବା ଦୋଘମୁଶ ଆଦିବାସୀଙ୍କ ଠିକଣା ଉପରେ ହମାସ ଆକ୍ରମଣ କରିବାର ଏହି ସଂଘର୍ଷର ସୂତ୍ରପାତ ହୋଇଥିଲା। ଅସ୍ତ୍ରବିରତି ଲାଗୁ ହେବାର ଫାଇଦା ଉଠାଇ ହାମାସ ଯୋଜନାବଦ୍ଧ ଭାବେ ଏହି ଆକ୍ରମଣ କରିଥିଲା ବୋଲି ଦୋଘମୁଶ୍ ଆଦିବାସୀ ସମ୍ପ୍ରଦାୟ ତରଫରୁ ଅଭିଯୋଗ କରାଯାଇଛି। ଯେଉଁ ମିଲିସିଆ ସଦସ୍ୟ ଓ ଅପରାଧୀ ଏହି ରକ୍ତପାତରେ ସାମିଲ ନାହାନ୍ତି ସେମାନେ ରବିବାର ସୁଦ୍ଧା ଆତ୍ମସର୍ମପଣ କରିବାକୁ ହମାସ ନିର୍ଦ୍ଦେଶ ଦେଇଛି। ନହେଲେ ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି କୁହାଯାଇଛି। ଏହାପୂର୍ବରୁ ୨୦୨୪ରେ ହମାସ ଦୋଘମୁଶ ନେତାଙ୍କୁ ହତ୍ୟା କରିଥିଲା। ଦୋଘମୁଶ ହେଉଛି ଏକ ତୁର୍କୀ ଶବ୍ଦ। ଏହାର ଅର୍ଥ ହେଉଛି ଯେଉଁମାନେ ତୁର୍କୀରେ ଜନ୍ମଗ୍ରହଣ କରିଛନ୍ତି। ବିଂଶ ଶତାବ୍ଦୀରେ ଏହି ଆଦିବାସୀ ତୁର୍କୁ ଆସ ଗାଜାରେ ସ୍ଥାୟୀ ଭାବେ ବସତି ସ୍ଥାପନ କରିଥିଲେ। ଆଲକାଏଦା ସହ ଦୋଘମୁଶ ମିଲିସିଆଙ୍କ ଘନିଷ୍ଠତା ରହିଥିବା ଅଭିଯୋଗ ହୋଇଆସୁଛି।

## ରାଜଧାନୀ ଅଶାନ୍ତ; ନବୀନଙ୍କ କ୍ଷୋଭ

### ରାଜ୍ୟରେ ଖୋଲାଖୋଲି ଆତଙ୍କରାଜ; ଲୋକଙ୍କୁ ସୁରକ୍ଷା ଯୋଗାଇବ କିଏ ?



**ଗୋଟିଏ ଦିନରେ ଭୁବନେଶ୍ୱରରେ ଘଟିଛି ଏକାଧିକ ଅପରାଧିକ ଘଟଣା**

**ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ସଜାଗ ନ ହେବା ଆଶ୍ଚର୍ଯ୍ୟର ବିଷୟ**

■ **ଭୁବନେଶ୍ୱର,୧୩ା୧୦(ସମିସ):** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୁଣି କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟ ରାଜଧାନୀ ଅଶାନ୍ତ ଥିବାବେଳେ ଆତଙ୍କରାଜ ଖୋଲାଖୋଲି ବୃଦ୍ଧି ପାଇଛି।ଏପରିସ୍ଥଳେ ସାଧାରଣ ଲୋକଙ୍କୁ କିଏ ସୁରକ୍ଷା ଦେବ ବୋଲି ନବୀନ ସାମାଜିକ ଗଣମାଧମରେ ପ୍ରଶ୍ନ କରିଛନ୍ତି।

ନବୀନ କହିଛନ୍ତି ଯେ ଗୋଟିଏ ଦିନରେ ଭୁବନେଶ୍ୱରରେ ଜଣେ ଏମ୍ସ କର୍ମଚାରୀଙ୍କୁ ଗୁଳି କରି ନିର୍ମମ ହତ୍ୟା, ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଚନ୍ଦ୍ରଶେଖରପୁରରେ ବିଭତ୍ସ ହତ୍ୟାକାଣ୍ଡ ସହ ରେଳ ଷ୍ଟେସନରେ ଜନୈକ ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ଶିକ୍ଷକଙ୍କୁ ଗୋଡ଼ାଇ ଗୋଡ଼ାଇ ମରଣାନ୍ତକ ଆକ୍ରମଣ ଘଟଣା ସାଧାରଣ ଲୋକଙ୍କୁ ଆତଙ୍କିତ କରିଛି। କେବଳ ଘଟଣା ଘଟିବା ପରେ ବିଜେପି ସରକାରରେ ପୁଲିସ ପ୍ରଶାସନ କ୍ରିୟାଶୀଳ ହେବା ଅପରାଧୀଙ୍କୁ ଭୟଶୂନ୍ୟ କରିଦେଉଛି। କଥା କଥାକେ ଦିବାଲୋକରେ ଗୁଳି ଫୁଟୁଛି, ଅପରାଧୀ ଅବାଧ ଭାବେ ବୁଲୁଛନ୍ତି ବୋଲି ନବୀନ ଉଦବେଗ ପ୍ରକାଶ କରିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ୁଥିବାବେଳେ ବିଜେପି ସରକାର ସଜାଗ ନ ହେବା ସବୁଠୁ ଆଶ୍ଚର୍ଯ୍ୟର ବିଷୟ। ଲୋକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ଏକ ଭୟମୁକ୍ତ ପରିବେଶ ସୁନିଶ୍ଚିତ କରିବା ପାଇଁ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

## ଆଇଆରସିଟିସି ଦୁର୍ନୀତି ମାମଲା

### ଲାଲୁ, ରାବ୍‌ଡ଼ି, ତେଜସ୍ୱୀଙ୍କୁ ଝଟ୍‌କା

■ **ପାଟନା, ୧୩।୧୦ (ଏଜେନ୍ସି):** ଆସନ୍ତା ମାସ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କର ପୁତ୍ର

**୩ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ ପାଇଁ କୋର୍ଟ ନିର୍ଦ୍ଦେଶ**



ତେଜସ୍ୱୀ ଯାଦବଙ୍କୁ ଲାଗିଛି କୋର୍ଟ ଝଟକା। ଆଇଆର୍‌ସିଟିସି ଦୁର୍ନୀତି ମାମଲାରେ ଲାଲୁ, ତାଙ୍କର ପତ୍ନୀ ରାବଡ଼ି ଦେବୀ ଏବଂ ପୁଅ ତେଜସ୍ୱୀ ଯାଦବଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବା ଲାଗି ଦିଲ୍ଲୀର ଏକ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀର ରାଉଜ ଆଭେନ୍ୟୁକୋର୍ଟ ଆଜି ଏହି ୩ ଜଣଙ୍କୁ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ (ଆଇଆରସିଟିସି) ଦୁର୍ନୀତି ମାମଲାରେ ଅଭିଯୁକ୍ତ ବୋଲି ବିଚାର କରିଛି। ଏହି ମାମଲାରେ ଲାଲୁ ବଡ଼ ଧରଣର ଷଡ଼ଯନ୍ତ୍ର କରିବା ସହିତ ନିଜ ପଦବୀରୁ ଦୁରୁପଯୋଗ କରିଥିବା କୋର୍ଟ କହିଛନ୍ତି। ଲାଲୁଙ୍କ ଜାଣତରେ ଏହି ଟେଣ୍ଡର ଦୁର୍ନୀତିର ପୂରା ଷଡ଼ଯନ୍ତ୍ର ରଚାଯାଇଥିଲା। ଟେଣ୍ଡର ପ୍ରକ୍ରିୟାରେ ଲାଲୁ ହସ୍ତକ୍ଷେପ କରିଥିଲେ। ଏହାଦ୍ୱାରା ଲାଲୁଙ୍କ ପରିବାର ପ୍ରତ୍ୟକ୍ଷ ଭାବେ ଯଥେଷ୍ଟ ଲାଭବାନ ହୋଇଥିଲା ବୋଲି କୋର୍ଟ କହିଛନ୍ତି।

ଅପରପକ୍ଷରେ ଲାଲୁ ଏହି ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଛନ୍ତି। ଏହି ମାମଲା ରାଞ୍ଚି ଓ ପୁରୀସ୍ଥିତ ଆଇଆର୍‌ସିଟିସିର ଦୁଇଟି ହୋଟେଲର ଟେଣ୍ଡର ସହିତ ଦୁର୍ନୀତି ସହିତ ଜଡ଼ିତ ରହିଛି।

୨୦୦୪ରୁ ୨୦୦୯ ମଧ୍ୟ ଲାଲୁ କେନ୍ଦ୍ରରେ ୟୁପିଏ ସରକାରରେ ରେଳମନ୍ତ୍ରୀ ଥିବା ବେଳେ ଏହି ଦୁର୍ନୀତି ହୋଇଥିଲା ବୋଲି କୁହାଯାଇଛି। ଆଗକୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହି ମାମଲା ଲାଲୁ ପରିବାର ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ଅନୁମାନ କରାଯାଉଛି। ଯଦି ଆଇଆରସିଟିସି ମାମଲାରେ ୩ ଜଣଙ୍କ ବିରୋଧରେ ସବୁ ଅଭିଯୋଗ ପ୍ରମାଣିତ ହେଲା, ତେବେ ୩ ଜଣଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ହୋଇପାରେ। ▶ପୃଷ୍ଠା-୭

## ନୂଆପଡ଼ା ଉପନିର୍ବାଚନ


### ଗେଜେଟ୍ ବିଜ୍ଞପ୍ତି ପ୍ରକାଶିତ

■ **ଭୁବନେଶ୍ୱର, ୧୩ା୧୦ (ସମିସ):** ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡା ଉପନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ପକ୍ଷରୁ ସୋମବାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସହ ଆଜିଠାରୁ ବିଧିବଦ୍ଧ ଭାବେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ ତାରିଖ ଧାର୍ଯ୍ୟ ହୋଇଥବା ବେଳେ୨୨ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ହେବ।



ସେହିପରି ୨୪ ତାରିଖ(ଶୁକ୍ରବାର) ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ତେବେ ନାମାଙ୍କନର ପ୍ରଥମ ଦିନରେ କୌଣସି ପ୍ରାର୍ଥୀ ନାମାଙ୍କନ କରିନଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

ବିଜ୍ଞପ୍ତି ଅନୁଯାୟୀ ନଭେମ୍ବର ୧୧ ତାରିଖ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଚାଲିବ। ଅନ୍ୟପକ୍ଷରେ ବାମପନ୍ଥୀ ଉଗ୍ରବାଦୀ ପ୍ରବଣ ଅଞ୍ଚଳର ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ। ନଭେମ୍ବର ୧୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।



## ଜାତୀୟ ରାଜଧାନୀରେ ଜଳ ସଙ୍କଟ

**ବନ୍ଦ ହେବ ଦିଲ୍ଲୀର ୩ ବଡ଼ ମଲ୍**

**ରେସ୍ତୋରାଁ, ଶୌଚାଳୟରେ ପାଣି ନାହିଁ**



■ **ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି):** ଦକ୍ଷିଣ ଦିଲ୍ଲୀର ୩ଟି ପ୍ରମୁଖ ମଲକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଡିଏଲ୍‌ଏଫ୍ ପ୍ରୋମେନାଡ଼, ଡିଏଲ୍‌ଏଫ୍ ଏମ୍ପୋରିଓ, ଆମ୍ବିଏନ୍ସ ମଲ୍ ଉକ୍ତ ଜଳାଭାବ କାରଣରୁ ବନ୍ଦ ହେବାକୁ ଯାଉଛି। ପ୍ରଥମଥର ପାଇଁ ରାଜଧାନୀ ଦିଲ୍ଲୀରେ ଏଭଳି ଜଳାଭାବ ସୃଷ୍ଟି ହୋଇଛି। ଏହି ମଲ୍‌ଗୁଡିକୁ ବିଦେଶୀ ପର୍ଯ୍ୟଟକ, ସେଲିବ୍ରିଟି ଓ ନାମୀଦାମୀ ଲୋକମାନେ ବିଶ୍ୱସ୍ତରୀୟ ବ୍ରାଣ୍ଡର ଜିନିଷ ସପିଂ କରିବାକୁ କରିବାକୁ ଆସିଥାନ୍ତି। ପାଣିର ଅଭାବ କାରଣରୁ ଏବେ ମଲ୍‌କୁ ଚଳାଇବା କଷ୍ଟକର ହୋଇପଡ଼ିଛି। ଜଳ ଯୋଗାଣ ବନ୍ଦ ହେବା କାରଣରୁ ମଲ୍ ମାଲିକମାନେ ଏହାକୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ବିଚାର କରୁଛନ୍ତି। ଜଳ ଯୋଗାଣ ବନ୍ଦ ହେବା କାରଣରୁ ମଲ୍‌ର ଟାଙ୍କିଗୁଡିକ ଖାଲି ରହିଛି। ୭୦ ପ୍ରତିଶତ ଟଏଲେଟ ବନ୍ଦ ହୋଇଛି। ରେସ୍ତୁରାଁରେ ବାସନ ମାଜିବା ଓ ସଫା କାର୍ଯ୍ୟକ୍ରମ ମଧ୍ୟ ବନ୍ଦ ରହିଛି। ଗ୍ରାହକଙ୍କୁ ପାଣି ପିଇବା ପାଇଁ ଦେବାରେ ମଧ୍ୟ ରେସ୍ତୁରାଁଗୁଡିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ଗ୍ରାହକଙ୍କୁ ଠିକ୍‌ରେ ସେବା ଦିଆଯାଇ ପାରୁନାହିଁ। ଯଦି ଆଗାମୀ ଦୁଇ, ତିନ ଦିନ ମଧ୍ୟରେ ଜଳ ଯୋଗାଣ ଠିକ୍ ଭାବେ ନ ହୁଏ, ତେବେ ମଲଗୁଡ଼ିକୁ ବନ୍ଦ କରାଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏପରି ହେଲେ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ହେବ। ତେବେ କେବେ ଜଳ ଯୋଗାଣ ସମସ୍ୟା ଦୂର ହେବ ସେ ନେଇ ଦିଲ୍ଲୀ ଜଳ ବୋର୍ଡ ତରଫରୁ ଏପର୍ଯ୍ୟନ୍ତ କିଛି କୁହାଯାଇନାହିଁ। ଆଗକୁ ଦିପାବଳୀ ଆସୁଛି। ତେଣୁ ପାର୍ବଣ ଋତୁ ପୂର୍ବରୁ ଏହି ସମସ୍ୟାର ସମାଧାନ ହେବା ନିହାତି ଜରୁରୀ ହୋଇପଡ଼ିଛି।

## ଜାତୀୟ ରାଜପଥ ଅବରୋଧ କଲେ ମହିଳା

# ପାଣି ପାଇଁ ଯିବାକୁ ପଡୁଛି ୨କିଲୋମିଟର

ଯଖପୁରା/ଦାନଗଦି,୧୩।୧୦(ସମିସ)



ଆଜି ଦାନଗଦି ବ୍ଲକ ଅନ୍ତର୍ଗତ ଚାନ୍ଦିଆ ପଞ୍ଚାୟତ ଗୋଲାଗାଁର ଶତାଧିକ ମହିଳା ପାଣିର ସୁବିଧା ନଥିବାର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଆଜି ଦିନ ୩ଟା ବେଳେ ଗୋଲାଗାଁ ଗ୍ରାମର ଶତାଧିକ ମହିଳା ଗରା, ମାଠିଆ, ଡେକଚି ଆଦି ଧରି ୫୩ନମ୍ବର ଜାତୀୟ ରାଜପଥ ଉପର ବସି ରହିଥିଲେ। ସେମାନଙ୍କ ଅଭିଯୋଗ କରିଥିଲେ କି ୪୦ ପରିବାର ବସବାସ କରୁଥିବା ଏହି ଗ୍ରାମରେ ଗୋଟିଏ ମାତ୍ର ନଳକୂପ ରହିଛି। ଯାହା ୩୦୦ ଗ୍ରାମବାସୀ ପାଇଁ ଗୋଟିଏ ନଳକୂପ ଥିବାରୁ ପାଣିର ଅଭାବ ପରିଲକ୍ଷିତ ହେଉଛି। ଯେଉଁ ଗୋଟିଏ ନଳକୂପ ରହିଛି; ତାହା ମଧ୍ୟ ପିଇବା ପାଇଁ ଉପଯୁକ୍ତ ନୁହେଁ। ନଳକୂପରୁ ଗୋଳିଆ ପାଣି ସହ ଖଣ୍ଡ ଖଣ୍ଡ ଲୁହା ଗୁଣ୍ଡ ବାହାରୁଥିବାରୁ ଏହା ପାନୀୟ ପାଇଁ ଉପଯୁକ୍ତ ନୁହେଁ। ତେଣୁ ସେମାନେ ପାନୀୟ ଜଳ ପାଇଁ ବହୁ ଦୂରକୁ ଯିବାକୁ ପଡୁଛି। ତେଣୁ ଏହାର ସମାଧାନ ନହେଲା ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ କରାଯିବା ବୋଲି ଜଣାଇଛନ୍ତି। ଦୀର୍ଘ ୩ ଘଣ୍ଟା ଅର୍ଥାତ ସାନ୍ଧ୍ୟ ୬ଟା ବେଳେ ବ୍ଲକ ପ୍ରଶାସନ ତରଫରୁ ପାନୀୟ ଜଳ ସୁବିଧା ସୁଯୋଗ ଦିଆଯିବାର ପ୍ରତିଶ୍ରୁତି ପରେ ଧାରଣାରେ ବସିଥିବା ଶତାଧିକ ମହିଳା ରାଜରାସ୍ତା ଧାରଣରୁ ଓହରି ଯାଇଥିଲେ। ବ୍ଲକ ପ୍ରଶାସନ ତରଫରୁ ଆସନ୍ତାକାଲି ଏକ ନୂତନ ନଳକୂପ ବସାଇବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ଆସନ୍ତା ୪ମାସ ମଧ୍ୟରେ ଟାଙ୍କି ତିଆରି କରାଯାଇ ସମସ୍ତ ଘରକୁ ପାଣି ଯୋଗାଇ ଦିଆଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦିଆଯାଇଛି।

## ଛାତ୍ରୀଙ୍କ ଠାରୁ ମୋବାଇଲ ଲୁଟ୍

**ପାଣିକୋଇଲି,୧୩।୧୦(ସମିସ):** ସ୍କୁଟିରେ ଆସି ଛାତ୍ରୀଙ୍କ ଠାରୁ ଲୁଟିନେଲେ ମୋବାଇଲ୍। ଆଜି ମଧ୍ୟାହ୍ନରେ ପାଣିକୋଇଲିରୁ କମ୍ପ୍ୟୁଟର କ୍ଲାସ ସାରି ଘରକୁ ସାଇକଲ ଯୋଗେ ମାଳଆନନ୍ଦପୁର ପଞ୍ଚାୟତ ବାଲିପଶି ଗ୍ରାମର ଚକ୍ରଧର ଜେନାଙ୍କ ଝିଅ ଲିଜାରାଣୀ ଘରକୁ ଫେରୁଥିଲେ। ଜାତୀୟ ରାଜପଥରୁ ବାଲିପଶି ରାସ୍ତାରେ ବିଦ୍ୟାର୍ଥୀ ସ୍କୁଲର ଅନତୀଦୂରରେ ଜଣେ ଯୁବକ ଏକ ନମ୍ବର ବିହୀନ ସ୍କୁଟିରେ ଆସି ସାଇକଲ ଆଗରେ ରଖିଥିବା ବ୍ୟାଗକୁ ନେଇ କରଦା ଆଡକୁ ପଳାଇଥିଲା। ଯାହା ଭିତରେ ତାଙ୍କର ମୋବାଇଲଟି ରହିଥିଲା। ଗ୍ରାମାଞ୍ଚଳ ରାସ୍ତାରୁ ଏଭଳି ଛିନତାଇ ଏହା ଏବେ ଛାତ୍ରୀମାନଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଛି।

## ଶିରିଡ଼ି ସାଇଙ୍କ ସାମ୍ବତ୍ସରିକ ଉତ୍ସବ

**ବିଞ୍ଝାରପୁର,୧୩।୧୦(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ରଣପୁର ପଞ୍ଚାୟତ କଣ୍ଟିପୁରସ୍ଥିତ ଶିରିଡି ସାଇ ସେବକ ମଣ୍ଡଳୀ ଦାତବ୍ୟ ସଂସ୍ଥା ପକ୍ଷରୁ ଶିରିଡ଼ି ସାଇଙ୍କ ୧୭ତମ ସାମ୍ବତ୍ସରିକ ଉତ୍ସବ ଆସନ୍ତା ନଭେମ୍ବର ୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଉତ୍ସବ ନିମନ୍ତେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ଏହି ଉତ୍ସବ ୪ ଦିନ ଧରି ଚାଲିବାକୁ ଥିଲା ବେଳେ ଶୁଭାରମ୍ଭ ଦିନ ଅଙ୍କୁରାରୋପଣ ଓ ଶ୍ରଦ୍ଧାଳୁଙ୍କ ସମାବେଶ ସହିତ କଳସ ଯାତ୍ରା, ମହାଯଜ୍ଞ, ସ୍ଥାନୀୟ ଅଞ୍ଚଳର ସମସ୍ତ ବିଦ୍ୟାଳୟ, କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଭା ପ୍ରତିଯୋଗିତା, ସାଇ ଅମୃତ ପତ୍ରିକାର ଉନ୍ମୋଚନ, ବ୍ୟାପକ ବୃକ୍ଷରୋପଣ, ସ୍ଥାନୀୟ ସନ୍ଥ ସମ୍ମିଳନୀ, ଚକ୍ଷୁ ପରୀକ୍ଷା ଶିବିର ଭଳି ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ଶିରିଡି ସାଇ ସେବକ ମଣ୍ଡଳୀ ତଥା ଦାତବ୍ୟ ସଂସ୍ଥାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପବିତ୍ର ମୋହନ ସାମଲ ସୂଚନା ପ୍ରଦାନ କରିଛନ୍ତି।

## ଶ୍ରୀବିରଜା ସେବା ସମିତିର ବୈଠକ

**ଯାଜପୁର,୧୩।୧୦(ସମିସ):** ଶ୍ରୀବିରଜା ସେବା ସମିତିର ଅକ୍ଟୋବର ମାସର ବୈଠକ ଅପରାହ୍ନରେ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ବିରଜା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ଗତ ରଥଯାତ୍ରାରେ ସେବା ସମିତି କାର୍ଯ୍ୟକ୍ରମର ଆୟ, ବ୍ୟୟର ହିସାବ ଉପସ୍ଥାପନ କରିବାକୁ କହିଥିଲେ। ସମ୍ପାଦକ ଓ ହିସାବ ନିରୀକ୍ଷକ ହରିହର ବେହେରା ଆୟ, ବ୍ୟୟର ହିସାବ ପ୍ରଦାନ କରିଥିଲେ ଓ ବଳକା ଅର୍ଥ ବ୍ୟାଙ୍କରେ ଜମା ରଖିବା ନିଷ୍ପତ୍ତି ହୋଇଥିଲା। ଏଣିକି ରଥଯାତ୍ରାର ଧାରା ବିବରଣୀ ପ୍ରଦାନ ପାଇଁ କେବଳ ବିରଜା ତତ୍ତ୍ୱ ଉପରେ ଜ୍ଞାନ ଥିବା ପ୍ରବଚକମାନଙ୍କୁ ନିମନ୍ତ୍ରଣ କରାଯିବା ପାଇଁ ସ୍ଥିର କରାଗଲା। ସଭାରେ ଦେବୀ ପ୍ରସାଦ ପାଣି, ମିହିର ରଞ୍ଜନ ନାୟକ, ନାରାୟଣ ସେଠୀ, ଗଦାଧର ରାଉତ, ସୁବାସ ଚନ୍ଦ୍ର ମହାପାତ୍ର, ରାମକୃଷ୍ଣ ବେହୁରିଆ, ଧନଞ୍ଜୟ କେଶରୀ ରାଉତରାୟ, ବିଷ୍ଣୁ ଚରଣ ଲେଙ୍କା, ଅଭିମନ୍ୟୁ ରାଉତ, ସୁଦର୍ଶନ ସାମଲ, ହରିଶ୍ଚନ୍ଦ୍ର ପଣ୍ଡା, ଜଗତ୍ ନାୟକ, ବିରଜା ପ୍ରସାଦ ପାଣି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ନୃସିଂହ ଚରଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରୁଢ଼ିଆ ଜଳସମ୍ପଦ କାର୍ଯ୍ୟାଳୟରୁ ଚୋରି



**ପାଣିକୋଇଲି,୧୩।୧୦(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ରୁଢ଼ିଆ ଜଳସମ୍ପଦ କାର୍ଯ୍ୟାଳୟରୁ ଚୋରି ହେବା ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ରୁଢ଼ିଆ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ବିପନ କୁମାର ସେଠୀ ଅଭିଯୋଗ ପରେ ଘଟଣାସ୍ଥଳେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶଯେ ରୁଢ଼ିଆ ଆନିକଟ ନିକଟରେ ଜଳସମ୍ପଦ ବିଭାଗର କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟ ରବିବାର ରାତ୍ରୀରେ ଛୁଟିଥିବା ବେଳେ କେହି ଦୃବୃର୍ତ୍ତ ଝରକା ଗ୍ରୀଲ୍ ତାଡ଼ି ଚୋରି କରିଛି। ଷ୍ଟିଲ ବାଲଟି, ଲୁହା ପାଇପ, ପାଣିପାଇପ ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଦର୍ଶାଯାଇଛି। ପୂର୍ବରୁ ମଧ୍ୟ ବାରମ୍ବାର ଏହି କାର୍ଯ୍ୟାଳୟରୁ ଚୋରି ହେବା ନେଇ ନଜିର ରହିଛି।

## ବରୀ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



**ବରୀ,୧୩।୧୦(ସମିସ):** କଳା ସାହିତ୍ୟ ସଂସ୍କୃତି ପରିଷଦ, ବରୀ ଆନୁକୂଲ୍ୟରେ ତୃତୀୟ ବରୀ ଲୋକ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସନ୍ଥନ ମହାବିଦ୍ୟାଳୟ, ସଭାଗୃହରେ ଅନୁଷ୍ଠାନର ସଭାପତି ଡାକ୍ତର ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ବହୁ କବି, ଲେଖକ, ସାମ୍ବାଦିକ, ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇ ଲୋକ ମହୋତ୍ସବର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ବରୀ ଅଞ୍ଚଳର ସମସ୍ତ କଳାକାର, ସମାଜସେବୀ, ସ୍ୱେଚ୍ଛାସେବୀ, ସାହିତ୍ୟିକ, ବୁଦ୍ଧିଜୀବୀଙ୍କ ସହ ଓ ସ୍କୁଲ କଲେଜର ଛାତ୍ରଛାତ୍ରୀ, ସାଂସ୍କୃତିକ, ସାମାଜିକ ଓ ସାହିତ୍ୟ ଅନୁଷ୍ଠାନମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଡ଼ି ହେବା ପାଇଁ ଅନୁଷ୍ଠାନ ସମ୍ପାଦକ ସମାଜସେବୀ ସତ୍ୟରଞ୍ଜନ କର ଅନୁରୋଧ କରିଛନ୍ତି। ଉକ୍ତ ମହୋତ୍ସବ ଆସନ୍ତା ଡିସେମ୍ବର ୧୦ତାରିଖରୁ ଆରମ୍ଭ ହୋଇ ୧୫ତାରିଖ ପର୍ଯ୍ୟନ୍ତ ବରୀ ବ୍ଲକ ଅନ୍ତର୍ଗତ ବିଧାନଚନ୍ଦ୍ର ଏକାଡେମୀ ବାଲିଆପାଳ ସ୍କୁଲ ଖେଳପଡିଆରେ ଛଅ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଉକ୍ତ ଲୋକ ମହୋତ୍ସବରେ ପୁସ୍ତକ ମେଳା, ପଲ୍ଲୀଶ୍ରୀ ମେଳା ଓ ମୀନାବଜାର ସହିତ ପ୍ରତ୍ୟେକ ଦିନ ବିଭିନ୍ନ ସମାବେଶ, ସାହିତ୍ୟ ସଭା, ସଂସ୍କୃତିକ କାର୍ଯ୍ୟକ୍ରମ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବରୀ ବ୍ଲକର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୦ଜଣ ବରିଷ୍ଠ ବ୍ୟକ୍ତିବିଶେଷ ଓ ଦୁଇଟି ଅନୁଷ୍ଠାନକୁ ସମ୍ବର୍ଦ୍ଧନା ଦେବାକୁ ସ୍ଥିର ହୋଇଛି। ପ୍ରତ୍ୟେକ ସନ୍ଧ୍ୟାକୁ ଆକର୍ଷଣୀୟ କରିବା ପାଇଁ ଲୋକନୃତ୍ୟ, ଲୋକ ସଂଗୀତ, ଲୋକକଳା ସାଙ୍ଗକୁ ବିଭିନ୍ନ ନାଟକ ପରିବେଷଣ କରିବାକୁ ଓଡିଶାର ବିଭିନ୍ନ ଜିଲ୍ଲାରୁ କଳାକାରମାନଙ୍କୁ ନିମନ୍ତ୍ରଣ କରାଯିବା ବୋଲି କଳା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ କୁହାଯାଇଛି। ଉକ୍ତ ବୈଠକରେ ଗଗନ ଜେନା, ସୀତାକାନ୍ତ ପଣ୍ଡା, ଡ. ନୃସିଂହ ବେହେରା, ଆଶୁତୋଷ ପରିଡା, ହରିଶ୍ଚନ୍ଦ୍ର ଦାସ, ଅଶୋକ ସାମଲ, ଦେବବ୍ରତ ଦାସ, ସୋମନାଥ ଦ୍ୱିବେଦୀ, ମହେଶ୍ୱର ପାଲାଇ, କପିଳ ସାମଲ, ବ୍ରହ୍ମନନ୍ଦ କର, ନରେନ୍ଦ୍ର କୁମାର ପଣ୍ଡା, ସରୋଜ ଦାସ, ଅଜୟ ସାହୁ, ଲକ୍ଷ୍ମଣ କର, ପ୍ରଶାନ୍ତ ସାହୁ, ବୈଷ୍ଣମ ଚରଣ ଦାସ, ମୁରଲୀଧର ଦାସ, ଚୈତନ୍ୟ ଚରଣ ଶାନ୍ତି, ସଂଗ୍ରାମ ପଲାଇ, ଚନ୍ଦନ ସାହୁ ଓ ବିବେକାନନ୍ଦ ନାଥ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ମତାମତ ରଖିଥିଲେ। ସନ୍ଥନ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଦାଶ ଲୋକ ମହୋତ୍ସବର ଆଭିମୁଖ୍ୟ ପ୍ରକାଶ କରିଥିବା ବେଳେ ବିରୁପାକ୍ଷ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ମଙ୍ଗଳପୁର,୧୩।୧୦(ସମିସ): ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ଅଧୀନସ୍ତ ଅନ୍ନପୂର୍ଣ୍ଣା ନୋଡାଲ ଉପ୍ରା ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରର କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ମଙ୍ଗଳପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମଙ୍ଗଳପୁର ପଞ୍ଚାୟତର ସମିତିସଭ୍ୟା ସରିତା ପଣ୍ଡା, ମୁଖ୍ୟବକ୍ତା ଭାବେ କଣ୍ଟାବଣିଆ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କଳ୍ପତରୁ ସାମଲ, ସମ୍ମାନିତ ଅତିଥି ରୂପେ ଦଶରଥପୁର ବ୍ଲକର ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ ଅନ୍ନଦା ପ୍ରସାଦ ରଣା, ଥାଲକୁଡି ପଞ୍ଚାୟତ ସମିତିସଭ୍ୟା ଅର୍ଚ୍ଚନା ଦାସ, ଅନ୍ନପୂର୍ଣ୍ଣା କ୍ଲଷ୍ଟରର ସିଆର୍‌ସିସି ଗୌତମ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଚାରକ ଭାବେ ଧର୍ମାନନ୍ଦ ମଲ୍ଲିକ, ବିଜୟ ମଲ୍ଲିକ, ରଞ୍ଜନ ମହାନ୍ତି, ସାଇଶ୍ରୀ ପୃଷ୍ଟି, ପ୍ୟାରୀମୋହନ ରାଉତ, କାର୍ତ୍ତିକ ଯେନା, ସନାତନ ନାୟକ, ଭାଗୀରଥି ପୃଷ୍ଟି, ସୁରେନ୍ଦ୍ର ପଣ୍ଡା, ବିଶ୍ୱରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଦଶରଥପୁର ମଣ୍ଡଳ ଶିକ୍ଷା ଅଧିକାରୀ ଶାନ୍ତନୁ ମଲ୍ଲିକ, ସମ୍ମାନିତ ଅତିଥି ରୂପେ ଏବିଓ ନୃସିଂହ ଚରଣ ମହାନ୍ତି, ଅଜିତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ୧୭ଟି ବିଦ୍ୟାଳୟରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ୧୭ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମଟିକୁ ସରସ ସୁନ୍ଦର କରିବା ପାଇଁ ଶିକ୍ଷକ ଅଭିମନ୍ୟୁ ମଲ୍ଲିକ, ବିଜୟ ସାହୁ, ରଜତ କୁମାର ସାମଲ, ବିଜୟ ନାୟକ, ଶିକ୍ଷୟତ୍ରୀ ଏଲିଶା ପ୍ରଧାନ, ଶୁଭଲକ୍ଷ୍ମୀ ନାୟକ ପରିଚାଳନା କରିବାରେ ସହଯୋଗ କରିଥିଲେ। କ୍ଲଷ୍ଟରସ୍ତରୀୟ କୃତି ପ୍ରତିଯୋଗୀ ମାନେ ମଣ୍ଡଳ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସିଆର୍‌ସିସି ଗୌତମ ବେହେରା ସୂଚନା ଦେଇଛନ୍ତି।

## ବିରିପଟା ସ୍କୁଲରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ




**କୟାଁଗୋଲା,୧୩।୧୦(ସମିସ):** ବିରିପଟା ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଫିରୋଜ ଖାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋଟ ୧୮ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବାଶିଷ ବେହେରାଙ୍କ ସଭାପତିତତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକ ସହ ଶିକ୍ଷାଅଧିକାରିଣି ସାବିତ୍ରୀ ସେଠୀ, ମୁଖ୍ୟବକ୍ତା ଅବସର ପ୍ରାପ୍ତ ଶିକ୍ଷାଅଧିକାରୀ ଅର୍ଣ୍ଣପ୍ରସାଦ ରଣା, ଅତିଥି ମାନଙ୍କ ମଧ୍ୟରେ ଶିକ୍ଷବିତ ପ୍ରମୋଦ ସ୍ୱାଇଁ, ଅକ୍ଷୟ ଧଳ, ହିମାଂଶୁ ସାମଲ, ନିରଞ୍ଜନ ସାମଲ, ବିକାଶ ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ଧଳ ମଞ୍ଚାସୀନ ଥିଲେ। ସଭା ମଞ୍ଚ ପରିଚାଳ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଜଗବନ୍ଧୁ ଜେଠି କରିଥଲେ। ବିଦ୍ୟାଳୟ ଶିକ୍ଷକ ସତ୍ୟରଞ୍ଜନ ନାୟକ,ଲାଲବିହାରୀଜେନା, ଧୀରେନ୍ଦ୍ର କୁମାର ବିନ୍ଧାଣି, ଯୁଗଳ କିଶୋର ସିଂହ, ଶିକ୍ଷୟତ୍ରୀ ନୀଳିମାପ୍ରିୟଦର୍ଶିନୀ ଜେନା, ଶ୍ରଦ୍ଧାଞ୍ଜଳି ସାହୁ, ଜ୍ୟୋତି ଶଙ୍କର ମହାପାତ୍ର, ଶ୍ରାବଣୀ ମଲ୍ଲିକ, ସସ୍ମିତା ଜେନା, ବୈଜୟନ୍ତୀ ସାମଲ, ସସ୍ମିତା ପ୍ରିୟଦର୍ଶନୀ ଧଳ, ପ୍ରତିମା ଦାସ, ରୋଜାଲିନ ରାୟ, ଅନିଶା ଦାସ ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ।

## ନାହାନ୍ତି ଆବଶ୍ୟକ ପୁଲିସ କର୍ମଚାରୀ

# ନାନା ସମସ୍ୟା ଘେରରେ ମଙ୍ଗଳପୁର ଥାନା




କୟାଁଗୋଲା/ମଙ୍ଗଳପୁର,୧୩।୧୦(ସମିସ): ଦିନକୁ ଦିନ ବଢ଼ି ଚାଲିଛି ଅପରାଧ। କିନ୍ତୁ ଏହାକୁ ରୋକିବାକୁ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନାରେ ନାହାନ୍ତି ଆବଶ୍ୟକ ପୁଲିସ କର୍ମଚାରୀ। ପୁଲିସ କର୍ମଚାରୀ ଅଭାବ ଯୋଗୁଁ ଅଞ୍ଚଳରେ ଦିନକୁ ଦିନ ଚୋରି, ରାହାଜାନି, ଚୋରା ମଦ କାରବାର ଆଦି ବୃଦ୍ଧି ପାଉଛି। ଥାନାରେ ୨ଟି ସବ୍‌ଇନିସେକ୍ଟର ପଦବି ଓ ଗୋଟିଏ ଏଏସଆଇ ପଦ ଖାଲିପଡିଛି। ଆବଶ୍ୟକ କନଷ୍ଟେବଳ ଏବଂ ହୋମଗାର୍ଡ ପଦ ମଧ୍ୟ ଖାଲି ପଡ଼ିଛି। ମୁଖ୍ୟତଃ ଏହି ଥାନାରେ ଜଣେ ମହିଳା କନଷ୍ଟେବଳ ଥିବାରୁ ଚୋରା ମଦ ବେପାରୀଙ୍କ ଘରେ ଚଢ଼ଉ କରାଯାଇପାରୁନି। ସେହିପରି ଆବଶ୍ୟକ ପୁଲିସ ଅଭାବ ଯୋଗୁଁ ୱାରେଣ୍ଟ ଏବଂ ଅପରାଧୀଙ୍କୁ ଗିରଫ ସମ୍ଭବ ହୋଇପାରୁନାହ। ମଙ୍ଗଳପୁର ବ୍ୟସ୍ତବହୁଳ ବଜାର ଥିବାରୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ୨ କି ୩ ଜଣ ପୁଲିସ କର୍ମଚାରୀ ଉପସ୍ଥିତ ରହିଥାନ୍ତି। ଏହି ଥାନା ପରିଧି ମଧ୍ୟରେ ମଙ୍ଗଳପୁର, ଥାଲକୁଡ଼ି, ବିରିପଟା, ନିଜାମପୁର, ଖାନନଗର, ଜାଫରପୁର, କୟାଁ, କମାରଡ଼ିହ, ଚସାଖଣ୍ଡ,ଦତ୍ତପୁର,ମଲ୍ଲୀକାପୁର, କନିକାପଡା, ଶୁଶୁଆ, ପାଲଟପୁର ଓ ଦୁଦୁରାଅଣ୍ଡା ସମେତ ୧୫ ପଞ୍ଚାୟତ ରହିଛି। ଏହି ଥାନା ଉପରେ ପାଖାପାଖି ୨ଲକ୍ଷ ୪୦ ହଜାର ଲୋକ ନିର୍ଭର କରୁଛନ୍ତି। ଥାନା ଅଧୀନରେ ପ୍ରମୁଖ ବଜାର ଭାବେ ମଙ୍ଗଳପୁର ମୁଖ୍ୟ ଥିବା ବେଳେ ଦକ୍ଷିଣବନ୍ଧ, ବୋଉଲାଙ୍ଗ, ଅହିୟାସ, କୟାଁଗୋଲା ଆଦି ଛକ ରହିଛି। ବଜାର ଗୁଡ଼ିକରେ ସୁନା ଗହଣା ଦୋକାନ ସମେତ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ ଓ ଏଟିଏମ୍ ଏବଂ ନାମିଦାମୀ ମୋବାଇଲ ଦୋକାନ ରହିଛି। ପୁଲିସ ସଂଖ୍ୟା କମ୍ ଥିବା ଯୋଗୁଁ ରାତିରେ ପାଟ୍ରୋଲିଂ ସେହି ଅନୁପାତରେ ହୋଇପାରୁ ନାହିଁ। ଫଳରେ ବ୍ୟବସାୟୀମାନେ ଆଶଙ୍କାରେ ରହୁଛନ୍ତି। ସେହିପରି ଯାନିଯାତରା ହେଲେ ଦୁର୍ବୃତ୍ତମାନେ ଜୁଆ ଖେଳର ଆସର ଲଗାଇବା ସହ ନିଶା ଦ୍ରବ୍ୟ ବିକ୍ରି କରିଥାନ୍ତି। ପୋଲିସ କର୍ମଚାରୀ ଅଭାବ ସତ୍ତ୍ୱେ କିଛିଦିନ ତଳେ ବୋତଲଡାଙ୍ଗ ଗ୍ରାମର ଏକ ଚୋରି ମାମଲାରେ ଦୁର୍ବୃତ୍ତମାନଙ୍କୁ ଧରିବାରେ ପୋଲିସ ପର୍ଦାଫାଶ କରିଥିବାର ଦେଖିବାକୁ ମିଳିଥିଲା। ଥାନା ପୁରୁଣା ଗୃହ ପାଣି ଲିକ୍ କରୁଥିବାରୁ ନୂତନ ଗୃହ ନିର୍ମାଣ ମନ୍ଥର ଗତିରେ ଚାଲୁଥିବାର ଦେଖିବାକୁ ମିଳିଛି। ତେବେ ମୁଖ୍ୟତ ସବଇନସ୍ପେକ୍ଟର, ମହିଳା କନଷ୍ଟେବଳ ପୁଲିସ ଓ ହୋମଗାର୍ଡ ନଥିବାରୁ କାର୍ଯ୍ୟ କରିବାରେ ବହୁ ଅସୁବିଧା ସୃଷ୍ଟି ହେଉଛି ବୋଲି ବୃଦ୍ଧିଜୀବୀ ମତ ରଖିଛନ୍ତି।

# ବଡ଼ଚଣା ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା




ବଡଚଣା,୧୩।୧୦(ସମିସ): ବଡ଼ଚଣା ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଆଜି ପାରିଆ ଗ୍ରାମପଞ୍ଚାୟତ ଅମିୟଝରି ଗ୍ରାମ ଠାରେ ଅନୁଷ୍ଠିତ ହୋଇଯାଇଛି।ଏହା ପରେ ବରଗଡ଼ା ଗ୍ରାମର ମା' କୁରୁମେଇ ପୀଠ ପ୍ରାଙ୍ଗଣରେ ପଞ୍ଚାୟତର ବିଜୁ ଜନତା ଦଳର କର୍ମକର୍ତ୍ତାମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଜେଡ଼ି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ତୃଣମୂଳ ସ୍ତରରୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ଲୋକଙ୍କ ସହ ପ୍ରତିଟି ସମସ୍ୟା ସହ ଯୋଡ଼ି ହୋଇ ରହିବାକୁ ଆହ୍ୱାନ ଦେଇଥିଲେ।ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ ଓ କୈଳାସ ଚନ୍ଦ୍ର ରାଉତ, ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ, ବିବେକରଞ୍ଜନ ସୁବୁଦ୍ଧି, ଜ୍ଞାନରଞ୍ଜନ ସାହୁ, ପ୍ରବୀର କୁମାର ସାମଲ, ଆଶିଷ ରଞ୍ଜନ ଚୌଧୁରୀ, ଧନେଶ୍ୱର ବେହେରା, ଯଶୋଦିପ୍ତ ସାମଲ, ପ୍ରକାଶ ପ୍ରଧାନ, ନିରଞ୍ଜନ ବିଶ୍ୱାଳ, ଦିଲ୍ଲୀପ ସାମଲ, ଜଗନ୍ନାଥ ମୁଦୁଲି, ସଞ୍ଜୟ ବେହେରା, ସୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଜୟାନନ୍ଦ ପଣ୍ଡା, ଅକ୍ଷୟକୁମାର ଲେଙ୍କା, ଶ୍ରୀକାନ୍ତ ବେହେରା, ନିତ୍ୟାନନ୍ଦ ନାୟକ, ଶିଶିର କୁମାର ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ବିଶ୍?ାଳ, ଦେବାଶିଷ ବିଶ୍ୱାଳ, ଜ୍ଞାନରଞ୍ଜନ ନାୟକ, ଅମୂଲ୍ୟ ବିଶ୍ୱାଳ, ପବିତ୍ର ସ୍ୱାଇଁ, ସରୋଜ ଲେଙ୍କା, ଚକ୍ରଧର ଲେଙ୍କା, ଡମ୍ବରୁଧର ବାରିକ, ଅରକ୍ଷିତ ମହାରଣା, କାଣ୍ଡେ ବାଲମୁଚ, କରୁଣାକର ବାରିକ, ଗଗନ କୁମାର ସେଠୀ, ଦେବ ମୁଣ୍ଡା, ଗୌରାଙ୍ଗ ରାଉତ, ବସିଷ୍ଠ ରାଉତ, ମିଲୁ ନାୟକ, ଚଞ୍ଚଳା ଦେହୁରୀ, ସରୋଜ ବିଶ୍ୱାଳ, ଗୁରୁ ପରିଡ଼ା, ଗୁଣ୍ଡୁରି ଜେନା, ନିରାକାର ପାଢ଼ୀଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

# ରଘୁନାଥପୁର-ଜେନାପୁର ରାସ୍ତା ଅବସ୍ଥା ଶୋଚନୀୟ



**କବାଟବନ୍ଧ,୧୩।୧୦(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ଠାରୁ ଜେନାପୁର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିବା ଏହି ରାସ୍ତା ମରାମତି ପାଇଁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ମୁକୁନ୍ଦପୁର, ମଧୁସୂଦନପୁର ଠାରୁ ପ୍ରାୟ ୫ କିଲୋମିଟର ପରେ ଉକ୍ତ ରାସ୍ତା ଜାରକା-କବାଟବନ୍ଧ ନଦୀ ବନ୍ଧ ରାସ୍ତା ସହ ଜେନାପୁର ଲକ୍ ବଜାର ନିକଟରେ ସଂଯୋଗ ହେଉଛି। ରଘୁନାଥପୁର ଗ୍ରାମ ନିକଟରେ ହେଉ କିମ୍ବା ଜେନାପୁର ଟ୍ରେନ୍ ଗେଟ (ଲେବୁଲ କ୍ରସିଂ) ପର୍ଯ୍ୟନ୍ତ ଅତି ଶୋଚନୀୟ ଅବସ୍ଥା ହୋଇଥିବା ଦେଖିବାକୁ ମିଳିଛି। ଯାହା ଫଳରେ ହଜାର ହଜାର ଜନ ସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରିବା ସହିତ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ଏହି ରାସ୍ତାଟି ଦୀର୍ଘ ଦିନ ଧରି ମରାମତି ହୋଇନଥିବାରୁ ଏବେ ଶୋଚନୀୟ ହୋଇପଡ଼ିଛି। ରଘୁନାଥପୁର ନିକଟରେ ଏହି ରାସ୍ତା ଉପରେ କେବଳ ପଥର ଦେଖାଯାଉଛି। ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ଉକ୍ତ ରାସ୍ତାର ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ପାଣି ଜମି ରହିଛି। ଯାହା ଫଳରେ ଦୁର୍ଘଟଣା ବୃଦ୍ଧି ପାଉଛି। ଜେନାପୁର ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ସ୍ଥାନ ଅଟେ। ଦୈନିକ ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ। ଜେନାପୁର ରେଳଷ୍ଟେସନ, ଜେନାପୁର ଥାନା, ପୋଷ୍ଟ ଅଫିସ, ଜେନାପୁର ମେଡ଼ିକାଲ, ଜେନାପୁର ହାଇସ୍କୁଲ ସମେତ ବିଭିନ୍ନ ବ୍ୟାଙ୍କ ଏବଂ ପ୍ରାୟ ପାଞ୍ଚ ଗୋଟି ଘରୋଇ ସ୍କୁଲ ରହିଛି। ଏହା ବ୍ୟତୀତ ଧର୍ମଶାଳା ବ୍ଲକ, ମେଡ଼ିକାଲ, ଏବଂ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଏହି ରାସ୍ତା ହିଁ ଏକମାତ୍ର ଭରସା। ତେବେ ଏମିତି ଏକ ମୁଖ୍ୟ ରାସ୍ତାରେ ଦୈନିକ ଜନସାଧାରଣ ଯିବା ଆସିବାରେ ଅସୁବିଧା ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନେ ଏଥିପ୍ରତି ସଚେତନ ହେଉନଥିବା ଦୁର୍ଭାଗ୍ୟଜନକ। ଜେନାପୁର ରେଳଷ୍ଟେସନ ଲେବୁଲ କ୍ରସିଂ ନିକଟରେ ଏହି ରାସ୍ତାରେ ଏକ ବିରାଟ ଗାଡ଼ ସୃଷ୍ଟି ହୋଇଛି। ଯାହାକି ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ଅଟୋ ଏବଂ ଅନ୍ୟାନ୍ୟ ଯାନ ଗୁଡ଼ିକ ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ସ୍ଥାନୀୟ ସାହାଣୀଡ଼ିହ ପଞ୍ଚାୟତର ରାମଚନ୍ଦ୍ରପୁର, କୃଷ୍ଣଚନ୍ଦ୍ର ପୁର, ଭେଜିଗୋଠ, ଗୋଡ଼ି ପଟିଆ, ଦଣ୍ଡାଘାଟି, ପୁରୁଣା ବଡଳମାଳ ପଞ୍ଚାୟତର ବରମୁଣ୍ଡୁଳି, ସାତମାଣ, ଖଜୁରୀବାଟି, ଇଚ୍ଛାପୁର, ବୃନ୍ଦାଦେଇପୁର ପଞ୍ଚାୟତର ରଘୁନାଥପୁର, ତରାସ, ଡ଼ିହକଷ୍ଟି, ଅଞ୍ଜିରା ପଞ୍ଚାୟତର ବାଲିସାହି, ଶ୍ୟାମସୁନ୍ଦରପୁର, ମୁରାଲୀପୁର, ଅଞ୍ଜିରା, କୋଟସାହି, ଢଙ୍କୁଣିଆ, ଚକ୍ରଧରପୁର ପଞ୍ଚାୟତର ମୁକୁନ୍ଦପୁର, ମଧୁସୂଦନ ଆଦି ଅଞ୍ଚଳର ହଜାର ହଜାର ଜନସାଧାରଣ ଗମନାଗମନ ଅସୁବିଧାରେ ପ୍ରତ୍ୟେକ ଦିନ ସାମନା କରୁଛନ୍ତି। ମରାମତି ଅଭାବରୁ ଏହା ଯାତାୟାତ ଅନୁପଯୋଗୀ ହୋଇଥିଲେ ମଧ୍ୟ ଅନ୍ୟ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ବାଧ ହୋଇ ଲୋକମାନେ ଏହି ରାସ୍ତାରେ ଯିବା ଆସିବା କରୁଛନ୍ତି। ଜେନାପୁର ଲେବୁଲ କ୍ରସିଂ ନିକଟରେ ରାସ୍ତାରେ ଖାଲ ହୋଇଥିବା ଗଭୀରତାକୁ ଜାଣି ନ ପାରି ଦୈନିକ ଛୋଟ ବଡ଼ ଅନେକ ଦୁର୍ଘଟଣା ଘଟୁଛି। ବିଶେଷ କରି ରାତି ସମୟରେ ଦୁର୍ଘଟଣା ଆଶଙ୍କା ଅଧିକ ରହିଛି। ସାଧାରଣ ଲୋକମାନେ ବିଭିନ୍ନ କାମକୁ ଦିନରେ ସାରି ଫେରି ଆସୁଥିବା ବେଳେ ଟ୍ରେନ୍ ଯୋଗେ ବିଭିନ୍ନ ସ୍ଥାନରୁ ରାତିରେ ଫେରିବା ଲୋକ ମାନେ ବେଶୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଯଦି ଏମିତି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଅବସ୍ଥା ଏମିତି ତେବେ ବିଭାଗୀୟ ଅଧିକାରୀମାନେ କି ପ୍ରକାର ତଦାରଖ କରୁଛନ୍ତି ତାହା ସ୍ପଷ୍ଟ ପ୍ରମାଣିତ ହେଉଛି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି। ବିଭାଗୀୟ ଅଧିକାରୀ ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବା ସହିତ ଗମନାଗମନ ଉପଯୋଗୀ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



 କୁକୁଡ଼ା ଫାର୍ମ ମାଲିକଙ୍କ ମୃତ୍ୟୁ ଘଟଣା

# ପରିବାର ପକ୍ଷରୁ ହତ୍ୟା ଅଭିଯୋଗ

ଭଦ୍ରକ,୧୩।୧୦(ସମିସ):

କୁକୁଡ଼ା ଫାର୍ମ ମାଲିକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାରେ ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ପରିବାର ଲୋକେ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧୀନସ୍ଥ ମାଧପୁର ପଞ୍ଚାୟତ ବଙ୍ଗାଳୀପଡ଼ାରେ। ସୂଚନାନୁଯାୟୀ, ୧ବର୍ଷ ହେଲା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ ବଙ୍ଗାଳୀପଡାରେ କୁକୁଡ଼ା ଫାର୍ମକୁ ପାର୍ଟନର ହୋଇ ଉଭୟ ଅଜୟ ଗିରୀ ଏବଂ ଶୁଭ୍ରାଂଶୁ ସ୍ୱାଇଁ ଚଳାଉଥିଲେ। ଗତକାଲି ରାତିରେ ପାର୍ଟନର ଶୁଭ୍ରାଂଶୁ ନିକଟରେ ଥିବା ମତୋ ବଜାରକୁ ଅପେରା ଦେଖିବାକୁ ଯାଇଥିଲେ ଏବଂ ଅଜୟ ଫାର୍ମରେ ଥିଲେ। ଭୋର ୪ଟା ୩୦ପରେ ଶୁଭ୍ରାଂଶୁ ଫାର୍ମକୁ ଫେରି ଦେଖିବାକୁ ପାଇଲେ ଅଜୟ ରକ୍ତ ଜୁଡୁବୁଡୁ ହୋଇ ଘରେ ମୃତ ଅବସ୍ଥାରେ ପଡ଼ିରହିଛି।



ଫାର୍ମର କର୍ମଚାରୀ ଓ ଶୁଭ୍ରାଂଶୁ ଆମ୍ବୁଲାନ୍ସରେ ଚାନ୍ଦବାଲି ମେଡିକାଲକୁ ନେଇ ଆସିଥିଲେ। ଫାର୍ମର କର୍ମଚାରୀ କମଳାକାନ୍ତ ସେଠି କହିଛନ୍ତି ସକାଳୁ ଦେଖିବା ବେଳକୁ ସିସି କ୍ୟାମେରା ତାରଗୁଡିକୁ କଟାଯାଇଥିଲା। ସେଠାରେ ଅନ୍ୟ ଜଣେ ମାଲିକ ଶୁଭ୍ରାଂଶୁ ମୃତ ଅଜୟକୁ ଦେଖି କହିବା ପରେ ଚାନ୍ଦବାଲି ମେଡ଼ିକାଲକୁ ନେଇ ଆସିଥିଲୁ। ମୃତକଙ୍କ ଭଦ୍ରକ ଜିଲ୍ଲା ଚରମ୍ପାରେ ଘର ହୋଇଥିବା ବେଳେ ପାର୍ଟନର ଶୁଭ୍ରାଂଶୁଙ୍କ ଘର କେନ୍ଦ୍ରାପଡା ବୋଲି ସୂଚନା ମିଳିଛି। ଏହି ଘଟଣାରେ କାହିଁକି ଏମିତି ରକ୍ତାକ୍ତ ଅବସ୍ଥାରେ ଅଜୟଙ୍କ ମୃତ୍ୟୁ ହୋଇଛି ପରିବାର ଲୋକେ ଚାନ୍ଦବାଲି ଥାନାରେ ହତ୍ୟା ଅଭିଯୋଗ ଆଣିଛନ୍ତି। ଘଟଣାରେ ଶୁଭ୍ରାଂଶୁ କହିଛନ୍ତି ସେମିତି କିଛି ଘଟଣା ଆମ ମଧ୍ୟରେ ଘଟି ନାହିଁ। ରାତିରେ ସେ କ୍ୟାମେରା କାମ କରୁଥିଲେ ଏବଂ ଇଲେକ୍ଟ୍ରି ପାଇଁ ସେମିତି ହୋଇପାରେ। ତେବେ ଘଟଣାସ୍ଥଳରୁ ଶୁଭ୍ରାଂଶୁ ଫେରାର ହୋଇଥିବା ବେଳେ ମୃତକଙ୍କ ପରିବାର ଶୁଭ୍ରାଂଶୁକୁ ସନ୍ଦେହ କରିଛନ୍ତି। ଅଜୟକୁ ଯୋଜନାବଦ୍ଧକରି ମାରି ଦେଇଥିବା ଥାନାରେ ଏତଲା ଦିଆଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

■ ବଢ଼ୁଛି ଚୋରି ସମସ୍ୟା

## ଧୂଷୁରୀ ୟୁକୋବ୍ୟାଙ୍କର ଗ୍ରିଲ୍ କାଟିଲେ ଦୁର୍ବୃତ୍ତ




**ଅସୁରାଳି,୧୩।୧୦(ସମିସ):** ଧୂଷୁରୀ ବଜାରସ୍ଥିତ ୟୁକୋବ୍ୟାଙ୍କର ପଛ ଗ୍ରିଲ୍ ଝରକା ଗତକାଲି ରାତିରେ ଦୁର୍ବୃତ୍ତମାନେ କାଟିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସେହିପରି ଗତ ଶନିବାର ରାତିରେ ବଜାର ସ୍ଥିତ ଜଗା ମାର୍କେଟ କମ୍ପ୍ଲେକ୍ସରେ ଥିବା ପ୍ରକାଶ ମଲ୍ଲିକଙ୍କ ମୋବାଇଲ ଦୋକାନର ସଟରର ଟାବିକାଟି ଚୋରି କରିବାକୁ ଉଦ୍ୟମ କରିଥିଲେ ଦୁର୍ବୃତ୍ତ। ଏମିତି ଧୂଷୁରୀ ସମେତ ବେତାଳିଗାଁ, କରୁଆ, ଅସୁରଳି ଓ ଆରଡ଼ି ପର୍ଯ୍ୟନ୍ତ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି। ଧୂଷୁରୀ ପୁଲିସ ଆଗାମୀ ଦିନରେ ପାଟ୍ରୋଲିଂକୁ ଜୋରଦାର କରିବା ପାଇଁ ଦାବି ଜୋରଧରିଛି। ଚୋରି ଘଟଣାର ସୂଚନା ମିଳିବା ପରେ ଦୋକାନ ମାଲିକ ଧୂଷୁରୀ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ କ୍ରମେ ମାମଲା ରୁଜୁକରି ପୁଲିସ ଟିମ ତତ୍ପରତା ସହ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁର ଦ୍ୱାରା ଦୋକାନ ଓ ତାହାର ଚାରିପାଖରେ ତଦନ୍ତ ଚାଲିଛି। ଘଟଣାସ୍ଥଳରେ ଦୁର୍ବୃତ୍ତଙ୍କ ପ୍ରବେଶ ଚିହ୍ନ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରାଯାଇଛି। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି ଏବଂ ଶୀଘ୍ର ଅଭିଯୁକ୍ତଙ୍କ ଚିହ୍ନଟ ଓ ଗିରଫ ନିମନ୍ତେ ପ୍ରୟାସ ଚାଲିଛି। ତେବେ ଧୂଷୁରୀ ବଜାରକୁ ଲାଗି ଥାନା ଥିବା ବେଳେ ଦୁର୍ବୃତ୍ତମାନେ କେମିତି ଚୋରି ଉଦ୍ୟମ କରୁଛନ୍ତି ତାହା ଏବେ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ। ଘଟଣାକୁ ନେଇ ଧୂଷୁରୀ ବଜାର ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ଓ ଆଶଙ୍କା ସୃଷ୍ଟି କରିଛି।

■ ବିଦ୍ୟାଳୟରେ ଶିକ୍ଷକ ଅଭାବ

## ଗେଟ୍‌ରେ ତାଲାପକାଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଧାରଣା



**ଭଦ୍ରକ,୧୩।୧୦(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକରେ ଶିକ୍ଷାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଶିକ୍ଷକ ଅଭାବ ଯୋଗୁଁ ଫାଟକରେ ତାଲା ପକାଇ ଧାରଣାରେ ଅଭିଭାବକ ଓ ଛାତ୍ରଛାତ୍ରୀ। ଏମିତି ଘଟଣା ଦେଖିବାକୁ ମିଳିଛି ଚାନ୍ଦବାଲି ବ୍ଲକ୍ ଉତୁକୁଡ଼ା ପଞ୍ଚାୟତ ମଦନମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଙ୍ଗିଟିରେ। ସୂଚନା ମୁତାବକ ଉକ୍ତ ବିଦ୍ୟାଳୟରେ ୪୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ନାହାଁନ୍ତି ଆବଶ୍ୟକୀୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ। ଏହି ସମୟରେ ପୁଣି ଜଣେ ଶିକ୍ଷକଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ଡେପୁଟେସନରେ ପଠାଇବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଅଭିଭାବକ ଓ ଛାତ୍ରଛାତ୍ରୀ। ଯାହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିବା ସହ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସି ରହିଛନ୍ତି ଅଭିଭାବକ ଓ ଛାତ୍ରଛାତ୍ରୀ। ଦାବି ପୂରଣ ନ ହେଲେ ଧାରଣାରୁ ଉଠିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଅଭିଭାବକ ସାରଳା ଦାସ, ଏସଏମସି ସଭାପତି ଦୁର୍ଯ୍ୟୋଧନ ଦାସ, ଛାତ୍ରୀ ପୂଜାରାଣୀ ନାୟକ ଓ ବୈଶାଖୀ ଦାସ ପ୍ରମୁଖ।

## ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଓ ସୁକନ୍ୟା ସମୃଦ୍ଧି ଖାତାଖୋଲା ଅଭିଯାନ

ଭଦ୍ରକ/ଆରଡ଼ି,୧୩।୧୦(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ତଥା ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତାଖୋଲା ଅଭିଯାନ ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ, ଆରଡ଼ିଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସଭାପତିତ୍ୱ କରିଥିଲେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା। ସଭାରେ ଅତିଥି ଭାବରେ ଭଦ୍ରକ ଡାକ ବିଭାଗ ଅଧିକାରୀ ବିଜୟ କୁମାର ମହାନ୍ତି, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ଅଧିକାରୀ, ଲଡିଏମ୍ ଅଫିସ୍ ଷ୍ଟାଫ୍, ସାଇବର ସେଲ ଅଧିକାରୀ, ରେସୋର୍ସେ ପର୍ସନ ପଦ୍ମନ କୁମାର ରାୟ, ପୁହାଣ କ୍ଲଷ୍ଟର ଉଜଉଉ, ଆଖଣ୍ଡଳ ମଣି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗଦେଇଥିଲେ। ଅଧିକାରୀ ବୃନ୍ଦ ଆର୍ଥିକ ସାକ୍ଷରତା, ବିଭିନ୍ନ ସଞ୍ଚୟ ଯୋଜନା, ବୀମା ଯୋଜନା, ସାଇବର ସଚେତନତା ସମ୍ପର୍କରେ ସଚେତନ କରିଥିଲେ। ଅଭିଭାବକମାନଙ୍କୁ ଶିଶୁ କନ୍ୟା




ପାଇଁ ସୁକନ୍ୟା ସମୃଦ୍ଧି ଆକାଉଣ୍ଟ ଖୋଲିବା ପାଇଁ ପ୍ରେରିତ କରିଥିଲେ। ଆର୍ଥିକ ସାକ୍ଷରତା ଶିବିର ସହ ସୁକନ୍ୟା ସମୃଦ୍ଧି ଖାତା ଖୋଲିବା ଶିବିର ଆଖଣ୍ଡଳ ମଣି ନୋଡାଲ ଉଚ୍ଚ ବିଦ୍ୟାଳୟ, ମଠଡି ଉଚ୍ଚ ବିଦ୍ୟାଳୟ ଓ ସୁନ୍ଦରପୁର ଦୋହରା ପାଟଣା ଏମ୍ଇ ବିଦ୍ୟାଳୟରେ ଜିଲ୍ଲା ପ୍ରଶାସନ ତରଫରୁ ଡାକ ବିଭାଗ ସହଯୋଗରେ ଆୟୋଜନ କରାଯାଇଥିଲା। ଅଭିଭାବକମାନେ ବିନା ଦ୍ୱିଧାରେ ଖାତା ଖୋଲିପାରିଥିଲେ। ସଭାଗୁଡ଼ିକ ପରେ ସମସ୍ତ ବିଦ୍ୟାଳୟ ପରିସରରେ ଚାରାରୋପଣ ଅଭିଯାନ ଆୟୋଜନ କରାଯାଇଥିଲା। ସଞ୍ଚୟ ଓ ପରିବେଶର ସୁରକ୍ଷା ସମ୍ପର୍କରେ ଅଭିଭାବକ ଓ ପିଲାମାନଙ୍କୁ ଅବଗତ କରାଇବା ପାଇଁ। ଉକ୍ତ ସଭାରେ ୨୦୦ ବ୍ୟକ୍ତି ଯୋଗଦେଇଥିଲେ। ପ୍ରାୟ ୪୦ ଚାରାରୋପଣ କରାଯାଇ "ସଞ୍ଚୟ ବୃକ୍ଷ' ନାମରେ ନାମିତ କରାଯାଇଛି।

## ଚୂଡ଼ାନ୍ତ ପର୍ଯ୍ୟାୟରେ ଧୂଷୁରୀ ଶ୍ୟାମାକାଳୀ ପୂଜା ପ୍ରସ୍ତୁତି



**ଅସୁରାଳି,୧୩।୧୦(ସମିସ):** ଅସୁରାଳି ବ୍ଲକ୍ ଅଧୀନ ଧୂଷୁରୀ ବଜାରରେ ଆୟୋଜିତ ଶ୍ୟାମାକାଳୀ ପୂଜା ଏବେ ଜିଲ୍ଲାର ଏକ ଗର୍ବିତ ଐତିହାସିକ ଉତ୍ସବ ଭାବରେ ପରିଚିତ। ମୃଣ୍ମୟୀ ମୂର୍ତ୍ତି ଦର୍ଶନ ପାଇଁ ଦୂରଦୂରାନ୍ତରୁ ଦର୍ଶନାର୍ଥୀମାନେ ଆସନ୍ତି। ଏହି ପୂଜାର ଆରମ୍ଭ ଦୀର୍ଘ ୮୨ ବର୍ଷ ପୂର୍ବରୁ ସ୍ୱର୍ଗତ ଅଟଳ ନାୟକଙ୍କ ଅନୁପ୍ରେରଣାରେ ହୋଇଥିଲା। ଯାହା ଏବେ ତାଙ୍କ ପୁତ୍ର ଉପେନ୍ଦ୍ର ଓ ନାତି ଗିରୀଶ କୁମାର ନାୟକ, ରାଜକିଶୋର ନାୟକ, ଜୟନ୍ତ କୁମାର ନାୟକ, କିଶୋର କୁମାର ନାୟକଙ୍କ ପରିଚାଳନାରେ ବିରାଟ ମହୋତ୍ସବର ରୂପ ନେଇଛି। ପୂଜା ପୂର୍ବରୁ ୧୫ ଦିନ ଧରି ଧୂଷୁରୀ ବଜାର ଉତ୍ସବମୁଖର ହୋଇଯାଏ। ବ୍ୟବସାୟୀ, ମୀନବଜାର ଓ ଓଡିଶାର ଅଗ୍ରଣୀ ଯାତ୍ରା ଓ ମେଲୋଡି ସଂସ୍ଥାମାନେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ଏଥିରେ ୩ଟି ଅପେରା ଯାତ୍ରା ମଧ୍ୟ ଚଳିତ ବର୍ଷ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବାକୁ ଯାଉଛି। ପୂଜା କମିଟି ପକ୍ଷରୁ ଉତ୍ସବକୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ମା'ଙ୍କ ପୂଜା ବର୍ତ୍ତମାନ ଏକ ବିଶାଳ ମଣ୍ଡପରେ ହେଉଛି। ଯେଉଁଠି କାଳନ୍ଦୀ ମହାପାତ୍ରଙ୍କ ଦ୍ୱାରା ନିର୍ମିତ ମୃଣ୍ମୟୀ ପ୍ରତିମା ଦର୍ଶନାର୍ଥୀଙ୍କ ଆସ୍ଥାର କେନ୍ଦ୍ର। ପୂଜା ଓ ଚଣ୍ଡୀପାଠର ଦାୟିତ୍ୱ ପଣ୍ଡିତ ବ୍ରଜ ପାଢ଼ୀ ଓ ତାଙ୍କ ସହଯୋଗୀମାନେ ନେଇଛନ୍ତି। ଏହି ଉତ୍ସବ ଧୂଷୁରୀ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ବାତାବରଣ ସୃଷ୍ଟିକରି ଲୋକମାନଙ୍କ ମଧ୍ୟରେ ଭାଇଚାରା, ଏକତା ଓ ଉତ୍ସାହର ଅନୁଭୂତି ଜଗାଇ ଦେଉଛି। ଧୂଷୁରୀ ପୁଲିସ ଶାନ୍ତିଶୃଙ୍ଖଳା ବଜାଇଥାନ୍ତି।

## ପଶ୍ଚିମ ଓଡ଼ିଶା ପରିବାରର ନୂଆଁଖାଇ ଭେଟ୍‌ଘାଟ୍



**କେନ୍ଦୁଝର,୧୩।୧୦(ସମିସ):** ବାଲିଆଗୋଡାସ୍ଥିତ ଅଶୋକ ବାଟିକାଠାରେ ପଶ୍ଚିମ ଓଡ଼ିଶାର କେତେକ ପରିବାର ଦ୍ୱାରା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦୁଝର ସହର ତଥା ଆଖପାଖ ଅଞ୍ଚଳରେ ବସବାସ କରୁଥିବା ପାଖାପାଖି ୪୦ଟି ପରିବାରର ସଦସ୍ୟମାନେ କଳାକାରଙ୍କ ଦ୍ୱାରା ପରିବେଷିତ ରଙ୍ଗବତୀ ଓ ଡାଲଖାଇ ଗୀତ ଓ ନୃତ୍ୟର ମଜା ନେଇଥିଲେ। ପଶ୍ଚିମ ଓଡ଼ିଶା ବଲାଙ୍ଗିରରୁ ଆସିଥିବା ଦୁଇ ଯୁବ କଳାକାର ଜୟପ୍ରକାଶ ପୂଜାରୀ ଓ ରଞ୍ଜିତ କୁମାର ନନ୍ଦଙ୍କ ଦ୍ୱାରା ପରିବେଷିତ ଭିନ୍ନ ଭିନ୍ନ ସମ୍ବଲପୁରୀ ଗୀତ ଉପସ୍ଥିତ ପରିବାର ବର୍ଗଙ୍କୁ ମନ୍ତ୍ରମୁଗ୍ଧ କରିବା ସହ ନାଚଗୀତରେ ମତୁଆଲା କରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବାରର ସଦସ୍ୟ ନିଜର କଳା ପ୍ରଦର୍ଶନ କରିଥିଲେ। ବର୍ଷ ବର୍ଷ ଧରି କେନ୍ଦୁଝର ଜିଲ୍ଲାରେ ପିଲା ପରିବାର ସହ ନିଜ କର୍ମକ୍ଷେତ୍ରରେ ଥିବା ଅସଂଖ୍ୟ ପଶ୍ଚିମ ଓଡିଶା ପରିବାରଙ୍କୁ ଏକାଠି କରିବା ଏବଂ ସଂପର୍କ ସୁଦୃଢ଼ କରିବାର ଏହା ମୂଳଦୁଆ ପଡିଲା ବୋଲି କେତେକ ଉଦ୍ୟୋକ୍ତା ମତପ୍ରକାଶ କରିଛନ୍ତି। ଆଗାମୀ ଦିନରେ ନବବର୍ଷ ଅବ୍ୟବହିତ ପୂର୍ବରୁ ଜିରୋ ନାଇଟ୍ କାର୍ଯ୍ୟକ୍ରମ, ପୁଷପୁନି ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି।

## ନାଟକ 'ଭୁଲ୍ ତୋର ଭୋଗୁଛି ମୁଁ' ମଞ୍ଚସ୍ଥ

**ଚମ୍ପୁଆ,୧୩।୧୦(ସମିସ):** ଚମ୍ପୁଆ ଉପଖଣ୍ଡ ଅଧୀନ ବାରିଆ ଗ୍ରାମ ମା'ଲକ୍ଷ୍ମୀ ପୂଜା କମିଟିର ସଭାପତି ମୋତିଲାଲ ନାଏକ, ଉପଦେଷ୍ଟା ଶିକ୍ଷକ କଳାକାର ମହାନ୍ତଙ୍କ ନେତୃତ୍ୱରେ ମହାସମାରୋହରେ ମା' ଲକ୍ଷ୍ମୀଙ୍କର ପୂଜା ହେବା ସହିତ କମିଟି ଆନୁକୂଲ୍ୟରେ ନାଟକ "ଭୁଲ୍ ତୋର ଭୋଗୁଛି ମୁଁ' ମଞ୍ଚସ୍ଥ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚା ସଭାପତି ଲକ୍ଷ୍ମଣ ରାଉତ, ଲକ୍ଷ୍ମୀଧର ମହାନ୍ତ, ପର୍ଶୁରାମ ମହାନ୍ତ, ପ୍ରବୀରଞ୍ଜନ ନାଏକ, ମହେନ୍ଦ୍ର ବାରିକ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ହରିଭକ୍ତ କୁନା ଗିରି, ଯଦୁମଣି ବାରିକ, ପରେଶ ବାରିକ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ ତଥା ଅଞ୍ଚଳର କଳାକାରଙ୍କ ସହିତ ଅତିଥି କଳାକାରମାନେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତି ଯାଇଛନ୍ତି। ନାଟକରେ ନିର୍ଦ୍ଦେଶନା ଦେଇଥିବା ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର କନିଷ୍ଠ ସହାୟକ ପ୍ରକାଶ ଚନ୍ଦ୍ର କଣ୍ଡୁଙ୍କୁ ମୁଖ୍ୟଅତିଥି ଉପଜିଲ୍ଲାପାଳ ଶ୍ରୀ ପରିଡା ସମ୍ବର୍ଦ୍ଧିତ କରିଥିଲେ। ଡ. ଦୀପକ ଜେନାଙ୍କ ରଚିତ ନାଟକରେ ସଙ୍ଗୀତ ନିର୍ଦ୍ଦେଶନାରେ ରମାକାନ୍ତ ମହାନ୍ତ, ମଞ୍ଚ କଳାକାର ନାୟକ ଭୂମିକାରେ ଅମରେଶ, ସନ୍ଦୀପ, ଚରିତ୍ର ଅଭିନୟରେ ପବିତ୍ର କୁମାର (ପପୁ), ମନୋଜ, ଖଳନାୟକ ଭୂମିକାରେ ପ୍ରିନ୍ସ, ଦେବାଶିସ, ହାସ୍ୟ ଅଭିନେତା ରାଜ ପ୍ରାସାଦ ପ୍ରମୁଖ ଅଭିନୟରେ ଦର୍ଶକଙ୍କ ମନ ଜିଣିଥିଲେ।




## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବେଲବାହାଲି,୧୩।୧୦(ସମିସ):** ଘସିପୁରା ବ୍ଲକ ଅଧୀନ ଦରଡିପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାଗ୍ୟବତୀ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୋଦ ବିହାରୀ ଚକ୍ରଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ଭାବେ ତରିମୂଳ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନରେଶ ଚନ୍ଦ୍ର ପତି ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ଅବସର ସମୟ ସୁଖସମୃଦ୍ଧି ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ବୈଲୋଚନ ସାହୁ ଏବଂ ସମ୍ମାନିତ ଅତିଥି ସମାଜସେବୀ ପ୍ୟାରୀମୋହନ ବାରିକ, ଦରଡିପାଳ ସାଧନ କେନ୍ଦ୍ରର ସଂଯୋଜକ ସଂଜୟ ସାହୁ, ଏସଏମସି ସଭାପତି ମନୋଜ ମାଝୀ, ଅବସରପ୍ରାପ୍ତ ଶିକ୍ଷକ ଦୋଳଗୋବିନ୍ଦ ନାୟକ ଯୋଗଦେଇଥିଲେ। ୩୬ ବର୍ଷ ଚାକିରି ଜୀବନ ଧକୋଠାରୁ ଆରମ୍ଭ ହୋଇ ବାଲିପାଳ, ରାଘବପୁର, କେଶଦୁରାପାଳ ସହ ଦରଡିପାଳ ବିଦ୍ୟାଳୟରେ ଶେଷ ହୋଇଥିଲା। ଶିକ୍ଷୟିତ୍ରୀ ଇନ୍ଦୁମତି ମିଶ୍ର ସ୍ୱାଗତ ସମ୍ବର୍ଦ୍ଧନା ଓ ଶିକ୍ଷକ ଦିଲ୍ଲୀପ ରାଉତ ମଞ୍ଚ ପରିଚାଳନା କରିଥିଲେ ଏବଂ ଶିକ୍ଷକ ପ୍ରଶାନ୍ତ ଚକ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଠକେଇ ମାମଲାରେ ଅଭିଯୁକ୍ତକୁ ୩ ବର୍ଷ ଜେଲ୍

**କେନ୍ଦୁଝର,୧୩।୧୦(ସମିସ):** କେନ୍ଦୁଝର ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟକ୍ଲାସ କଗ୍ଟେକିଙ୍ଗ ଏକ ଠକେଇ ମାମଲାର ବିଚାର କରି ସଦର ଥାନା ଅଧୀନ କୁମୁଣ୍ଡି ତଳଜାଗର ଗ୍ରାମର ଅଭିଯୁକ୍ତ ଦେବାନନ୍ଦ ମହାନ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଏବଂ ଅନାଦେୟ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତ ତୁରୁମୁଙ୍ଗା ଥାନା ଅଧୀନ ଖଜୁରିପଶି ଗ୍ରାମର ହୃଦାନନ୍ଦ ମହାନ୍ତଙ୍କ ବାପା ଦିନବନ୍ଧୁ ମହାନ୍ତଙ୍କ ସହ ପାରିବାରିକ ବନ୍ଧୁତା ସ୍ଥାପନ କରି ତାଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲା। ହୃଦାନନ୍ଦ ମହାନ୍ତ ଓ ତାଙ୍କ ପିଉସୀ ଯଶୋଦା ମହାନ୍ତଙ୍କୁ ହାଇସ୍କୁଲ ଶିକ୍ଷକ କରାଇ ଦେବା କହି ତାଙ୍କଠାରୁ ମୋଟ ୧୩ଲକ୍ଷ ଟଙ୍କା ଚେକ୍ ଆକାରରେ ଠକି ନେଇଥିଲା। ପରେ ତାଙ୍କୁ ଚାକିରୀ ନଦେବାରୁ ହୃଦାନନ୍ଦ ମହାନ୍ତ ତୁରୁମୁଙ୍ଗା ଥାନାରେ ଏତଲା ରୁଜୁ କରିଥିଲେ। ଏତଲାକୁ ଭିତ୍ତି କରି ତୁରୁମୁଙ୍ଗା ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଦେବାନନ୍ଦଙ୍କୁ କୋର୍ଟ ଚାଲାଣ କରିଥିଲେ। ବିଚାରପତି ଅମ୍ବିକେଶ ପାଣିଗ୍ରାହୀ ୯ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତକୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଏପିପି ଚିରନ୍ତନ ଦାସ ମକଦ୍ଦମା ପରିଚାଳନା କରୁଥିଲେ।

ପାଟଣା ରେଞ୍ଜରେ ହାତୀପଲଙ୍କ ଉପଦ୍ରବ

## ୪ ଘର ଭାଙ୍ଗିଲା ଗୋଠଛଡ଼ା ଦନ୍ତା

**ତୁରୁମୁଙ୍ଗା,୧୩।୧୦(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ୩୪ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରିରହିଛି। ରବିବାର ବିଳମ୍ବିତ ରାତିରେ ହାତୀପଲ ପାଟଣା ରେଞ୍ଜର କେନ୍ଦୁଆପଡା, ବାଲିବନ୍ଧ, ଝାଲିଆପଡା ଏବଂ ଟାଙ୍ଗରପଡା ଆଦି ଗ୍ରାମରେ ଆତଙ୍କ ଖେଳାଇବା ସହ ଏକ ଗୋଠଛଡ଼ା ଦନ୍ତା ୪ଟି ଘର ଭାଙ୍ଗିଦେଇଛି। ଝାଲିଆପଡା ଗ୍ରାମର କୁଳମଣି ନାଏକ, ବାଲିବନ୍ଧ ଗ୍ରାମର ପ୍ରଭାକର ମହାନ୍ତ, ଟାଙ୍ଗରପଡା ଗ୍ରାମର ଦୁଃଶାସନ ମୁଣ୍ଡା ଏବଂ କେନ୍ଦୁଆପଡା ଗ୍ରାମର କଂସ ନାଏକଙ୍କ ଘରକୁ ଦନ୍ତା ଭାଙ୍ଗିଦେଇଛି। ପରିବାର ଲୋକେ ଘର ଭିତରେ ଶୋଇଥିବା ସମୟରେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ୩୦ ହାତୀ ଅଙ୍କୁରା ଗାଁ ନିକଟରେ ଥିବା ବେଳେ ବ୍ରାହ୍ମଣିଦେଓ ଗ୍ରାମ ନିକଟରେ ୪ଟି ଦନ୍ତା ହାତୀ ଡେରା ପକାଇଛନ୍ତି। ଏଥିସହ ତୋଣ୍ଡ ବିଟ୍ ଅଧୀନ ଘାଟବାଲିଯୋଡି ଗାଁ ନିକଟ ଜଙ୍ଗଲରେ ୧୩ଟି ହାତୀ ଡେରା ପକାଇଛନ୍ତି। ହାତୀପଲ ଅଞ୍ଚଳରେ ଏକର ଏକର ଧାନ ଫସଲ ନଷ୍ଟ କରିବା ସହ ଗାଁ ନିକଟରେ ବୁଲୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ କଡା ନଜର ରଖିଛି।








# ସମ୍ପାଦକୀୟ



ଲୋକଙ୍କ ଆଚରଣ ରୁଚିଶୀଳ ହେଲେ ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

ସକାଳ THE SAKALA

## ତାଲିବାନ ଚେତାବନୀ

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ଭିତ୍ତିଭୂମି ସୁଦୃଢ଼ ହେଉଥିବା ବେଳେ କାବୁଲ୍‌ରେ ପାକିସ୍ତାନ ପକ୍ଷରୁ ଏୟାରଷ୍ଟ୍ରାଇକ ଏକ ଭୁଲବାର୍ତ୍ତା ଦେଉଛି। ଏହି ଘଟଣାରେ ଭାରତ ଗସ୍ତରେ ଥିବା ଆଫଗାନ ବୈଦେଶିକ ମନ୍ତ୍ରୀ ଅମୀର ଖାନ ମୁତ୍ତାକୀ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବୋମାମାଡ଼ର କାରଣ ଯାହା ହେଉନା କାହିଁକି ତାହା ଆଫଗାନିସ୍ତାନର ସାର୍ବଭୌମତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏପ୍ରକାର କାର୍ଯ୍ୟକଳାପର ପରିଣାମ ଅତିଭୟଙ୍କର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେ କି ୯/୧୧ ଆକ୍ରମଣ ଘଟଣାରେ ଆମେରିକା ପକ୍ଷରୁ ଆଫଗାନିସ୍ତାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ସହଯୋଗିତା କାବୁଲ୍ ପ୍ରତି ବିଶ୍ୱାସଘାତକତା। ତାହାର ପ୍ରତିଶୋଧ ନେବା ପାଇଁ ଟିଟିପି ଏବେ ମଧ୍ୟ ଇସଲାମାବାଦ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛି। ସଂଗଠନର ନେତା ନୂର ୱାଲି ମେସୁଦ୍ ଓ ତାଙ୍କ ସହଯୋଗୀଙ୍କୁ ନିପାତ କରିବା ସକାଶେ ପାକିସ୍ତାନ ପକ୍ଷରୁ ଏହି ବୋମାମାଡ଼ କରାଯାଇଛି ବୋଲି ଦିଆଯାଇଥିବା ସ୍ପଷ୍ଟୀକରଣକୁ ଅମୀର ଗ୍ରହଣ କରିନାହାନ୍ତି। ଅନ୍ୟପକ୍ଷରେ ଭାରତ କାବୁଲ୍‌କୁ ସହଯୋଗିତା ଓ ସହଭାଗିତାର ହାତ ବଢ଼ାଇଥିବା ବେଳେ ପାକିସ୍ତାନର ଏହି ଅଚାନକ ଆକ୍ରମଣକୁ ଅସୂୟା ଓ ଅସହଣୀୟତା ବୋଲି କହାଯାଇପାରେ।

କାବୁଲରେ ଥିବା ଭାରତର ବୈଷୟିକ ମିସନ୍‌କୁ ଏକ ଦୂତାବାସରେ ପରିଣତ କରାଯିବ ପାଇଁ ହୋଇଥିବା ନିଷ୍ପତ୍ତି ପ୍ରେକ୍ଷାପଟରେ ଅମୀର କହିଛନ୍ତି ଯେ ତାଙ୍କ ଦେଶରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦିଆଯିବ ନାହିଁ। ଆଫଗାନିସ୍ତାନର ପୁନଃନିର୍ମାଣ ଓ ମାନବିକ ସହାୟତାରେ ଭାରତ କେବଳ ଅଂଶୀଦାର ହେବ ନାହିଁ, ଖୁବ୍‌ଶୀଘ୍ର ଅନ୍ୟୂନ ୬ଟି ନୂତନ ବିକାଶ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ଏଥିସହ ଚିକିତ୍ସା କ୍ଷେତ୍ରରେ ନୂଆଦିଲ୍ଲୀ ବୈଷୟିକ ସହଯୋଗିତା ଓ ସହାୟତାର ହାତ ବଢ଼ାଇଛି। ମଧ୍ୟପ୍ରାଚ୍ୟ ପରିବର୍ତ୍ତନ ଦୃଶ୍ୟପଟରେ ଆଫଗାନିସ୍ତାନ ସୀମା ସଂଲଗ୍ନ ଇରାନ ଉପକୂଳରେ ଚବାହାର ବନ୍ଦରରେ ଭରତର ନିବେଶ ଫଳପ୍ରଦ ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଆଫଗାନିସ୍ତାନ ସହ ସୁସଂପର୍କ ମାଧ୍ୟମରେ ମଧ୍ୟପ୍ରାଚ୍ୟ ସହ ଭାରତ ଆର୍ଥିକ ଓ ବାଣିଜ୍ୟିକ ସଂପର୍କକୁ ସୁଦୃଢ଼ କରିବାର ସମ୍ଭାବନା ଉଜ୍ଜ୍ୱଳ।

ଅନ୍ୟପକ୍ଷରେ ପାକିସ୍ତାନ ନିଜ ଦେଶରେ ଏକାଧିକ ଆତଙ୍କବାଦୀ ଗୋଷ୍ଠୀକୁ ଆଶ୍ରୟ ଓ ପ୍ରଶୟ ଦେଇ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି ତାହା କ୍ରମେ ନିୟନ୍ତ୍ରଣ ବାହାରକୁ ପଳାଇଥିବାର ଅନୁଭୂତ ହେଉଛି। ଗତ କିଛିଦିନ ମଧ୍ୟରେ ପରିଲକ୍ଷିତ ଚରମ ଆଭ୍ୟନ୍ତରୀଣ ବିଶୃଙ୍ଖଳାରେ ୫୮ ରୁ ଊର୍ଦ୍ଧ୍ୱ ମୃତ ଶତାଧିକ ଆହତ ହୋଇଛନ୍ତି। ଏଡି ଘଟଣାରେ ଟିଟିପି ଓ ଟିଏଲପି ସଂଗଠନର ଭୂମିକା ରହିଛି। ଟିଟିପି ଏକ ପୁଲିସ ତାଲିମ କେନ୍ଦ୍ର ଉପରେ ସଂଘବଦ୍ଧ ଆକ୍ରମଣ କରିଥିବା ବେଳେ ଟିଏଲପି ଗାଜାଶାନ୍ତି ଯୋଜନା ବିରୋଧରେ ହିଂସାକାଣ୍ଡ ଭିଆଇଛନ୍ତି। ପରିସ୍ଥିତି ଏତେ ଭୟଙ୍କର ହୋଇଛି ଯେ ସେନାବାହୀନକୁ କାବୁଲରେ ବୋମାମାଡ଼ କରିବାକୁ ପଡ଼ିଛି। ଦେଶବାସୀଙ୍କୁ ଆଶ୍ୱସ୍ତ କରିବା ପାଇଁ ସରକାରଙ୍କ ପ୍ରଚାରକୁ ମିଛ ପ୍ରମାଣିକ କରି ଟିଟିପି ନେତା ମେସୁଦ୍ ଏକ ଭିଡିଓ ମାଧ୍ୟମରେ ସେ ସକ୍ରିୟ ଓ ସକ୍ଷମ ଥିବା ବାଦି କରିଛନ୍ତି। ନିଜ ଘର ସମ୍ଭାଳିବାକୁ ଅସମର୍ଥ ପାକିସ୍ତାନ ଏବେ ପଡ଼ୋଶୀ ରୋଷର ଶିକାର ହୋଇଛି। ଭାରତ ବିରୋଧରେ ପ୍ରୟୋଗ ପାଇଁ ପୋଷି ରଖିଥିବା ଆତଙ୍କବାଦୀ ଆଗାମୀ ଦିନରେ ପାକିସ୍ତାନର କାଳ ହୋଇପାରନ୍ତି।

## ମୃତ ଓ ଜୀବିତ ଦ୍ୱନ୍ଦ୍ୱ

ବିଭିନ୍ନ ଦୃଷ୍ଟିକୋଣରୁ ବିଚାରକଲେ ବିହାର ଏକ ବହୁଚର୍ଚ୍ଚିତ ରାଜ୍ୟ। ସବୁକ୍ଷେତ୍ର ଓ ସ୍ତରରେ ଅନଗ୍ରସର। ତେଣୁ ଜାତୀୟ ରାଜନୀତି ଏହାକୁ ଏକ ପ୍ରୟୋଗଶାଳା ରୂପେ ବ୍ୟବହାର କରିଆସିଛି। ଅନୁପ୍ରାଦନୀ ବା ଅଦରକାରୀ ହୋଇପଡ଼ିଛନ୍ତି ରାଜବାସୀ। କିଛି ବିନିମୟରେ ଏପରିକି ଅସୁମାରି ପ୍ରତିଶ୍ରୁତି ମାଧ୍ୟମରେ ରାଜନେତା ନିର୍ବାଚନ ଫସଲ ଅମଳ କରିଆସିଛନ୍ତି। ଅଥଚ ଜାତୀୟ ରାଜନୀତିରେ ଦିଗ ପରିବର୍ତ୍ତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବିହାର। କିନ୍ତୁ ପରିବର୍ତ୍ତିତ ବ୍ୟବସ୍ଥାରୁ ରାଜ୍ୟ ସୁଫଳ ହାସଲ କରିବାକୁ ଅସମର୍ଥ ହୋଇଛି। ସେହିଭଳି ସମଗ୍ର ଦେଶରେ ମତଦାତା ଶୁଦ୍ଧକରଣ ପ୍ରକ୍ରିୟା ଆରମ୍ଭ ହୋଇଛି ବିହାରରୁ। ତାହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କେତେଦୂର ସଫଳ ହୋଇପାରିଛି ତାହା ତ ଭିନ୍ନ କଥା। ହେଲେ ଅନଗ୍ରସର ଓ ଅଶିକ୍ଷାରେ ନିପୀଡ଼ିତ ରାଜ୍ୟବାସୀ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି, ଯାହା ଅନ୍ୟ ରାଜ୍ୟବାସୀଙ୍କୁ ସଚେତନତାର ବାର୍ତ୍ତା ଦେଇଛି।

ଏହାମଧ୍ୟରେ ରାଜ୍ୟ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତଥାକଥିତ ଏସଆଇଆର ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିବା ମାମଲାର ଶୁଣାଣିରେ କିଛି ନିର୍ଣ୍ଣାୟକ ନିଷ୍ପତ୍ତି ହୋଇପାରିନି। ନିର୍ବାଚନ ଘୋଷଣା ପରେ ପ୍ରକ୍ରିୟାରେ ହସ୍ତକ୍ଷେପ କଲାଭଳି କୌଣସି ନିଷ୍ପତ୍ତି ଉପରେ ଥିବା କଟକଣାକୁ ସର୍ବୋଚ୍ଚ ଅଦାଲତ ଏକପ୍ରକାର ମାନିନେଇଛନ୍ତି। ଦୀର୍ଘ ୪ ମାସର ଅଦାଲତୀୟ କସରତ ଉଦ୍ଦେଶମୂଳକ ଥିଲା ଭଳି ମନେ ହୁଏ। ତେବେ ଅଦାଲତର ହସ୍ତକ୍ଷେପ ଓ ନିର୍ଦ୍ଦେଶ ନିର୍ବାଚନ ଆୟୋଗଙ୍କୁ ବାଧ୍ୟ କରିଛି ନିଜ ଘୋଷିତ ବ୍ୟବସ୍ଥାରେ ସଂଶୋଧନ ଆଣିବାକୁ। ଏସବୁ ସତ୍ତ୍ୱେ ୪୭ ଲକ୍ଷ ଭୋଟରଙ୍କୁ ମତଦାତା ତାଲିକାରୁ ବାଦ ଦିଆଯାଇଛି। ଏହା ଅବଶ୍ୟ ଆୟୋଗଙ୍କ ପ୍ରଦତ୍ତ ପରିସଂଖ୍ୟାନ। କିନ୍ତୁ ଅସଲରେ ଏହି ସଂଖ୍ୟା ୬୫ ଲକ୍ଷରୁ ଅଧିକ ହୋଇପାରେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଆୟୋଗଙ୍କ ପକ୍ଷରୁ ଚିଠା ମତଦାତା ତାଲିକା ଘୋଷଣା କରାଯାଇଥିଲେ ମଧ୍ୟ ସଚେତନତା ଅଭାବରୁ ସଂଶୋଧନ ଆବେଦନ ସେଭଳି ଆଖିଦୃଶିଆ ହୋଇପାରିନଥିଲା। କିନ୍ତୁ ନିର୍ବାଚନ ଘୋଷଣା ପରେ ପରେ ଭୋଟର ତାଲିକାରେ ମୃତକ ଦର୍ଶାଯାଇଥିବା ମତଦାତା ସଚେତନ ହୋଇପଡ଼ିଛନ୍ତି। ସେମାନେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଛନ୍ତି। ଏପରିକି ନିଜେ ଉପସ୍ଥିତ ରହି ସେମାନେ ମୃତ ନୁହନ୍ତି ବୋଲି ଦର୍ଶାଇବାରୁ ତାଲିକା ପୁନଃସଂଶୋଧନ ସକାଶେ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ଗ୍ରାମାଞ୍ଚଳରେ ଏହି ସଚେତନତା ବୃଦ୍ଧି ପାଇଥିବାରୁ ସ୍ଥାନୀୟ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ସେମାନଙ୍କ ନିକଟରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିତ ପ୍ରମାଣପତ୍ର ନଥିଲେ ମଧ୍ୟ ଆଧାର କାର୍ଡ ବିଶେଷ ସହାୟକ ହୋଇଛି। ଏକ ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ ତଥାକଥିତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ମହିଳା ଓ ସଂଖ୍ୟାଲଘୁ ମତଦାତା।

ବହିରାଗତଙ୍କୁ ନେଇ କ୍ଷମତାକେନ୍ଦ୍ର ଓ ନିର୍ବାଚନ ପ୍ରଶାସନ ପକ୍ଷରୁ ଯେଭଳି ପ୍ରସଙ୍ଗ କରାଯାଇଛି ତାହା ଯେ ଅମୂଳକ ଏହି ମତଦାତା ଶୁଦ୍ଧିକରଣରୁ ପ୍ରକ୍ରିୟାରୁ ସ୍ପଷ୍ଟ ହୋଇଛି। ଭୋଟର ତାଲିକାରୁ ବାଦ ପଡ଼ିଥିବା ୩୧୨୫ ଜଣଙ୍କ ମଧ୍ୟରୁ ୭୮ ମୁସଲମାନ (ବାଂଲାଦେଶ) ଓ ଅବଶିଷ୍ଟ ନେପାଳର ହିନ୍ଦୁ ଅଧିବାସୀ। ଅଥଚ ଏହାକୁ ନିର୍ବାଚନ ପ୍ରଚାରରେ ମୁଖ୍ୟ ପ୍ରସଙ୍ଗ କରାଯାଇଛି।

# ଶିକ୍ଷାରେ ସଂଖ୍ୟାଲଘୁ ଅଧିକାର

**ସୌଭାଗ୍ୟ ସୁନ୍ଦରରାୟ**

ଦେଶରେ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଶିକ୍ଷା ଅଧିକାର ଆଇନ (ଆରଟିଇ) ଅନ୍ତର୍ଭୁକ୍ତ ହେବେ ନା ନାହିଁ ସେଥିନେଇ ଏକ ବିବାଦ ଗତ କିଛିଦିନ ଧରି ମୁଣ୍ଡ ଟେକିଛି। ଗତ ସେପ୍ଟେମ୍ବର ମାସରେ ସର୍ବୋଚ୍ଚ ନ୍ୟାୟାଳୟର ଏକ ରାୟକୁ ନେଇ ଏହି ବିବାଦ ସୃଷ୍ଟି ହୋଇଛି। ଶିକ୍ଷକ ଯୋଗ୍ୟତା ପରୀକ୍ଷା ସଂକ୍ରାନ୍ତ ଏକ ରାୟ ପ୍ରଦାନ କରିବା ଅବସରରେ ଶୀର୍ଷ ଅଦାଲତ ଏହି ପ୍ରସଙ୍ଗ ଉଠାଇଛନ୍ତି। ତେବେ କ'ଣ ପାଇଁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଶିକ୍ଷା ଅଧିକାର ଆଇନ ପରିସରଭୁକ୍ତ ହେବାକୁ ଚାହୁଁନହାନ୍ତି ତାହା ଏକ ପ୍ରଶ୍ନବାଚୀ।

ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆରଟିଇ ପରିସର ବାହାରେ ରହିବା ନିମନ୍ତେ ଯେଉଁ ଯୁକ୍ତି ଦର୍ଶାଉଛନ୍ତି ତାହା ଅଦାଲତର ୨୦୧୪ ମସିହାର ଏକ ରାୟ ଆଧାରିତ। ଦେଶର ସମସ୍ତ ଶିଶୁଙ୍କର ଶିକ୍ଷା ଲାଭ ପାଇବାର ଅଧିକାର ରହିଛି। ଅଥଚ ଆର୍ଥିକ ଅନଟନ, ପାରିବାରିକ ସମସ୍ୟା, ସାମାଜିକ ବ୍ୟବସ୍ଥା ଯୋଗୁଁ ବହୁ ଶିଶୁ ସର୍ବନିମ୍ନ ଶିକ୍ଷା ଲାଭ କରିପାରୁ ନାହାନ୍ତି। ଶିଶୁଟିଏ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଲାଭ କଲେ ସେ ନିଜ ପାଇଁ ଓ ପରିବାର ପାଇଁ ସଶକ୍ତ ହୋଇପାରିବ। ସମାଜ ମଧ୍ୟ ଏଥିରୁ ଉପକୃତ ହୋଇପାରିବ। ଆର୍ଥିକ ଅବସ୍ଥା ଜଣେ ଶିଶୁର ଶିକ୍ଷାରେ ଯେପରି ବାଧକ ନହୁଏ ତାହା ହୃଦୟଙ୍ଗମ କରି ଶିକ୍ଷା ଅଧିକାର ଆଇନ ପ୍ରଣୟନ କରାଯାଇଥିଲା। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରର ଏହା ଏକ ଯୁଗାନ୍ତକାରୀ ଦୂରଦୃଷ୍ଟି ସଂପନ୍ନ ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ରାଷ୍ଟ୍ରର ଦାୟିତ୍ୱ ବୋଲି ଆଇନରେ ବ୍ୟବସ୍ଥା କରାଯାଇଛି। ୨୦୦୯ ମସିହାରେ ଏହି ଆଇନ ପ୍ରଣୟନ କରାଯାଇ ୨୦୧୦ ମସିହାରୁ ଦେଶବ୍ୟାପୀ କାର୍ଯ୍ୟକାରୀ କରାଗଲା। ଏହି ଆଇନରେ ଘରୋଇ ବିଦ୍ୟାଳୟରେ ମଧ୍ୟ ୨୫% ଆସନ ଅନଗ୍ରସର ଶ୍ରେଣୀ ଶିଶୁଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା ରହିଛି। ଦେଖିବାକୁ ଗଲେ ଶିକ୍ଷା ଅଧିକାର ଆଇନ ଏକ ପ୍ରଗତିଶୀଳ ବ୍ୟବସ୍ଥା। ଏହା ଅନୁଷ୍ଠାନକୈନ୍ଦ୍ରିକ ବା ସଂପ୍ରଦାୟ କୈନ୍ଦ୍ରିକ ନୁହେଁ, ଶିଶୁକୈନ୍ଦ୍ରିକ। ଏହି ଆଇନ ଶିଶୁଙ୍କ ମୌଳିକ ଅଧିକାରକୁ ନେଇ ପ୍ରସ୍ତୁତ କରାଯାଇଛି, ଅନୁଷ୍ଠାନ ବା ବର୍ଣ୍ଣ ଆଧାରରେ ନୁହେଁ। ଏଣୁ ସଂଖ୍ୟାଲଘୁ ଭାବେ ଅନୁଷ୍ଠାନର ପ୍ରଶାସନିକ ଦିଗ ପ୍ରତି ଏତେ ଦୃଷ୍ଟି ଦିଆଯିବାର କୌଣସି ଆବଶ୍ୟକତା ନାହିଁ।

ଆରଟିଇ କାର୍ଯ୍ୟକାରୀ ହେବା ପରେ ଘରୋଇ ଶିକ୍ଷାନୁଷ୍ଠାନରେ ୨୫% ସ୍ଥାନ ସଂରକ୍ଷଣକୁ ନେଇ ଅଦାଲତରେ ମାମଲା ଦାୟର ହେଲା। ସରକାରୀ ଅଣସାହାଯ୍ୟପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନର ସ୍ୱାୟତ୍ତତା ଉପରେ ଏହା ହସ୍ତକ୍ଷେପ ବୋଲି କୁହାଗଲା। ତେବେ ଅଦାଲତ ଏହି ସଂରକ୍ଷଣକୁ କାଏମ ରଖିଥିଲେ ମଧ୍ୟ ଅଣସହାୟତାପ୍ରାପ୍ତ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଏଥିରୁ ବାଦ ଦେଇଥିଲେ। ପରବର୍ତ୍ତୀ ସମୟରେ ୨୦୧୪ ମସିହାରେ ଆସିଲା ଏକ ରାୟ। 'ପ୍ରମତି ଏଜୁକେସନାଲ ଆଣ୍ଡ କଲଚରାଲ ଟ୍ରଷ୍ଟ ବନାମ କେନ୍ଦ୍ର ସରକାର' ମାଲାରେ ଅଦାଲତ ଏହି ରାୟ ଦେଇଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଆର.ଏମ.ଲୋଧାଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ଖଣ୍ଡପୀଠର ବିଚାରପତି ଏ.କେ.ପଟ୍ଟନାୟକ, ସୁଧାଂଶୁ ଜ୍ୟୋତି ମୁଖୋପାଧ୍ୟାୟ, ଦୀପକ ମିଶ୍ର ଓ ଏଫ.ଏମ ଇବ୍ରାହିମ କାଲିଫୁଲା ଏହି ରାୟ ବଳରେ ଗାଏମୋଟ ସମସ୍ତ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଆରଟିଆଇ ପରିସରରୁ ବାଦ ଦେଇଥିଲେ।

ଏହି ରାୟର ପୁନଃ ତର୍ଜମା ଆବଶ୍ୟକ ବୋଲି ଶିକ୍ଷକ ନିଯୁକ୍ତି ଯୋଗ୍ୟତା ପରୀକ୍ଷା ରାୟ ପ୍ରଦାନ ଅବସରରେ ସର୍ବୋଚ୍ଚ ନ୍ୟାୟାଳୟ ବିଚାରପତି ଦୀପଙ୍କର ଦତ୍ତ ଓ ମନମୋହନ ମତବ୍ୟକ୍ତ କରିଛନ୍ତି। ଦୁଇଜଣିଆ ଖଣ୍ଡପୀଠ ଚାକିରିଆ ଶିକ୍ଷକଙ୍କ ସମେତ ନୂଆ ଶିକ୍ଷକ ନିଯୁକ୍ତି ନିମନ୍ତେ ଶିକ୍ଷକ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣକୁ ବାଧ୍ୟତାମୂଳକ କରିଥିବା ବେଳେ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଏଥିରୁ ବାଦ ଦେଇଛନ୍ତି। ଯଦିଓ ଉଭୟ ବିଚାରପତି ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ସଂପର୍କରେ ନିଜର ରାୟ ପ୍ରଦାନ କରିପାରିଥା'ନ୍ତେ, କିନ୍ତୁ ପୂର୍ବରୁ ବୃହତ୍ତର ଖଣ୍ଡପୀଠ ଏ ସଂପର୍କିତ ରାୟ ପ୍ରଦାନ କରିଥିବାରୁ ପ୍ରସଙ୍ଗକୁ ପ୍ରଧାନ ବିଚାରପତିଙ୍କ ନିକଟକୁ ପଠାଇ ଦିଆଯାଇଛି। ଏବେ ଏହି ମାମଲାର ଶୁଣାଣି ନିହାତି ଭାବେ ୭ ଜଣିଆ ଖଣ୍ଡପୀଠରେ ହେବା ଆବଶ୍ୟକ।

କେନ୍ଦ୍ର ସଂଖ୍ୟାଲଘୁ ବିଭାଗ ମନ୍ତ୍ରାଳୟ ତଥ୍ୟ ଅନୁଯାୟୀ ଦେଶରେ ଏବେ ୧୩, ୦୦୦ରୁ ଊର୍ଦ୍ଧ୍ୱ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ରହିଛି। ଏଗୁଡ଼ିକ ମୁଖ୍ୟତଃ ମୁସଲିମ ବା ଖ୍ରୀଷ୍ଟ ଧର୍ମାବଲମ୍ବୀ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ। ଏହି ସଂପ୍ରଦାୟ ଦ୍ୱାରା ଅନେକ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟ ପରିଚାଳିତ। ଖୁବ୍ ସ୍ୱଳ୍ପସଂଖ୍ୟକ ଅନୁଷ୍ଠାନ ପାର୍ସି, ଇହୁଦୀ, ବୌଦ୍ଧ ଧର୍ମାବଲମ୍ବୀଙ୍କ ଦ୍ୱାରା ପରିଚାଳିତ। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ କହିଲେ ସଂଖ୍ୟାଲଘୁଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟକୁ ବୁଝାଏ। ସଂପ୍ରଦାୟର ସ୍ୱାର୍ଥ, ସଂସ୍କୃତି, ଭାଷା ଓ ଜ୍ଞାନର ପ୍ରଦୀପ ପ୍ରଜ୍ୱଳିତ ରଖିବା ଏହାର ପ୍ରମୁଖ ଲକ୍ଷ୍ୟ। ତେବେ ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ତଥ୍ୟ ଅନୁଯାୟୀ ଏହି ବିଦ୍ୟାଳୟଗୁଡ଼ିକରେ ଅଣସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ସଂଖ୍ୟା ସର୍ବାଧିକ ବୋଲି ଜଣାପଡ଼ିଛି। ପ୍ରାୟ ୬୨.୫% ଛାତ୍ରଛାତ୍ରୀ ଅଣସଂଖ୍ୟାଲଘୁ ସଂପ୍ରଦାୟର। ବିଦ୍ୟାଳୟରେ ଅନଗ୍ରସର ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମାତ୍ର ୮.୭%। ଏଥିରୁ ପ୍ରତୀୟମାନ ହେଉଛି ଯେ, ଶିକ୍ଷାନୁଷ୍ଠାନର ସଂଖ୍ୟାଗରିଷ୍ଠ ଛାତ୍ରଛାତ୍ରୀ ଅଣସଂଖ୍ୟାଲଘୁ, କିନ୍ତୁ ବିଦ୍ୟାଳୟ ପରିଚାଳନା ବ୍ୟବସ୍ଥା ସଂଖ୍ୟାଲଘୁ। ଏଥିରୁ ଧରିବାକୁ ପଡ଼ିବ ସଂଖ୍ୟାଲଘୁ ପରିଚାଳନା ବ୍ୟବସ୍ଥା ନାମରେ ଦେଶର ଶିକ୍ଷା ଅଧିକାର ଆଇନକୁ ବିଭିନ୍ନ ଆଳରେ ଅଦାଲତର କାଠଗଡ଼ାକୁ ଟାଣି ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାକୁ ଆଖିମିଟିକା ମାରିବାକୁ ଉଦ୍ୟମ ଚାଲିଛି। ଶିକ୍ଷକ ଯୋଗ୍ୟତା ମାନଦଣ୍ଡ ବାହାରେ ରହି ସଂପୃକ୍ତ ଅନୁଷ୍ଠାନ ନିଜ ମନମୁଖି ଯେକୌଣସି ଯୋଗ୍ୟତାପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ଶିକ୍ଷା ବ୍ୟବସ୍ଥାକୁ ନିମ୍ନଗାମୀ କରିବାକୁ ଉଦ୍ୟମ କରୁଥିବା କୁହାଯାଇପାରେ। ଯଦି ଏହି ଶିକ୍ଷାନୁଷ୍ଠାନ ଆରଟିଇ ବାହାରେ ରହିବେ ଏବଂ ଅନଗ୍ରସର ବର୍ଗ ପାଇଁ ୨୫% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବେ ନାହିଁ, ତେବେ ନିଜ ସଂପ୍ରଦାୟର ଶିଶୁଙ୍କୁ ମଧ୍ୟ ଉପେକ୍ଷିତ କରିବା ନିମନ୍ତେ ଏମାନେ ଅଧିକାରପ୍ରାପ୍ତ। ତା'ହାଲେ ସଂଖ୍ୟାଲଘୁ ଅନୁଷ୍ଠାନର ଉଦ୍ଦେଶ୍ୟ କିପରି ସାଧିତ ହେଲା? ଏପ୍ରକାର ମାନସିକତାରେ ଦେଶରେ ଶିକ୍ଷା ସାର୍ବଜନୀନ ହୋଇପାରିବ ନାହିଁ କି ଶିକ୍ଷା ଅଧିକାର ଆଇନ ଲକ୍ଷ୍ୟ ମଧ୍ୟ ପୂରଣ ହୋଇପାରିବ ନାହିଁ।

ଆରଟିଇ କାର୍ଯ୍ୟକାରୀ ହେବା ପରେ ଦେଶର ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ବଢ଼ିଛି। କିନ୍ତୁ ଶିକ୍ଷା ମାନରେ ସେଭଳି ଉନ୍ନତି ଘଟି ପାରିନାହିଁ। ପ୍ରଥମ ଏଜୁକେସନ ଫାଉଣ୍ଡେସନର ପ୍ରାଥମିକ ଶିକ୍ଷା ସଂକ୍ରାନ୍ତ ରିପୋର୍ଟରୁ ଜଣାପଡ଼ିଛି ଯେ, ଓଡ଼ିଶାର ତୃତୀୟ ଶ୍ରେଣୀରେ ଶିକ୍ଷାଲାଭ କରୁଥିବା ପ୍ରାୟ ୪୦% ବିଦ୍ୟାର୍ଥୀ ଦ୍ୱିତୀୟ ଶ୍ରେଣୀ ପୁସ୍ତକ ସଠିକ୍ ଭାବେ ପଢ଼ିପାରୁ ନାହାନ୍ତି। ତୃତୀୟ ଶ୍ରେଣୀର ୭୦% ଛାତ୍ରଛାତ୍ରୀ ଫେଡ଼ାଣ କରିପାରୁ ନାହାନ୍ତି। ରାଜ୍ୟର ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ବର୍ଗର ଶିକ୍ଷକ ପାଠ ପଢ଼ାଉଛନ୍ତି। ବହୁସ୍ଥାନରେ ଜାଲ ସାର୍ଟିଫିକେଟ ବଳରେ ଶିକ୍ଷକ ପଦବୀ ହାତେଇଛନ୍ତି। ବହୁ ଶିକ୍ଷକ ଶୁଦ୍ଧ ଭାବେ ଓଡ଼ିଆ ଲେଖିପାରୁ ନ ଥିବା ରିପୋର୍ଟ ପ୍ରକାଶ ପାଉଛି। ଏପ୍ରକାର ଶିକ୍ଷକଙ୍କୁ ଆମେ ଯୋଗ୍ୟ ବୋଲି କାହିଁକି ଧରିବା? ସେମାନଙ୍କର ଉପଯୁକ୍ତ ଯୋଗ୍ୟତା ଟିଇଟି ଦ୍ୱାରା ନିର୍ଦ୍ଧାରଣ ହେବାରେ କିଛି ସମସ୍ୟା ନାହିଁ। ସଂଖ୍ୟାଲଘୁ ସଂସ୍ଥାକୁ ଏଥିରୁ ବାଦ ଦିଆଗଲେ ସଂପୃକ୍ତ ବିଦ୍ୟାଳୟରେ ନିମ୍ନ ଯୋଗ୍ୟତାସଂପନ୍ନ ଶିକ୍ଷକ ନିଯୁକ୍ତି ଦିଆଗଲେ ସରକାରଙ୍କର କୌଣସି କର୍ତ୍ତୃତ୍ୱ ରହିବ ନାହିଁ। ଏପରି ହେଲେ ଶିକ୍ଷା ଫଳାଫଳ ନିମ୍ନଗାମୀ ହେବା ସ୍ୱାଭାବିକ।

ସମ୍ବିଧାନର ଧାରା ୩୦(କ) ସଂସ୍ଥା ପରିଚାଳନାରେ ସଂଖ୍ୟାଲଘୁଙ୍କ ଅଧିକାର ସୁରକ୍ଷିତ କରିଥିବା ବେଳେ ଧାରା ୨୧(କ) ଶିଶୁ ଶିକ୍ଷାକୁ ଏକ ମୌଳିକ ଅଧିକାରଭୁକ୍ତ କରିଛି। ତା'ହାଲେ କ'ଣ ପରିଚାଳନାଗତ ଅଧିକାରକୁ ସୁରକ୍ଷିତ କରାଯାଇ ଶିଶୁ ଅଧିକାରକୁ ଉପେକ୍ଷିତ କରାଯିବ? ଶିଶୁ ଅଧିକାର ପ୍ରଥମେ ସୁରକ୍ଷିତ ରହିବା ଆବଶ୍ୟକ। ପର୍ସନାଲ ଆଇନ ବଳରେ ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ସଂଖ୍ୟାଲଘୁ ମୌଳିକ ଅଧିକାର ବଜାୟ ରଖନ୍ତୁ। ଶିକ୍ଷା କ୍ଷେତ୍ରରେ ତାହା ହେବା ଉଚିତ୍ ନୁହେଁ। ବହୁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନର ପରିଚାଳନା ବିବାଦରେ ରହିଛି। ମାମଲା ମଧ୍ୟ ଅଦାଲତର କାଠଗଡ଼ାରେ ରହିଛି। ଏକ୍ଷେତ୍ରରେ ସ୍ୱାୟତ୍ତତା ଓ ଅଧିକାର ନାମରେ ସ୍ୱେଚ୍ଛାଚାରିତା ମାନସିକତା ଅଧିକ ରହୁଥିବା ଦେଖାଯାଉଛି। ଯେଉଁ ଅନୁଷ୍ଠାନଗୁଡ଼ିକ ଅଧ୍ୟାତ୍ମିକ ବା ଧାର୍ମିକ ଶିକ୍ଷା ପ୍ରଦାନ କରୁଛନ୍ତି ସେମାନଙ୍କୁ ଏଥିରୁ ବାଦ ଦିଆଯାଇପାରେ। କିନ୍ତୁ ଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଶିକ୍ଷାନୁଷ୍ଠାନକୁ ଆରଟିଇ ପରିସରଭୁକ୍ତ କରାଯିବା ଆବଶ୍ୟକ। ବମ୍ବେ ହାଇକୋର୍ଟ ଏବଂ ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ ନିଜ ରାୟରେ ସମସ୍ତ ଶିକ୍ଷାନୁଷ୍ଠାନକୁ ଆରଟିଇ ପରିସରଭୁକ୍ତ କରିବାକୁ ମତ ରଖିଛନ୍ତି। ଏଣୁ ଶିଶୁ ଶିକ୍ଷା ଅଧିକାର ସୁରକ୍ଷା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ତୁରନ୍ତ ଶୁଣାଣି କରିବା ଆବଶ୍ୟକ। ୨୦୧୪ ମସିହା ସମ୍ବିଧାନ ଖଣ୍ଡପୀଠ ରାୟକୁ ପୁନଃସମୀକ୍ଷା କରିବା ପାଇଁ ସରକାର ମଧ୍ୟ ସମ୍ବିଧାନ ସଂଶୋଧନ କରିବା ଲାଗି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

# ଓଡ଼ିଶାର ହସ୍ତଶିଳ୍ପ ଏକ ଜୀବନ୍ତ ସାହିତ୍ୟ

**ରାଜେଶ କୁମାର ତ୍ରିପାଠୀ**

ହାତ ଯେତେବେଳେ ହୃଦୟ ସହିତ ଚାଲେ, ସେତେବେଳେ ମାଟି ଓ ମଣିଷ ମିଶି ଲେଖନ୍ତି ଜୀବନ ସାହିତ୍ୟ। ଓଡ଼ିଆ ହସ୍ତଶିଳ୍ପ ହେଉଛି ଆମ ମାଟିର ଆତ୍ମାର ଅଭିବ୍ୟକ୍ତି। ଏହା ଏମିତି ଏକ ଜୀବନ୍ତ ସାହିତ୍ୟ ଯେଉଁଠି ଶବ୍ଦ ନୁହେଁ - ହାତ କହେ। ରେଖା ଓ ରଙ୍ଗ ହେଉଛି ତାହାର ଅକ୍ଷର, ଆଉ ହୃଦୟ ହେଉଛି ତାହାର ସ୍ପନ୍ଦନ। ମାଟି, ଧାତୁ, ତନ୍ତ, ଶିଳା କିମ୍ବା ଘାସ - ଯେଉଁଠି ଓଡ଼ିଆ ମଣିଷ ପ୍ରଭୁଙ୍କୁ ସ୍ମରଣ କରି ହାତର ସ୍ପର୍ଶ ଦିଏ ସେଠାରେ ଜନ୍ମ ନେଉଥାଏ ଆତ୍ମାସ୍ପର୍ଶୀ କଳା। ଆମ ଲୋକଙ୍କ ହାତରେ ଗଢ଼ା ପଥର ମୂର୍ତ୍ତି, ତନ୍ତ ଶାଢ଼ି, ମାଟି ଦୀପ, ଘୋଡ଼ା କିମ୍ବା ତାରକସି - ଏ ସବୁ ହେଉଛି ଓଡ଼ିଆ ଆସ୍ଥା, ଶ୍ରମ ଓ ମନୁଷ୍ୟତାର ଜୀବନ୍ତ ପ୍ରତୀକ। ଓଡ଼ିଆ ହସ୍ତଶିଳ୍ପ କେବଳ କାରିଗରୀ ନୁହେଁ, ଏହା ହେଉଛି ଆମ ସଂସ୍କୃତିର ସ୍ୱର, ଆମ ହୃଦୟର ଗପ ଓ କବିତା।

ପଥର, ମାଟି, ଧାତୁ ଓ ରଙ୍ଗରେ ଲୁଚିଥିବା ଆତ୍ମା ଓଡ଼ିଆ ହାତରେ ପଡ଼ିଲେ ଜୀବନ ନେଇଥାଏ। ପଥର ଦେହରେ ଯେତେବେଳେ ମଣିଷ ହାତରେ ସ୍ୱପ୍ନ ଲେଖେ, ନିଏ ଶିଳ୍ପ, ଯାହା ଶାଶ୍ୱତ ଓ ଦିବ୍ୟ। ଲିଙ୍ଗରାଜ, ଜଗନ୍ନାଥ ଓ କୋଣାର୍କ ମନ୍ଦିର ଏହି ଅଦ୍ଭୁତ ସାଧନାର ଜୀବନ୍ତ ପ୍ରତୀକ। ସେହି ଶିଳାରେ ଖୋଦା ରେଖାଗୁଡ଼ିକ



କେବଳ କଳା ନୁହେଁ, ତାହା ହେଉଛି ଓଡ଼ିଆ ଚିତ୍ତର ଭକ୍ତି ଓ ବୁଦ୍ଧିର ସାହିତ୍ୟ। ପିତଳ ଦୀପ, ମାଟିର ପାତ୍ର କିମ୍ବା ଘୋଡ଼ା - ଏସବୁରେ ଅଛି ଜୀବନର ସ୍ପନ୍ଦନ।

ମାଟି ହେଉଛି ଓଡ଼ିଆ ଜୀବନର ମୂଳ ଆଉ ଶିଳ୍ପ ହେଉଛି ତାହାର ଭାଷା। ଟେରାକୋଟା ଘୋଡ଼ା, ପାତ୍ର, ଖେଳନା ଆଦି ମନୁଷ୍ୟ ଓ ଦେବତା ମଧ୍ୟରେ ଗଢ଼ିଛି ଏକ ନିର୍ମଳ ସେତୁ। ଗ୍ରାମଦେବୀଙ୍କ ପାଇଁ ଆଜି ମଧ୍ୟ ଦିଆଯାଉଥିବା ମାଟିର ଘୋଡ଼ା ସେହି ଆସ୍ଥାର ଶାଶ୍ୱତ ସଙ୍କେତ। ପିପିଲିର ଚାନ୍ଦୁଆ କାମ ହେଉଛି ରଙ୍ଗ, ଆଲୋକ ଓ ଆନନ୍ଦର ଉତ୍ସବ। ରଙ୍ଗ ଲଗା କପଡ଼ା ଖଣ୍ଡକୁ ଯୋଡ଼ି ତିଆରି ହୋଇଥିବା ଚାନ୍ଦୁଆ, ଛତା, ପଙ୍ଖା ଓ ଚିତ୍ରପଟ ଦେଖିଲେ ଲାଗେ ହାତ ଓ ରଙ୍ଗ ଏକାଠି ହୋଇ ଗାଉଛି ଜୀବନର ଗୀତ। ସୁବର୍ଣ୍ଣ ଘାସରେ ମହିଳାମାନଙ୍କ ହାତରେ ତିଆରି ଟୋକେଇ, ସପ ଓ ଗାଲିଚା ଦେଖିଲେ ଲାଗେ ଯେପରି ସାଧା ସାମଗ୍ରୀ ମଧ୍ୟ ସୁନ୍ଦରତା ଓ ସ୍ୱାଭିମାନର ପ୍ରତୀକ ହୋଇପାରେ। ଘାସ ଯେତେବେଳେ ଶିଳ୍ପ ହୁଏ, ସେତେବେଳେ ମାଟିର ସହିଷ୍ଣୁତା ଓ ମଣିଷର ସାଧନା ଏକାଠି ହୋଇ ଗାଉଥାଏ ଜୀବନର ସ୍ତୋତ୍ର।

ଓଡ଼ିଆ ଶାଢ଼ି ହେଉଛି ଆମ ଆତ୍ମାର ବସ୍ତ୍ର। ସମ୍ବଲପୁରୀ ହେଉ କି ବରହମପୁରୀ, ପ୍ରତ୍ୟେକ ଶାଢ଼ି ଗୋଟିଏ ଅଞ୍ଚଳର ସଙ୍ଗୀତ ଓ ଜୀବନର ଗାଥା। ଶଙ୍ଖ, ଫୁଲ, ଲତା - ଏହି ଛାପ ଓଡ଼ିଆ ନାରୀର ସାହସ, ସଂସ୍କାର ଓ ସୌନ୍ଦର୍ଯ୍ୟକୁ ବୁଣି ରଖିଛି। ଏହା କେବଳ ବସ୍ତ୍ର ନୁହେଁ, ଶ୍ରମ ଓ ସ୍ୱାଭିମାନର ଶିଳ୍ପିତ ଅନୁବାଦ। ସେପରି କଟକର ତାରକସି କାମ ଓଡ଼ିଆ କାରିଗରୀର ମହିମା। ସୂକ୍ଷ୍ମ ରୁପା ତାରରେ ଗଢ଼ିଥିବା ରଥ, ଅଳଙ୍କାର ଓ ଦେବତା ଆକୃତିଗୁଡ଼ିକ କେବଳ ଦେଖିବାକୁ ସୁନ୍ଦର ନୁହେଁ, ବରଂ ମନୁଷ୍ୟ ଧୈର୍ଯ୍ୟ ଓ ଆସ୍ଥାର ଦିବ୍ୟ ପ୍ରତୀକ। ପ୍ରତ୍ୟେକ ତାର ହେଉଛି ଶ୍ରଦ୍ଧା ଓ ସାଧନାର ଏକ ସୂତ୍ର, ଯାହା ଆଜି ମଧ୍ୟ ଓଡ଼ିଆ ହୃଦୟକୁ ଗର୍ବିତ କରେ।

ପିତଳ କିମ୍ବା ମାଟିର ଦୀପ ଯେପରି ଘରକୁ ଆଲୋକିତ କରେ, ସେହିପରି ଓଡ଼ିଆ ହସ୍ତଶିଳ୍ପ ଆମ ସଂସ୍କୃତି ଓ ଆଶାକୁ ଆଲୋକିତ କରେ। ଆଜି ସାରା ବିଶ୍ୱ ଯେତେବେଳେ ଅଟୋମେସନ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ମନୁଷ୍ୟତା ଖୋଜୁଛି, ଓଡ଼ିଶା ତା'ର ହସ୍ତଶିଳ୍ପ ମାଧ୍ୟମରେ ସ୍ମରଣ କରାଉଛି ଯେ ସବୁଠାରୁ ବଡ଼ ଟେକନୋଲୋଜି ହେଉଛି ମଣିଷ ହାତ। ଆଉ ସବୁଠାରୁ ଶକ୍ତିଶାଳୀ ସଫ୍ଟୱେୟାର ହେଉଛି ତାହାର ହୃଦୟ। ଓଡ଼ିଆ ହସ୍ତଶିଳ୍ପ ଆଜି କେବଳ ଗତଐତିହ୍ୟ ନୁହେଁ, ଏହା ଆଗାମୀ କାଲିର ଆଶା ମଧ୍ୟ। ପରିବର୍ତ୍ତିତ ସମୟରେ ଏହା ମାନବତା, ସୃଜନ ଓ ସମ୍ମିଳନର ଏକ ମଡେଲ୍ ଭାବେ ଉଦିତ ହେଉଛି।

ଯଦି ଆମେ ଆମ ଶିଳ୍ପକୁ ସମୟ ସହିତ ଯୋଡ଼ି ରଖିପାରିବୁ, ନବତନ୍ତ୍ରର ସହିତ ଯୋଗାଯୋଗ ରଖି ତା'ର ଆତ୍ମାକୁ ଅକ୍ଷୁଣ୍ଣ ରଖିପାରିବୁ, ତେବେ ଓଡ଼ିଶା ହସ୍ତତନ୍ତ ଶିଳ୍ପ ସଂସ୍କୃତିର ବତୀଘର ହୋଇପାରିବ। ଯେତେବେଳେ ହାତ ହୃଦୟ ସହିତ ଚାଲେ ଏବଂ ସେହି ହାତ ସମୟ ସହିତ ତାଳ ଦିଏ, ସେତେବେଳେ ଜନ୍ମ ନେଉଥାଏ ଏମିତି ହସ୍ତଶିଳ୍ପ, ଯାହା କେବଳ ନିଜ ଅଞ୍ଚଳ ନୁହେଁ, ସାରା ପୃଥିବୀର ଆତ୍ମାକୁ ଆଲୋକିତ କରିପାରେ।

ଭୁବନେଶ୍ୱର, ମୋ: ୯୬୯୨୩୩୩୦୩୧

# ପ୍ରାଣଘାତୀ ବାଣ ଓ ବାଜା

**ଶ୍ରୀନନ**

ବିଜ୍ଞାନ ବାର୍ତ୍ତା

ପ୍ରାୟ ପ୍ରତ୍ୟେକ ସାର୍ବଜନୀନ ଉତ୍ସବ ପାଳନ ଅବସରରେ ଆମେ ପ୍ରାଥମିକତା ଦେଉଛୁ ବାଣ ଓ ବାଜାକୁ। ପରିବେଶ ଓ ପରିସଂସ୍ଥାକୁ ଗୁରୁତ୍ୱ ଦେଉଥିବା ଆମ ସଂସ୍କୃତିରେ ପୂଜାପାର୍ବଣ ସହିତ ଏହା କିପରି ସମ୍ପୃକ୍ତ ହେଲା ତାହା ବୁଝି ହେଉନାହିଁ। ସାଧାରଣତଃ ବାଣରେ ଥାଏ ଆଲୁମିନିୟମ ଗୁଣ୍ଡ, ଗନ୍ଧକ, ଫସଫରସ, ପଟାସିୟମ ନାଇଟ୍ରେଟ୍, ବେରିୟମ ନାଇଟ୍ରେଟ୍ ଇତ୍ୟାଦି। ପୁନଶ୍ଚ ଏଥିରୁ ନିର୍ଗତ ଶିଖାକୁ ନାନାରଂଗ ପ୍ରଦାନ କରିବାକୁ ଏଥିସହିତ ଯୋଗ କରାଯାଇଥାଏ ସୋଡିୟମ, ତମ୍ବା, ବେରିୟମ ଧାତୁର ବିବିଧ ଲବଣ। ଏଣୁ ବାଣ ଫୁଟିଲେ ସେଥିରୁ ନିର୍ଗତ ହୁଏ ଅଙ୍ଗାରକାମ୍ଳ, କାର୍ବନ ମନୋକସାଇଡ, ଗନ୍ଧକର ଅକ୍ସାଇଡ ସମୂହ, ସୂକ୍ଷ୍ମ ଭାସମାନ କଠିନ ପଦାର୍ଥ, ଅଙ୍ଗାର ଓ ବିବିଧ ଧାତବ କଣିକା ଇତ୍ୟାଦି।

ଜନସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏଗୁଡ଼ିକର ପ୍ରଭାବ ବର୍ଣ୍ଣନା କରିବସିଲେ ପୁରାଣଟିଏ ହେବ। ଗନ୍ଧକର ଅକ୍ସାଇଡ୍‌ଗୁଡିକ ଆମ ଶ୍ୱାସକ୍ରିୟା ବ୍ୟବସ୍ଥାକୁ କ୍ଷତି ପାହଞ୍ଚାଲା ବେଳେ ଅମ୍ଳବୃଷ୍ଟି ମଧ୍ୟ କରାନ୍ତି। ସେହିପରି କାର୍ବନ ମନୋକସାଇଡ ରକ୍ତର ଅମ୍ଳଜାନବାହୀ ଗୁଣକୁ ପ୍ରତିହତ କରେ ଏବଂ ସୂକ୍ଷ୍ମ ଭାସମାନ କଠିନ ପଦାର୍ଥଗୁଡ଼ିକ ଶ୍ୱାସରୋଗଠାରୁ ହୃଦ୍‌ରୋଗ ଯାଏ ନାନାରୋଗର କାରଣ ଅଟନ୍ତି। ପୁନଶ୍ଚ ଅଙ୍ଗାରକାମ୍ଳ ତ ଏକନମ୍ବର ସବୁଜ ଗୃହ ବାଷ୍ପ।

କ୍ଷୋଭର ବିଷୟ ଯେ ପର୍ବପର୍ବାଣୀ ଅବସରରେ ଆମେ ଏସବୁ ପ୍ରତି ଧ୍ୟାନ ନଦେଇ ମନଇଚ୍ଛା ବାଣ ଫୁଟାଇଥାଉ। ଫଳରେ ଦେଶର ପ୍ରାୟ ସମସ୍ତ ସହର ଓ ନଗରରେ ବାୟୁ ପ୍ରଦୂଷଣର ମାତ୍ରା ଅନେକ ଗୁଣ ବଢ଼ିଯାଏ।



ବିଭିନ୍ନ ପ୍ରକାର ଫଟକା ବାଣରୁ ନିର୍ଗତ ହୋଇଥାଏ ୮୦/୯୦ ରୁ ଆରମ୍ଭ କରି ୧୨୦/୧୪୦ ଡେସିବଲ ପର୍ଯ୍ୟନ୍ତ ଉଚ୍ଚଧ୍ୱନି। ଆମର ସାଧାରଣ ସହନୀୟ ସୀମା ହେଲା ୫୦ ରୁ ୬୦ ଡେସିବଲ। ଅତଏବ ଏହା ଆମ ଶ୍ରୁତି ଓ ଶ୍ରବଣ ଶକ୍ତି ହ୍ରାସ କଲା ବେଳେ ମୁଣ୍ଡବ୍ୟଥା, ଛାତିରେ ଯନ୍ତ୍ରଣା, ଚର୍ମଜ୍ୱଳନ, ପାକସ୍ଥଳୀରେ ଘା, ହୃତସ୍ପନ୍ଦନ ହାର ବୃଦ୍ଧି, ହୃଦରୋଗ ସୃଷ୍ଟି କରେ ଏବଂ ଆମ ଚୟାପଚୟ ପ୍ରକ୍ରିୟା ଉପରେ କୁପ୍ରଭାବ ପକାଏ। ବିବିଧ ପର୍ବପର୍ବାଣୀ ଅବସରେ ଧ୍ୱନି ପ୍ରଦୂଷଣ ଦିଲ୍ଲୀ, ମୁମ୍ବାଇ, କଲିକତା, ଲକ୍ଷ୍ନୌ, ଅହମ୍ମଦାବାଦ ଆଦି ନଗରୀମାନଙ୍କରେ ୧୩୦/୧୪୦ ଡେସିବଲ ଅତିକ୍ରମ କରିଯାଏ। ଏପରିକି ଆମ କଟକ ମଧ୍ୟ ଏଥିରୁ ବାଦ ପଡ଼େ ନାହିଁ।

ବାଣ ସହିତ ଏବର ସମସ୍ୟାକୁ ଅଧିକ ତୀବ୍ର କରୁଛି ବାଜା ଓ ଡାକବାଜି ଯନ୍ତ୍ର। ବିଭିନ୍ନ ବାଜାରୁ ୯୦ ରୁ ୧୪୦ ଡେସିବଲ ଧ୍ୱନି ନିର୍ଗତ ହେଉଥିବା ବେଳେ ଡାକବାଜିଯନ୍ତ୍ର କ୍ଷେତ୍ରରେ ତାହା ୧୦୦ ରୁ ୧୩୦। ସହଜେ ତ ଗାଡ଼ିମୋଟର, କଳାକାରଖାନା, ଉଡ଼ାଜାହାଜ ଆଦିଙ୍କ ଯୋଗୁଁ ବାୟୁ ଓ ଧ୍ୱନି ପ୍ରଦୂଷଣ ବଢ଼ି ଲାଗିଛି। ସେଥିସହିତ ଏହି ଦାୟିତ୍ୱହୀନ କାର୍ଯ୍ୟକଳାପ ସମସ୍ୟାଟିକୁ ଅଧିକ ଜଟିଳ କରି ପକାଉଛି।

ବିଡ଼ମ୍ବନାର କଥା ଯେ ଏହାକୁ ଆମେ ଉପଭୋଗ କରୁଛୁ ଆମ ପ୍ରଚଳିତ ପରମ୍ପରା ଓ ଧର୍ମାନୁଷ୍ଠାନର ଦ୍ୱାହି ଦେଇ। ଏକଥା କହିଲାବେଳେ ଆମେ ଭୁଲି ଯାଉଛୁ ଯେ ମଣିଷର ଜୀବନଧାରା ଓ ଚେନତାକୁ ସମୁନ୍ନତ ଓ ଶୃଙ୍ଖଳିତ କରିବାକୁ ଧର୍ମ ଓ ପରମ୍ପରାର ସୃଷ୍ଟି। ଅତଏବ ସମାୟାନୁକ୍ରମେ ଏହା ମଧ୍ୟରେ ଯୁକ୍ତିସିଦ୍ଧ ପରିବର୍ତ୍ତନ ଆସିବା ନିତାନ୍ତ ଜରୁରୀ। ନଚେତ୍ ତାହା ହରାଇବା ବସିବ ପ୍ରାସଙ୍ଗିକତା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାଜ୍ୟରେ ସାର ସମସ୍ୟା, ସରକାରଙ୍କ ଚେତା ପଶିଲା

**ଭୁବନେଶ୍ୱର,୧୩।୧୦(ସମିସ):** ଚଳିତ ଖରିଫ୍ ଋତୁରେ ରାଜ୍ୟବ୍ୟାପୀ ବିହନ ଏବଂ ସାର ଯୋଗାଣକୁ ନେଇ ବେଶ୍ ହନ୍ତସନ୍ତ ହୋଇଛନ୍ତି ଚାଷୀ। ବିଶେଷକରି ସାରକୁ ନେଇ ରାଜ୍ୟବ୍ୟାପୀ ଚାଷୀ ବେଶ୍ ହନ୍ତସନ୍ତ ହୋଇଥିବା ବେଳେ ଏବେ ମଧ୍ୟ କେତେକ ସ୍ଥାନରେ ଆବଶ୍ୟକୀୟ ସାର ମିଳି ପାରିନାହିଁ। ସାର ନ ପାଇ ସରକାରୀ ସଂସ୍ଥା ଆଗରେ ରାତି ରାତି ଅନିଦ୍ରା ହୋଇ ଚାଷୀ ବସିବସି ନିରାଶ ହୋଇଛି। ବାଧହୋଇ ଚଢ଼ାଦରରେ ଖୋଲା ବଜାରରୁ ସାର କିଣିବାକୁ ଚାଷୀ ବାଧ ହୋଇଛନ୍ତି। ତେଣୁ ରବି ଋତୁରେ ଚାଷୀଙ୍କୁ ସାର ଯୋଗାଣ ତ୍ୱରାନ୍ୱିତ କରିବା ପାଇଁ ଏନେଇ ନିକଟରେ କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।

ବୈଠକରେ ରାଜ୍ୟରେ ଆସନ୍ତା ରବି ଋତୁ ୨୦୨୫-୨୬ ପାଇଁ ବିହନ ଯୋଗାଣ ଉପରେ ବ୍ୟାପକ ଚର୍ଚ୍ଚା ଆଲୋଚନା ହୋଇଛି। ଖରିଫ ଋତୁରେ ଚାଷୀମାନେ ସଠିକ୍ ସମୟରେ ଉନ୍ନତମାନର ବିହନ ପାଇ ନ ଥିବା ଅଭିଯୋଗ ହୋଇଥିଲା। ଏପରିକି ଚାଷୀଙ୍କୁ ଯେଉଁ ବିହନ ଯୋଗାଇ ଦିଆଯାଇଥିଲା, ତାହା ଗୁଣବତ୍ତା ଦୃଷ୍ଟିରୁ ଉନ୍ନତ ନଥିବା କୁହାଯାଇଥିଲା। ତେଣୁ ଆସନ୍ତା ରବି ଋତୁ ପାଇଁ ସଠିକ୍ ବିହନ ଯୋଗାଣ ପାଇଁ ରାଜ୍ୟ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ବୈଠକ ଡକାଯିବ। ବୈଠକରେ ରବି ଋତୁ

- **ରବି ଋତୁରେ ତ୍ରୁଟିଶୂନ୍ୟ ସାର ଯୋଗାଣ ଉପରେ ଗୁରୁତ୍ୱ**
- **ଖୁବଶୀଘ୍ର ପ୍ରକାଶ ପାଇବ ସଂଶୋଧିତ ମାର୍ଗଦର୍ଶିକା**
- **ୟୁରିଆ ଯୋଗାଣ ଦାୟିତ୍ୱ ବହନ କରିବ ମାର୍କଫେଡ୍**
- **ରବି ବିହନ ଯୋଗାଣ ପାଇଁ ହେବ ଉଚ୍ଚସ୍ତରୀୟ ବୈଠକ**

ପାଇଁ ଧାନ ଓ ଅଣଧାନ ବିହନ ଯୋଗାଣ ସମ୍ପର୍କରେ ବିଶେଷ ଆଲୋଚନା କରାଯିବ। ରବି ଋତୁ ପାଇଁ ଧାନ ବ୍ୟତୀତ ପରିବା, କପା ପାଇଁ କେତେ ମାତ୍ରାରେ ସାର ଆବଶ୍ୟକ ହେବ, ସେନେଇ ଓୟୁଏଟି ବିସ୍ତୃତ ରିପୋର୍ଟ ପ୍ରଦାନ କରିବ। ଏହି ରିପୋର୍ଟ ଆଧାରରେ ରାଜ୍ୟରେ ସାରର ଆବଶ୍ୟକତା ନେଇ ଏକ ଆକଳନ ପ୍ରସ୍ତୁତ କରାଯିବା ସହ ତଦନୁଯାୟୀ ସାର ମହଜୁଦ୍ ଏବଂ ପରବର୍ତ୍ତୀ ଅବସ୍ଥାରେ ଯୋଗାଣ କରାଯିବ। ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ସାର ଯୋଗାଣକୁ ପ୍ରତ୍ୟେକ୍ଷ ଭାବେ ନିରୀକ୍ଷଣ କରିବାକୁ ଥିବାବେଳେ ରାଜ୍ୟବ୍ୟାପୀ ୟୁରିଆ ଯୋଗାଣ ପାଇଁ ମାର୍କଫେଡକୁ ସମସ୍ତ କ୍ଷମତା ପ୍ରଦାନ କରାଯାଇଛି। ପାକ୍ସ ଓ ଲାମ୍ପସ ଦ୍ୱାରା ଚାଷୀଙ୍କ ନିକଟରେ ଯେପରି ସାର ସଠିକ୍ ସମୟରେ ପହଞ୍ଚିବ, ସେ ନେଇ ମାର୍କେଫେଡ ଆବଶ୍ୟକୀୟ ପଦକ୍ଷେପ ନେବ। ଆସନ୍ତା ରବି ଋତୁରେ ସାର ଯୋଗାଣ ପାଇଁ ଖୁବଶୀଘ୍ର ଏକ ସଂଶୋଧିତ ଏସଓପି ପ୍ରସ୍ତୁତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଟ୍ୟାଙ୍କର୍-ବାଇକ୍ ଧକ୍କା; ଦୁଇ ମୃତ

ରାମନାଗୁଡ଼ା, ୧୩।୧୦ (ସମିସ): ରାୟଗଡ଼ା ଜିଲ୍ଲା ରାମନଗୁଡ଼ା ବ୍ଲକ୍ ଅନ୍ତର୍ଗତ ପାଲୁପାଇ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତଦ୍ୱୟଙ୍କ ପରିଚୟ ମିଳି ନଥିବା ବେଳେ ସେମାନଙ୍କ ଘର ରାୟଗଡ଼ା ବ୍ଲକ୍ ଗୁମା ଗ୍ରାମରେ। ସେମାନେ ରାମନଗୁଡ଼ା ବ୍ଲକ୍ ଅନ୍ତର୍ଗତ ଗୋସେଇଁ ଗୁଲୁମୁଣ୍ଡା ପଞ୍ଚାୟତ ଅଧୀନ ରେଖାଗୁଡ଼ାସ୍ଥିତ ଜଣେ ସଂପର୍କୀୟଙ୍କ ଘରକୁ ଆସିଥିଲେ। ଆଜି ଦୁହେଁ ଏକ ବାଇକ୍‌ରେ ୩୨୬ ନମ୍ବର ଜାତୀୟ ରାଜପଥ ଦେଇ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ତେଲ ଟ୍ୟାଙ୍କର୍ ପାଲୁପାଇ ନିକଟସ୍ଥ ବୁଲାଣିରେ ସେମାନଙ୍କୁ ଧକ୍କା ଦେଇଥିଲା। ରାମନାଗୁଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଦ୍ୱୟଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

## ଓଡ଼ିଶା ଛାଡ଼ିଲା ମୌସୁମୀ

**ଆଣିଥିଲା ୧୬ଟି ଲଘୁଚାପ, ୫ ଅବପାତ**

**ଭୁବନେଶ୍ୱର,୧୩।୧୦(ସମିସ):** ସାଧାରଣ ଭାବେ ଓଡ଼ିଶାରୁ ଅକ୍ଟୋବର ୧୦-୧୫ ମଧ୍ୟରେ ମୌସୁମୀ ଅପସାରଣ ହୋଇଥାଏ। ଚଳିତ ବର୍ଷ ରାଜ୍ୟକୁ ସ୍ୱମୌସୁମୀ ଯଥେଷ୍ଟ ଆଗୁଆ ଆସିଥିଲେ ମଧ୍ୟ ରାଜ୍ୟରୁ ସ୍ୱାଭାବିକ ସମୟରେ ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ଦିନରେ ଉତ୍ତର ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରୁ ମୌସୁମୀ ବିଦାୟ ନେଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଦକ୍ଷିଣ ପଶ୍ଚିମ ମୌସୁମୀ

**ସଅଳ ଆସିଲା, ସ୍ୱାଭାବିକ ସମୟରେ ପ୍ରତ୍ୟାବର୍ତ୍ତନ**

ବାୟୁ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଆଦିରୁ ସମ୍ପୂର୍ଣ୍ଣ ଅପସାରଣ ହୋଇଯାଇଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର ଅଧିକାଂଶ ଅଞ୍ଚଳ ଏବଂ ନୂଆପଡ଼ା, ସୋନପୁର, ବରଗଡ଼ ଓ ବାଲେଶ୍ୱରର କିଛି ଅଞ୍ଚଳରୁ ଅପସାରଣ ହୋଇଛି। ମୌସୁମୀ ପ୍ରତ୍ୟାବର୍ତ୍ତନ ଯୋଗୁଁ ଏହି ସବୁ ଅଞ୍ଚଳରେ ଦୁଇ ଦିନ ହେବ ବର୍ଷା କମିଯାଇଥିବା ବେଳେ ଆଗକୁ ମଧ୍ୟ ଏଠାରେ ଶୁଖିଲା ପାଗ ଜାରି ରହିବାର ସମ୍ଭାବନା ରହିଛି। ଅନ୍ୟପଟେ ୨-୩ ଦିନ ମଧ୍ୟରେ ରାଜ୍ୟର ବାକି ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ହୋଇଯିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ଅନ୍ୟପଟେ ପାଣିପାଗ ବିଭାଗର ତଥ୍ୟକୁ ଦେଖିଲେ ଗଲା ୩ ବର୍ଷ ହେବ ରାଜ୍ୟରୁ ମୌସୁମୀ ୧୩ ଅକ୍ଟୋବରରେ ପ୍ରତ୍ୟାବର୍ତ୍ତନ ହେଉଥିବା ଦେଖାଯାଇଛି। ୧୦ ବର୍ଷ ମଧ୍ୟରେ ୨୦୧୮ରେ ସବୁଠୁ ଆଗୁଆ ଅର୍ଥାତ ମୌସୁମୀ ୫ ଅକ୍ଟୋବରରେ ଓଡ଼ିଶା ଛାଡ଼ିଥିବା ବେଳେ ୨୦୨୦ରେ ସବୁଠୁ ବିଳମ୍ବ ଅର୍ଥାତ ୨୬ ଅକ୍ଟୋବରରେ ମୌସୁମୀ ଓଡ଼ିଶାରୁ ବିଦାୟ ନେଇଥିଲା। ସାଧାରଣ ଭାବେ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବାର ୨-୩ ଦିନ ମଧ୍ୟରେ ସାରା ଓଡ଼ିଶାରୁ ଅପସାରଣ ହୋଇଯାଉଥିବାରୁ ଚଳିତ ବର୍ଷ ମଧ୍ୟ ୧୫ ସୁଦ୍ଧା ମୌସୁମୀ ସାରା ଓଡ଼ିଶାରୁ ବିଦାୟ ନେଇ ଯିବାର ସମ୍ଭାବନା ରହିଛି।

ରାଜ୍ୟକୁ ଜୁନ୍ ଦ୍ୱିତୀୟ ସପ୍ତାହ ବେଳକୁ ମୌସୁମୀ ଅଗ୍ରସର ହୋଇଥାଏ। ହେଲେ ଚଳିତ ବର୍ଷ ସ୍ୱାଭାବିକ ସମୟର ଯଥେଷ୍ଟ ପୂର୍ବରୁ ଅର୍ଥାତ ମେ' ୨୬ରେ ଦକ୍ଷିଣ ପଶ୍ଚିମ ମୌସୁମୀ ଓଡ଼ିଶା ପ୍ରବେଶ କରିଥିଲା। ଏଥର ମୌସୁମୀ ୪ ମାସ ଅର୍ଥାତ ଜୁନ୍-ସେପ୍ଟେମ୍ବର ମଧ୍ୟରେ ୧୧୫୦.୯ ମିମି ବର୍ଷା ରେକର୍ଡ ହୋଇଛି। ଯାହାକି ରାଜ୍ୟରେ ସ୍ୱାଭାବିକ ବର୍ଷାକୁ ସୂଚାଉଛି। ମୌସୁମୀର ପ୍ରଭାବ ମଧ୍ୟରେ ବଙ୍ଗୋପସାଗର ଓଡ଼ିଶାକୁ ପ୍ରଭାବିତ କରିଥିବା ସ୍ଥଳଭାଗକୁ ମିଶାଇ ମୋଟ୍ ୧୬ ଟି ଲଘୁଚାପ ହୋଇଥିଲା। ଏଥିମଧ୍ୟରୁ ୫ ଟି ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତ/ଗଭୀର ଅବପାତରେ ମଧ୍ୟ ପରିଣତ ହୋଇଥିଲା। ଏହାଦ୍ୱାରା ଚଳିତ ବର୍ଷ ରାଜ୍ୟର ଉତ୍ତର ଓଡ଼ିଶାରେ ପ୍ରାୟ ୬ ଥର ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ମହାନଦୀରେ ମଧ୍ୟ ଦୁଇ ଥର ଛୋଟ ଧରଣର ବନ୍ୟା ଆସିଥିଲା।

# ଇ-ଚାଲାଣ ପଇଠ ନକଲେ ରଦ୍ଦ ହେବ ଗାଡ଼ି ପଞ୍ଜୀକରଣ

**ଅନଲାଇନରେ ଇ-ଚାଲାଣ ଓଟିଏସ ରିହାତି ଅର୍ଥ ପଇଠ ସୁବିଧା**

କଟକ, ୧୩।୧୦ (ସମିସ): ବକେୟା ଥିବା ଟ୍ରାଫିକ୍ ଇ-ଚାଲାଣର ଏକକାଳୀନ ଫଇସଲା (ଓଟିଏସ) ପାଇଁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ରିହାତି ଅର୍ଥରାଶି ପଇଠ ପାଇଁ ଏଣିକି ଆଉ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଗୁଡ଼ିକୁ ଯିବାକୁ ପଡ଼ିବ ନାହିଁ। ଘରେ ବସି ଏହି ଇ-ଚାଲାଣ ପୈଠ କରିବାକୁ ପରିବହନ ବିଭାଗ ବ୍ୟବସ୍ଥା କରିଛି। ଏଥିପାଇଁ ପରିବହନ ବିଭାଗର ୱେବ୍‌ସାଇଟ୍ https://echallan.parivahan.gov.in/ରେ କ୍ଲିକ୍ କରିବା ସହ ନିର୍ଦ୍ଦିଷ୍ଟ ମାର୍ଗ ଅନୁସରଣ କରି ଚାଲାଣ ଅର୍ଥ ପଇଠ କରିହେବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।

ପୂର୍ବରୁ ମୋଟର ଯାନ ଆଇନର ୧୭ଟି ଧାରା ପାଇଁ ଏହା ଲାଗୁ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୭ଟି ଧାରା ଏଥିରେ ସାମିଲ କରି ମୋଟ୍ ୨୪ଟି ଧାରା ପାଇଁ ଏହି ସୁବିଧା ଉପଲବ୍ଧ ହୋଇଛି। ୩୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଏହି ସମସ୍ତ ଧାରାରେ ଜାରି ହୋଇଥିବା ଇ-ଚାଲାଣକୁ ରିହାତିରେ ପୈଠ କରିହେବ। ଇ-ଚାଲାଣ ପୈଠ ନ କଲେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ତରଫରୁ କୁହାଯାଇଛି। ଏଥିପାଇଁ ଭବିଷ୍ୟତରେ ମୋଟର ଯାନ ସମ୍ବନ୍ଧୀୟ ବିଭିନ୍ନ ସେବା ସହ ଗାଡ଼ିର ପଞ୍ଜୀକରଣ ରଦ୍ଦ ଭଳି କାର୍ଯ୍ୟାନୁଷ୍ଠାନ କରାଯିବ। ବିଗତ କିଛି ବର୍ଷ ଧରି ଲକ୍ଷଲକ୍ଷ ସଂଖ୍ୟାରେ ମୋଟରଯାନ ବ୍ୟବହାରକାରୀଙ୍କ ବିରୋଧରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ଜାରି ଇ-ଚାଲାଣ ବକେୟା ରହିଛି। ଏକାସାଥୀରେ ପୈଠ କରି ୫୦ ପ୍ରତିଶତ ଯାଏଁ ରିହାତି ପାଇବେ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। କୌଣସି ସୂଚନା ପାଇଁ ପରିବହନ ବିଭାଗର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୧୦୭୩ରେ ମଧ୍ୟ ଯୋଗାଯୋଗ କରିବାକୁ କୁହାଯାଇଛି।

# ସମସ୍ତ ଅଭିଯୁକ୍ତ ଗିରଫ

**ପଶ୍ଚିମବଙ୍ଗରେ ଓଡ଼ିଶା ଛାତ୍ରୀଙ୍କୁ ଗଣଦୁଷ୍କର୍ମ**

କୋଲକାତା, ୧୩।୧୦: ପଶ୍ଚିମ ବଙ୍ଗର ଦୁର୍ଗାପୁରରେ ଜଳେଶ୍ୱରର ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ସମସ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଗତକାଲି ତିନି ଜଣ ଧରାପଡ଼ିଥିବା ବେଳେ ଆଜି ଆଉ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଏହି ଦୁଇ ଅଭିଯୁକ୍ତ ହେଲେ ସଦ୍ଦାମ ଏବଂ ସଫିକୁଲ। ସେମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହାସହିତ ଏହି ଜଘନ୍ୟ କାଣ୍ଡରେ ଲିପ୍ତ ଥିବା ସମସ୍ତ ୫ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି ବୋଲି ଦୁର୍ଗାପୁର ପୁଲିସ ପକ୍ଷରୁ କୁହାଯାଇଛି। ତେବେ ସନ୍ଦେହ ଘେରରେ ଥିବା ପୀଡ଼ିତା ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଏବେ ବି ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଡିଜି କହିଛନ୍ତି।

## ଦୁର୍ଗାପୁର ଗଲେ ଓଡ଼ିଶା ମହିଳା କମିସନ ଅଧ୍ୟକ୍ଷା

ଇତିମଧ୍ୟରେ ଓଡ଼ିଶା ମହିଳା କମିସନ ଅଧ୍ୟକ୍ଷା ଶୋଭନା ମହାନ୍ତି ଆଜି ଦୁର୍ଗାପୁର ଯାଇଛନ୍ତି। ସେ ପୀଡ଼ିତାଙ୍କ ପିତାମାତାଙ୍କୁ ଭେଟିବା ସହିତ ସ୍ଥାନୀୟ ପୁଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ତେବେ ପୀଡ଼ିତା ଛାତ୍ରୀଙ୍କୁ ଭେଟିବା ଲାଗି ତାଙ୍କୁ ହସପିଟାଲ ଯିବାକୁ ମନା କରିଦେଇଛି। ପୀଡ଼ିତା ଛାତ୍ରୀଙ୍କର ଚିକିତ୍ସା ଚାଲିଥିବାରୁ ବାହାର ଲୋକଙ୍କୁ ଭେଟିବାଲାଗି ଅନୁମତି ଦିଆଯାଉ ନାହିଁ ବୋଲି ପୁଲିସ କହିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ପୀଡ଼ିତା ଛାତ୍ରୀଙ୍କର ଡାକ୍ତରୀ ରିପୋର୍ଟ ଆସିଛି ଏବଂ ଦୁଷ୍କର୍ମର ଶିକାର ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଅନୁମତି ଦିଆଯାଇନଥିବା ଜଣାପଡ଼ିଛି। ଓଡ଼ିଶା ସରକାର ପଠାଇଥିବା ଏକ ପ୍ରତିନିଧି ଦଳ ମଧ୍ୟ ଦୁର୍ଗାପୁର ଯାଇଛନ୍ତି। କିନ୍ତୁ ସେମାନଙ୍କୁ ହସପିଟାଲ ଭିତରକୁ ଛାଡ଼ିବାକୁ ପୁଲିସ

ଇତିମଧ୍ୟରେ ଛାତ୍ରୀଙ୍କ ପିତା କହିଛନ୍ତି ଯେ ତାଙ୍କ ଝିଅ ପଶ୍ଚିମ ବଙ୍ଗରେ ନିରାପଦ ନୁହେଁ। ମାଜିଷ୍ଟ୍ରେଟଙ୍କ ଆଗରେ ବୟାନ ଦେବାପରେ ସେ ତାଙ୍କୁ ଘରକୁ ନେଇଯିବେ। ଆଜି ସେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟି ଏସଂପର୍କରେ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ଶୁକ୍ରବାର ରାତିରେ ଜାଲେଶ୍ୱରର ଏହି ଏମବିବିଏସ୍ ଛାତ୍ରୀ ନିଜର ପୁରୁଷ ବନ୍ଧୁଙ୍କ ସହିତ କଲେଜ କ୍ୟାମ୍ପସ ବାହାରକୁ ଯାଇଥିବା ବେଳେ ୫ ଜଣ ଦୁର୍ବୃତ୍ତ ତାଙ୍କୁ ଟେକିନେଇ ଦୁଷ୍କର୍ମ କରିଥିଲେ।

# ନୂଆ ଶିକ୍ଷାନୀତି ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସେତୁ: ମୁଖ୍ୟମନ୍ତ୍ରୀ

ପୁରୀ, ୧୩।୧୦ (ସମିସ): ଶିକ୍ଷା କେବଳ ଜ୍ଞାନଗତ କ୍ଷମତାର ବିକାଶ ନୁହେଁ, ସ୍ୱାକ୍ଷରତା ଏବଂ ସଂଖ୍ୟାଗତ ଦକ୍ଷତାର ମୌଳିକ ସାମର୍ଥ୍ୟ ଏବଂ ବିଶ୍ଳେଷଣାତ୍ମକ ଚିନ୍ତା। ଶିକ୍ଷାର ଲକ୍ଷ୍ୟ ଚରିତ୍ର ଗଠନ ଓ ପବିତ୍ରତା। ଆଧ୍ୟାତ୍ମିକତାର ପୃଷ୍ଠଭୂମିରେ ଶିକ୍ଷା ପର୍ଯ୍ୟବସିତ ହେବା ଉଚିତ। ଶିକ୍ଷାର୍ଥୀମାନେ ଜୀବନରେ ଭଗବତ୍ ଗୀତାଠାରୁ ଆରମ୍ଭ କରି ସମସ୍ତ ଧର୍ମଗ୍ରନ୍ଥ ପାଠ କରିବା ଦରକାର। ଏତଦ୍‌ବ୍ୟତୀତ ଉପନିଷଦର ମହବାଣୀଗୁଡ଼ିକୁ ଆଚାର ବିଚାରରେ ବିନିଯୋଗ

- **ଭାରତୀୟ ଜ୍ଞାନ ପରମ୍ପରା ହେଉ ନୂଆ ଶିକ୍ଷା ଯୁଗର ଆଧାର**
- **ଶିକ୍ଷା ସମସ୍ତଙ୍କ ହିତ ଏବଂ ସମାଜ କଲ୍ୟାଣ ପାଇଁ ଅଟେ**



କରିବା ଉଚିତ। ଈଶ୍ୱର ବିଶ୍ୱାସୀ ହେବା ଦ୍ୱାରା ମଣିଷ ନିରହଙ୍କାରୀ ହେବା ସହ ଫଳ ଆଶା ବିନା ନିରନ୍ତର କାର୍ଯ୍ୟ କରି ଚାଲେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଆୟୋଜିତ 'ଜାତୀୟ ଶିକ୍ଷା ନୀତି ୨୦୨୦' ସନ୍ଦର୍ଭରେ ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକ ତ୍ରିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଷ୍ଟ୍ରୀୟ ଶିକ୍ଷାନୀତି ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷାନୀତି। ନୂଆ ଶିକ୍ଷାନୀତି ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସେତୁ। ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳ ସାମର୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇଛି। ଏହା ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥା ଉପରେ ପର୍ଯ୍ୟବସିତ, ଯାହାକି ଭାରତକୁ ରୂପାନ୍ତର କରିବାରେ ସିଧାସଳଖ ଅବଦାନ ଦେବ, ଅର୍ଥାତ ସମସ୍ତଙ୍କୁ ଉଚ୍ଚ ଗୁଣାତ୍ମକମାନର ଶିକ୍ଷା ପ୍ରଦାନ କରି ଭାରତକୁ ଜ୍ଞାନର ଏକ ବିଶ୍ୱ ଶକ୍ତିରେ ପରିଣତ କରିବ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷା ସଂସ୍କୃତି ଉତ୍ଥାନ ଟ୍ରଷ୍ଟର ଜାତୀୟ ସଚିବ ଡ. ଅତୁଲ କୋଠାରୀ ଜାତୀୟ ଶିକ୍ଷା ନୀତି ୨୦୨୦ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଲେ ଯେ ଏହି ଐତିହାସିକ ଶିକ୍ଷା ନୀତି ଯଦି ସଠିକ୍ ଭାବେ କାର୍ଯ୍ୟକାରୀ ହୁଏ ତେବେ ନିଃସନ୍ଦେହରେ ବିକଶିତ ଭାରତର ମୂଳଦୁଆ ସ୍ଥାପନ କରିବାରେ ଆମେ ସକ୍ଷମ ହେବା। ସେ ସମସ୍ତ ଶିକ୍ଷକବର୍ଗଙ୍କୁ ଏ ଦିଗରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ନୂଆଦିଲ୍ଲୀର ମହାସଚିବ ତଥା ରାଷ୍ଟ୍ରୀୟ ସଦସ୍ୟ ଡ. ପଙ୍କଜ ମିତ୍ତଲ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ମତ ଉପସ୍ଥାପନା କରିଥିଲେ।

## ଅବଶିଷ୍ଟାଂଶ

### ତିନି ଅର୍ଥଶାସ୍ତ୍ରୀଙ୍କୁ ନୋବେଲ...

ବିଜେତାଙ୍କୁ ୧୦ ମିଲିୟନ ସ୍ୱିଡିଶ କ୍ରୋନା ତଥା ୧୦.୩ କୋଟି ଟଙ୍କା, ସୁନା ମେଡାଲ, ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ।

ନୋବେଲ କମିଟି ଅନୁଯାୟୀ, କ୍ରମାଗତ ଭାବେ ଆର୍ଥିକ ବିକାଶ କାହିଁକି ହୋଇପାରିଛି ତାହା ଇତିହାସ ଦେଖି ଜୋଏଲ ମୋକିର ଦର୍ଶାଇ ଥିଲେ। ସେ କହିଥିଲେ ଯେ ନୂଆ ଆବିଷ୍କାର ଏବଂ ସୁଧାର କ୍ରମାଗତ ଭାବେ ଜାରି ରହିଥିଲେ, ତାହା କେବଳ କାମ କରୁଛି ବୋଲି ଜାଣିବା ଯଥେଷ୍ଟ ନୁହେଁ। ଏହା କାହିଁକି କାମ କରୁଛି ତାହା ବୁଝିବା ଜରୁରୀ। ଶିଳ୍ପ ବିପ୍ଳବ ପୂର୍ବରୁ ଲୋକେ ଏହା ବୁଝି ପାରୁ ନ ଥିଲେ। ଏଥିପାଇଁ ନୂଆ ସନ୍ଧାନ ଏବଂ ଆବିଷ୍କାରର ସଠିକ୍ ବ୍ୟବହାରରେ ସମସ୍ୟା ହେଉଥିଲା। ଏହା ବ୍ୟତୀତ ସମାଜ ମଧ୍ୟ ନୂଆ ବିଚାରକୁ ଗ୍ରହଣ କରିବା ପାଇଁ ମୁକ୍ତ ହେବା ଉଚିତ ଏବଂ ପରିବର୍ତ୍ତନକୁ ମଧ୍ୟ ସ୍ୱୀକାର କରିବା ଅତ୍ୟନ୍ତ ଜରୁରୀ।

କ୍ରମାଗତ ଭାବେ ଆର୍ଥିକ ବିକାଶ କେମିତି ଚାଲିଛି ତାହା ବୁଝିବାକୁ ଫିଲିପ ଏଘିୟାନ ଏବଂ ପିଟର ପ୍ରୟାସ କରିଥିଲେ। ଉଭୟେ ୧୯୯୨ରେ ଏକ ମଡେଲ ପ୍ରସ୍ତୁତ କରିଥିଲେ। ଏହାକୁ 'କ୍ରିଏଟିଭ ଡିଷ୍ଟ୍ରକ୍ସନ' ଅର୍ଥାତ୍ 'ରଚନାତ୍ମକ ବିନାଶ' କୁହାଯାଉଥିଲା। ଅର୍ଥାତ୍ ଯେତେବେଳି ବି କୌଣସି ନୂଆ ଏବଂ ଉନ୍ନତ ଉତ୍ପାଦନ ବଜାରକୁ ଆସେ ସେତେବେଳେ ପୁରୁଣା ବିକୁଥିବା କମ୍ପାନୀ ପଛରେ ରହିଯାଇଥାଏ। ଏଥିରେ ୨ଟି ପ୍ରସଙ୍ଗ ରହିଛି। ପ୍ରଥମଟି ରଚନାତ୍ମକ (ନୂଆ ଉଦ୍ଭାବନା) ଏବଂ ଅନ୍ୟଟ (ପୁରୁଣା ଉତ୍ପାଦ) ବିନାଶକାରୀ। ଏଭଳି ପରିବର୍ତ୍ତନ ସଂଘର୍ଷ ସୃଷ୍ଟି କରିଥାଏ। ତେଣୁ ଏହାକୁ ସଠିକ ଭାବେ ସମ୍ଭାଳିବା ଜରୁରୀ। ଏପରି ନ କଲେ ବଡ଼ କମ୍ପାନୀ ଏବଂ କିଛି ଗୋଷ୍ଠୀର ନୂଆ ଉଦ୍ଭାବନା ଅଟକି ଯାଇପାରେ।

### ଲାଲୁ, ରାବ୍‌ଡ଼ି...

ଲାଲୁ ହୁଇଲ୍ ଚେୟାରରେ କୋର୍ଟ ପହଞ୍ଚିଥିଲେ। ତାଙ୍କ ସହ ରାବଡ଼ି ଓ ତେଜସ୍ୱୀ ମଧ୍ୟ ଥିଲେ। ଲ୍ୟାଣ୍ଡ ଫର୍ ଜବ୍ସ ମାମଲାରେ ରାଉଜ ଆଭେନ୍ୟୁ କୋର୍ଟ ଆଜି ଅଭିଯୋଗ ନେଇ ଅନ୍ତିମ ନିଷ୍ପତ୍ତି ନେଇ ନାହାନ୍ତି ଓ ନଭେମ୍ବର ୧୦ରେ ଏହି ମାମଲାରେ କୋର୍ଟ ନିଷ୍ପତ୍ତି ନେବେ। ସେପଟେ ତେଜସ୍ୱୀ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ନିଜର ପ୍ରତିକ୍ରିୟା ରଖିଛନ୍ତି। 'ଯେପର୍ଯ୍ୟନ୍ତ ଦଙ୍ଗା ସୃଷ୍ଟିକାରୀ ଓ ସମ୍ବିଧାନ ବିରୋଧୀ ବିଜେପି ଶାସନରେ ଅଛି ଓ ମୋର ବୟସ ଅଛି ସେ ପର୍ଯ୍ୟନ୍ତ ବିଜେପି ସହିତ ଲଢ଼େଇ ଜାରି ରଖିବି। ଗୋଟିଏ ମାସ ତଳେ ବିହାର ଆସି ଗୃହମନ୍ତ୍ରୀ ଅମିତ ଶାହା ଧମକ ଦେଇ କହିଥିଲେ ଯେ, ନିର୍ବାଚନ ଲଢ଼ିବାକୁ ଆମର ଯୋଗ୍ୟତାକୁ କାଢ଼ିନିଆଯିବ। କିନ୍ତୁ ଆମେ ଲଢ଼ିବୁ ଓ ବିଜୟୀ ହେବୁ। ଆମେ ବିହାରୀ, ବାହାର ଲୋକଙ୍କୁ ଆମେ ଡରୁନା' ବୋଲି ତେଜସ୍ୱୀ କହିଛନ୍ତି।


**NAME CHANGE**

I **RAMESH CHANDRA SAHU,** S/o Iswar Chandra Sahu, At/Po- Bhursaguda, Ps- Sindhekela, Dist- Bolangir, Pin- 767035, Odisha declare by this Affidavit No: 4788 on dated 08.10.2025 that now onwards I shall be known as **RAMESH SAHU** for all future purposes.

(Sd- **RAMESH SAHU**)

**AFFIDAVIT**

I , Maheswor Parida, S/o-Basudeb Parida, resident of At-Dhaneswarpur, Po-Atal, Dist- Kendrapara, PIN-754231, Odisha declared by this affidavit No-822, dtd-10/10/2025 that now onwards I shall be known as **MAHESWAR PARIDA** for all future purposes

**NAME CHANGE**

By virtue of an affidavit sworn before the Notary Public, Bhubaneswar, AF. No. 276, on dated 13/10/2025, I **PRAMOD KUMAR JENA**, S/o Late Adhikari Jena resident of Village At- Dolamandap Sahi, Patia, Bhubaneswar- 751031, Dist- Khordha, State- Odisha, declare that I have changed my wife's name from **BABITA JENA** to **BEBITA JENA.** Henceforth, she shall be known as **BEBITA JENA** for all future purposes.

(Sd- **PRAMOD KUMAR JENA**)

**AFFIDAVIT**

By virtue of an affidavit (Sl No.645) sworn before The Notary Public, Bhubaneswar dated- 13/10/2025. I, **Anima Pradhan,** W/o Rajib Lochan Pradhan, Address: Village-Praharajpur, PO/PS-Pattamundai, Dist- Kendrapara, Odisha, Pin-754215 declare that I have changed my name from **Anima Biswal** (old name) to **Anima Pradhan** (new name). Henceforth, I shall be known as **Anima Pradhan** (new name) for all purposes.

**Anima Pradhan**

**AFFIDAVIT**

By virtue of an affidavit No. 10684, Dtd.09.10.2025 sworn before the Executive Magistrate, Balasore I, Ashish Kumar Biswal, S/o. Rabindra Kumar Biswal, At.Suthanga, Po./ Ps. Khantapada, Dist. Balasore, Odisha state that my name has been inadvertently spelt in my Board certificate vide No. A105052924 as Ashisa Kumar Biswal instead of Ashish Kumar Biswal, but both the names are one and same. Henceforth, I will be known as **Ashish Kumar Biswal** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Muniguda, dated 13/10/2025, I, Madhu Sikaka, S/o-Late Dusa Sikaka, a resident of Village- Loharagudi, Po.- Kutragada, P.S.- Muniguda, District- Rayagada, Odisha, declare that I have changed the name of my daughter from **Manisha Sikaka** to **MONISHA SIKAKA**. Henceforth, she shall be known as **MONISHA SIKAKA** for all purposes.

**Sd/- Deponent**

**AFFIDAVIT**

By Virtue of an affidavit sworn before P.K Mishra (O.R.S) Executive Magistrate, Balasore . Sl No- 10714 Dt-10/10/2025. I Sekh Abaas Ali , Age-48, S/o- Sekh Hado At-Mirazapur, Po-Balaramgadi, ps-Marine, Dist-Balasore. That, my name recorded Aadhar and Pan is **Sekh Abaas Ali** but in my passport vide no M6308456 issued from govt of india in wich my name recorded as **Sekh Abaas Alli** instead of **Sekh Abaas Ali**. I declared that **Sekh Abaas Ali** and **Sekh Abaas Alli** are one and same person for all future purposes.

**NOTICE**

By virtue of an affidavit sworn before The Notary Public, Sunabeda dated 09/10/2025 I, Sri. Jay Khada, S/o-Kamalu Khada, Vill.- Goilput, Po.- Badel, PS.- Padwa, District- Koraput declare that, I have changed my son's name from **Balaram Khaga** to **Bikram Khada**. Henceforth, my son shall be known as **Bikram Khada** for all purposes.

**Sd/- Jay Khada**

**AFFIDAVIT**

I, Santosh Kumar Peda, S/o- Manoranjan Peda, resident of Chengagadia,Po - Randia, PS - Bhadrak (Rural), Dist - Bhadrak, Pin - 756135, Odisha, declare by this affidavit No - 324, dated -13.09.2025, that now onwards I shall be known as **SANTOSH PEDA** for all future purposes.

**AFFIDAVIT**

By virtue of an affidavit (CF No.01, date- 13/10/2025) sworn before the Executive Magistrate, Padampur. I, **Suman Hati,** S/o Birasen Hati, permanent & current resident of At- Beheratal, PO-Jamartala, PS- Buden, Dist-Bargarh, PIN- 768036, Odisha declare that I have changed my name from **Muna Hati** (old name) to **Suman Hati** (new name). Henceforth, I shall be known as **Suman Hati** (new name) for all purposes.

**Suman Hati**

**LOST / FOUND**

I, **Deeptiraj Patnaik**, S/o. Hemanta Kumar Pattanaik, resident of plot No.3829, Lane-7, Sriram Nagar, P.O. Old Town, P.S. Shree Lingaraj, Bhubaneswar, Dist. Khordha, Pin-751002, declare that my Original Sale Deed bearing Document No.3681 Dtd.11.08.2006 has been misplaced somewhere in Raghunathpur Market. **Dt. 12.10.2025**. If found by anyone, then please inform me. Mob: 9692037969

**AFFIDAVIT**

By virtue of an affidavit sworn before the the court of the Executive Magistrate, Bargarh, dated 09-10-2025, I, Prashanti Mohanty, Address - AT- Padampur PO- Rajborasambar PS- Padampur, Dist- Bargarh, Odisha-768036 declare that I have changed my name from **Sandhyarani Mohanty** to **Prashanti Mohanty**. Henceforth, I shall be known as Prashanti Mohanty for all purposes.

**Sd/- Prashanti Mohanty**

**ଡକୁମେଣ୍ଟ ହଜିଛି**

ଓଡ଼ିଶା, ଖୋର୍ଦ୍ଧା ଜିଲ୍ଲା- ଖୋର୍ଦ୍ଧା, ମୌଜା- କନ୍ଧନସ୍କାଗଡ଼, ଖାତା ନମ୍ବର- ୧୦୧୫ ଏବଂ ଆରଏସଡି ନଂ-୧୫୮୦, ତାରିଖ- ୨୫/୭/୧୯୮୩, କାଗଜପତ୍ର ଡାକ୍ତର ରମାକାନ୍ତ ନାୟକ, ବାପା- କସ୍ତୁରୀ ଚରଣ ନାୟକ, ଗ୍ରାମ/ପୋଷ୍ଟ- ବଡ଼ପାରି, ଥାନା-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ମୋ ନାମରେ ଥିବା ସେଲଡିଡ୍ କାଗଜପତ୍ର, ୦୯/୧୦/୨୫ ତାରିଖ ସକାଳେ ମୁଁ ବାଣପୁର କଲେଜ ରୋଡ୍ ରୁ ମେଡିକାଲକୁ ଆସୁଥିବା ସମୟରେ କେଉଁଠି ହଜି ଯାଇଛି। ଏନେଇ ବାଣପୁର ଥାନା କେସ ନଂ- ୦୧୫, ତାରିଖ-୦୯/୧୦/୨୦୨୫ରେ ଅଭିଯୋଗ ହୋଇଛି। ଯଦି କେହି ଏହାକୁ ପାଆନ୍ତି, ତେବେ ମୋ ମୋବାଇଲ ନଂ- ୯୪୩୮୩୧୦୯୩୪ କିମ୍ବା ବାଣପୁର ପୋଲିସ ଷ୍ଟେସନରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି କେହି ଏହାର ଅପବ୍ୟବହାର କରନ୍ତି, ତେବେ ଆମେ ଏଥିପାଇଁ ଦାୟୀ ରହିବୁ ନାହିଁ।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, I, Sanjaya Kumar Sethy, At- Samian, P.O.- Kalakal, P.S.- Bari, Dist.- Jajpur, PIN-754082 have changed my minor daughters name from Said Mancini Sethi to Nandini Sethi. Henceforth she will be known as Nandini Sethi for all purposes.

**Sd/- Sanjaya Kumar Sethy**

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE

O-947

e-Procurement for Building works
Bid Identification No: EERWJYP – Online -05/2025-26

Letter No. 4408 Date: 26.09.2025

01. Name of the work : Building works
02. Total Number of works : 23 (Twenty Three) Nos.
03. Approximate Estimated cost : Rs. 1.99 lakhs to Rs. 17.15 lakhs (approximately)
04. Class of Contractor : "C" & "D" Class
05. Period of Completion : within 1 or 2 Months
06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender-05/ RWD-JYP/2025-26 | 23 Nos. | 15.10.2025 at 10.00 A.M | 27.10.2025 upto 5.00 P.M. | 26.10.2025 at 1.30 P.M | 28.10.2025 at 10.00 A.M |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Sd/- Executive Engineer,
Rural Works Division: Jeypore.

OIPR-25160/11/0022/2526

## ଗଜଲକ୍ଷ୍ମୀ ପୂଜା ଉତ୍ସବ ଉଦ୍‌ଯାପିତ

# ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିଛି ମହୋତ୍ସବ



**ବାରିକପୁର, ୧୩।୧୦(ସମିସ)**

ଗତ ରବିବାର ସାଂସ୍କୃତିକ ସନ୍ଧ୍ୟା ମଧ୍ୟରେ ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଚାଲିଥିବା ବାର୍ଷିକ ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବ ଉଦଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ପୂଜା ଉତ୍ସବ ସମ୍ପର୍କରେ ସମ୍ବୋଧିତ କରିଥିଲେ। ବାର୍ଷିକ ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବ ଧର୍ମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିଛି ବୋଲି ଏହି ଅବସରରେ ବିଧାୟକ ଶ୍ରୀ ମଲ୍ଲିକ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବରେଣ୍ୟ ଅତିଥି ଭାବେ ମହୋତ୍ସବ କମିଟି ସଂଯୋଜକ ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ମିନତୀ ପରିଡ଼ା, ସମିତି ସଭ୍ୟା ରୀତାଞ୍ଜଳୀ ସାମଲ, ଯୁବନେତା ଲଳିତ ରାଉତ, ମୁକୁନ୍ଦ ଚରଣ ମଲ୍ଲିକ, ବୀରେନ୍ଦ୍ର ନାୟକ, ରଶ୍ମିତା ରାଉତ ପ୍ରମୁଖ ମହୋତ୍ସବ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ୟକ୍ତି ବିଶେଷଙ୍କୁ କମିଟି ପକ୍ଷରୁ ମୁଖ୍ୟ ଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି ଅତିଥି ପରିଚୟ ଓ କମିଟି ସହ ସଂଯୋଜକ ତଥା ଯୁବ ସାମ୍ବାଦିକ ଦୁର୍ଯୋଧନ ଲେଙ୍କା ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବଣିକ ସଂଘ ସମ୍ପାଦକ ରାଜେନ୍ଦ୍ର ଶତପଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉତ୍ସବରେ ସିନେ ଅଭିନେତା ଦେବାଶିଷ ମହାପାତ୍ରଙ୍କ ଉପସ୍ଥିତି ଓ ସୁର ସ୍ନେହା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉଦଯାପନୀ ସାନ୍ଧ୍ୟ କାର୍ଯ୍ୟକ୍ରମକୁ ଲଳିତ ନାୟକ, ଉତ୍ତମ ବେହେରା, ମାନସ ଶତପଥୀ, ସନ୍ତୋଷ ନାୟକ, ଗଣେଶ ସାମଲ, ବବୁଲ ପରିଡ଼ା, ଆକାଶ ବେହେରା, ବବୁଲ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରଥମ ଦିନରେ ୧.୨୨ ଲକ୍ଷ ଶିଶୁଙ୍କୁ ପୋଲିଓ ବୁନ୍ଦା

**ଭଦ୍ରକ, ୧୩।୧୦(ସମିସ):** ଭଦ୍ରକ ଜିଲ୍ଲାରେ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଅଭିଯାନ ରବିବାର ଆରମ୍ଭ ହୋଇଛି। ଭଦ୍ରକ ସହର ବାଘୁରାଇ ଆୟୁଷ୍ମାନ ଆରୋଗ୍ୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ, ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ମୁରଲୀ ପାଢ଼ୀ, ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଚିକିତ୍ସା ଅଧିକାରୀ ଡାକ୍ତର କନକଲତା ସାହୁ, ଡକ୍ଟର ଶରତ ନନ୍ଦ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗା ଯୋଗ ଅଧିକାରୀ ଅନିତାରାଣୀ ରାଉତ ଓ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଯୋଗଦେଇ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲାରେ ୬୧ ଟି ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ୮୨୦ଟି ବୁଥରେ ୧ ଲକ୍ଷ ୪୬ ହଜାର ୩୫୩ ଜଣ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବା ଧାର୍ଯ୍ୟ ଲକ୍ଷ୍ୟ ରହିଛି। ୩ ଦିନ ଧରି ଆଶା ଅଙ୍ଗନ୍ ବାଡ଼ି ମହିଳା ସ୍ୱାସ୍ଥ୍ୟ କର୍ମୀ ମାନେ ଘରକୁ ଘର ବୁଲି ରହି ଯାଇଥିବା ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇବେ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଟିକାକରଣ ସଂଯୋଜୋକ ରାମନାରାୟଣ ମହାପାତ୍ର, ଅତିସ ଦାଶ, ସୁରଜିତ ପଣ୍ଡା, ଶୋଭନ ସାହୁ, ଝରଣା ତ୍ରିପାଠୀ, ଲିପି ପୁଷ୍ପା ପ୍ରମୁଖ ପରିଚାଳନା କରିଥିଲେ। ପ୍ରଥମ ଦିନରେ ୧ ଲକ୍ଷ ୨୨ହଜାର ୨୮୫ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଥିବା ଜଣାପଡ଼ିଛି।



## ବାଲିଟ୍ରକ୍ ଯୋଗୁଁ ଘଟୁଛି ଦୁର୍ଘଟଣା

**ବାରିକପୁର, ୧୩।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗ୍ରାମ୍ୟ ରାସ୍ତାରେ ବେଆଇନ ବାଲି ପରିବହନ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ମାନ ଘଟୁଥିବା ଦେଖିବାକୁ ମିଳିଛି। ବିଶେଷ କରି ପାଳଦା-ମଣିନାଥପୁର ଓ ଛତାବର -ବଳିଘାଇ ପୂର୍ତ୍ତ ରାସ୍ତାରେ ପ୍ରତିଦିନ ବହୁ ବେଆଇନ ବାଲି ଟ୍ରକ ଯାତାୟାତ କରୁଛି। ନିକଟସ୍ଥ ବୈତରଣୀ ନଦୀରୁ ସ୍ଥାନୀୟ ବାଲି ମାଫିଆମାନେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ବେଳେ ସେଗୁଡ଼ିକୁ ଟ୍ରକ ଯୋଗେ ବିଭିନ୍ନ ସ୍ଥାନକୁ ପଠାଉଛନ୍ତି। ରାତି ହେଲେ ଗାଡି ଗୁଡିକ ନଦୀ କୂଳକୁ ଯାଉଥିବା ବେଳେ ଭୋରୁ ୧୦ଟା ଯାଏଁ ସେଗୁଡ଼ିକ ବାଲି ବୋଝେଇ କରି ବାଲେଶ୍ୱର ଓ ଭଦ୍ରକ ଅଭିମୁଖେ ଯାଉଛି। ବେଆଇନ ପରିବହନ ସହିତ ବେପରୁଆ ଚାଳନା ଯୋଗୁଁ ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଥିବା ଜଣାଯାଇଛି। ଦିବାଲୋକରେ ବଡ଼ବଡ଼ ଟ୍ରକ ଦ୍ୱାରା ବାଲି ଯାଉଥିଲେ ସୁଦ୍ଧା ପ୍ରଶାସନ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ସରକାରୀ ଅଧିକାରୀଙ୍କ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ତେଣୁ ଏଥିପ୍ରତି ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



**ଅସୁରାଳୀ, ୧୩।୧୦(ସମିସ):** ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ସରପଞ୍ଚ ରଘୁନାଥ ରାଉତ (୮୪)ଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ରଇପୁର ଏବଂ ପାଳସାହି ଗ୍ରାମ ପଞ୍ଚାୟତର ଜଣେ ମୁରବୀ, ଜଣେ ଦରଦୀ ମଣିଷ, ଆଖଣ୍ଡଳମଣି କଲେଜ ଏବଂ ଆଇଜିଏମ କଲେଜର ପ୍ରତିଷ୍ଠାତା ସଦସ୍ୟ, ସାହୁସାହି ସରକାରୀ ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷକ, ପ୍ରହ୍ଲାଦ ଚନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ, ଜୟଦୁର୍ଗା ହାଇସ୍କୁଲ ପରିଚାଳନା କମିଟିର ସଭାପତି, ବେତାଳିଗାଁ ସରକାରୀ ଗ୍ରାମ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଥିଲେ। ସେ କିଛିଦିନ ଧରି ଅସୁସ୍ଥତା ରହି ଚିକିତ୍ସିତ ହେଉଥିଲେ। ସୋମବାର ସକାଳେ ତାଙ୍କ ରଇପୁର ବାସଭବନରେ ପରଲୋକ ହୋଇଯାଇଛି। ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଅସୁରାଳୀ ଜିଲ୍ଲାପରିଷଦ ଜୋନ ସଦସ୍ୟ ସାରଦା ପ୍ରସନ୍ନ ସାହୁ, ଧାମନଗର ବ୍ଲକ କଂଗ୍ରେସ ସଭାପତି ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ରଇପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଜଗତାନନ୍ଦ ସେଠୀ, ପାଳସାହି ସରପଞ୍ଚ ଅଜୟ କୁମାର ମଲ୍ଲିକ, ପୂର୍ବତନ ସରପଞ୍ଚ ଅନିଲ କୁମାର ଦାସ, ଅନନ୍ତ କିଶୋର ମହାନ୍ତି ଏବଂ ସୁଶାନ୍ତ କୁମାର ନାୟକ, ପାଳସାହି ସେବା ସମବାୟ ସମିତିର ସଭାପତି ଭାଗବତ ଖଟୁଆ, ଶିକ୍ଷବିତ ବ୍ରଜେନ୍ଦ୍ର କୁମାର ମହାନ୍ତି, ନିମାଇଁ ଚରଣ ବାରିକ ଏବଂ ତ୍ରିଲୋଚନ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

# ବଳିଦାନ ଦିବସ ଓ ଜୟନ୍ତୀ ପାଳିତ




**ଭଦ୍ରକ, ୧୩।୧୦(ସମିସ):** ମହାନ ଦେଶ ସେବକ ସହୀଦ ବାଜି ରାଉତଙ୍କ ୮୭ତମ ବଳିଦାନ ଦିବସ, ସର୍ବୋଦୟ ମଣ୍ଡଳ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ମନମୋହନ ଚୌଧୁରୀଙ୍କ ୧୧୦ତମ ଜୟନ୍ତୀ, ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୨୩ତମ ଜୟନ୍ତୀ ସର୍ବୋଦୟ ମଣ୍ଡଳ ଓ ଗାନ୍ଧୀ ବାଳାଶ୍ରମ ମିଳିତ ସହଯୋଗରେ ଭଦ୍ରକ ଗାନ୍ଧୀ ବାଳାଶ୍ରମ ସଭାଗୃହରେ ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ବାଳାଶ୍ରମର ଅନ୍ତେବାସୀ ଦେଶାତ୍ମବୋଧକ ବୋଧକ ସଙ୍ଗୀତ ଗାନ କରିଥଲେ। ଗାନ୍ଧୀବାଳାଶ୍ରମ ସମ୍ପାଦକ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ଓ ଅଧିବକ୍ତା ଅଦିତ୍ୟ ନାୟକ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟବକ୍ତା ପ୍ରାଧାପକ ଓ ଅବସରପ୍ରାପ୍ତ ଅଧକ୍ଷ ସୁରଞ୍ଜନ ପଣ୍ଡା ଓ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ, ଉପଦେଷ୍ଟା ଡ.ରାମଚନ୍ଦ୍ର ପଣ୍ଡା, ତ୍ୟାଗଭୂମି ସଭାପତି ଅଜୟ ନାୟକ, ମାତୃଭାଷାର ସମ୍ପାଦକ ଡାକ୍ତର ଅନିଲ ଦାଶ, ରବିନାରାୟଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାପୁରୁଷଙ୍କ ଦେଶ ମାତୃକା ପ୍ରତି କରାଯାଇଥିବା ଅମ୍ଳାନ କାର୍ଯ୍ୟ ଗୁଡିକ ଉପରେ ମତପ୍ରକାଶ ପାଇଥିଲା। କବିତା ଗାନ ମାଧ୍ୟମରେ ୧୨ ବର୍ଷର ବାଳକ ବାଜି ରାଉତଙ୍କ ସାହସ ଓ ଦେଶପ୍ରେମର ଉଦାହରଣ ଦେଇ ଅତିଥିମାନେ ସ୍ମରଣ କରିଥିଲେ। ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱ ଓ ଜରୁରୀ ପରିସ୍ଥିତି ସମୟରେ ତତ୍କାଳିନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦ ନୀତି ବିରୋଧରେ ଆନ୍ଦୋଳନ ଓ ବିପ୍ଳବ, ପରବର୍ତ୍ତୀ ସମୟରେ ଜନତା ଦଳ କ୍ଷମତାକୁ ଆସିବା, ନିଜେ ବାରମ୍ବାର କାରାବରଣ ବିଷୟରେ ଆଲୋଚନା ହୋଇଥିଲା। ମନମୋହନ ଚୌଧୁରୀଙ୍କ ଭୂଦାନ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ ଅସହଯୋଗ ଆନ୍ଦୋଳନରେ ସାମିଲ ଓ ଜରୁରୀ ପରିସ୍ଥିତିରେ ସାମିଲ ହୋଇ କାରାବରଣ ସର୍ବଦା ସ୍ମରଣୀୟ ହୋଇରହିବ। ଶେଷରେ ସର୍ବୋଦୟ ମଣ୍ଡଳ ସମ୍ପାଦକ ଗୟାଧର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ସମାଜସେବୀ ଅମିତାବାଳା ଆଚାର୍ଯ୍ୟ, ମହିଳା ମୋର୍ଚ୍ଚା ସଭାପତି ଶାନ୍ତିଲତା ବାରିକ, ଉପ ସଭାପତି ଅଧିବକ୍ତା ଅଦିତ୍ୟ ନାୟକ, ଉପସଭାପତି ନାରାୟଣ ପାଢ଼ୀ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀ ସଭା ପରିଚାଳନାରେ ସହଯୋଗ କରିଥଲେ। ସାମ୍ବାଦିକ ଜଗନ୍ନାଥ ନାୟକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଭଦ୍ରକ ଓକିଲ ସଂଘ ସଭପତି ସନ୍ତୋଷ କୁମାର ଆଚାର୍ଯ୍ୟ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ବିଜେଡି ପକ୍ଷରୁ ଜନସମ୍ପର୍କ ଯାତ୍ରା ଓ ସଭା

**ଭଦ୍ରକ, ୧୩।୧୦(ସମିସ):** ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୌରପାଳିକା ୱାର୍ଡ ନମ୍ବର ୧ରୁ ୱାର୍ଡ ନମ୍ବର ୫ ପର୍ଯ୍ୟନ୍ତ ବିଜୁ ଜନତା ଦଳ ଦ୍ୱାରା ଆୟୋଜିତ ଜନ ସମ୍ପର୍କ ପଦଯାତ୍ରା ଚରମ୍ପା ଡଗରା ସାହି ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ ହୋଇ ଚରମ୍ପା ବଜାରରେ ଶେଷ ହୋଇଥିଲା। ଏହି ପଦଯାତ୍ରା ଓ ସଭା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଭଦ୍ରକ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ। ଏଥିରେ ମୁଖ୍ୟ ଅତିଥି ଭାବରେ ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ପୌରଧ୍ୟକ୍ଷା ଗୁଲମକୀ ଦଲାୱାଜି ହବିବ, ବରିଷ୍ଠ କାଉନସିଲର ଦିଲ୍ଲୀପ ନାୟକ, କାଉନସିଲର ରଞ୍ଜନ ଜେନା, ପଙ୍କଜ ବଳ, ବରିଷ୍ଠନେତା ରତ୍ନାକର ସାମଲ, ରମେଶ ବେହେରା, ଆଇନଜୀବୀ ତାହେର ମହମ୍ମଦ, ଗୋପାଳ ଦାସ, ରଞ୍ଜନ ସାହୁ, ରଘୁନାଥ ପଣ୍ଡା, ସୁଶାନ୍ତ ଚୌଧୁରୀ, ସୁବ୍ରତ କୁମାର ଦାସ, ଗୋପୀନାଥ ନାୟକ, ତପନ ଦାସ, ମେହେବୁବ ଖାନ, ବିକାଶ ଶ୍ରେଷ୍ଠା, ନାଶିରୁଦ୍ଦିନ ଖାନ, ଦେବାଶିଷ ଭାରତୀ, ରଶ୍ମୀ ରଞ୍ଜନ ସାହୁ, କାମେଶ ବାରିକ ପ୍ରମୁଖ ବହୁ ବରିଷ୍ଠ, ମହିଳା ଓ ଯୁବ-ଛାତ୍ର ନେତୃମଣ୍ଡଳୀ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ସ୍ଥାନୀୟ ଜନସାଧାରଣ ଓ ଦଳୀୟ କର୍ମୀମାନଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇ ପୂର୍ବତନ ମନ୍ତ୍ରୀ ଶ୍ରୀ ସାମଲ ଓ ଅନ୍ୟାନ୍ୟ ବକ୍ତାମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳ ନୀତି ଓ ଅସଫଳ କାର୍ଯ୍ୟଗୁଡ଼ିକୁ ଜନସାଧାରଣଙ୍କ ମଧ୍ୟରେ ଉପସ୍ଥାପନ କରିବା ସହ ନବୀନ ସରକାରଙ୍କ ସମୟରେ ହୋଇଥିବା ଜନକଲ୍ୟାଣ ଯୋଜନା ଗୁଡ଼ିକ ବିଷୟରେ ଆଲୋକପାତ କରିଥିଲେ।




## ରୋଗୀ କଲ୍ୟାଣ ସମିତି ବୈଠକ




**ଧାମନଗର, ୧୩।୧୦(ସମିସ):** ଧାମନଗର ଏନଏସି ଅନ୍ତର୍ଗତ ଶାମପୁର ସ୍ଥିତ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥିରୂପେ ବିଧାୟକ ତଥା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଅଞ୍ଚଳରେ ସ୍ୱାସ୍ଥ୍ୟସେବା, ରୋଗ ନିରାକରଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ରୋଗୀଙ୍କୁ ଉତ୍ତମ ସେବା ଏବଂ ଡାକ୍ତରଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁ ପରିଚାଳନା, ଅତ୍ୟାବଶ୍ୟକ ଔଷଧ ଯୋଗାଇଦେବା ଲାଗି ପଦକ୍ଷେପ ନେବାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଡାକ୍ତରଖାନା ପରିବେଶ, ପରିମଳ ବ୍ୟବସ୍ଥାକୁ ସକ୍ରିୟ ଓ ପରିଷ୍କାର ରଖିଥିବା କର୍ମଚାରୀଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ। ବୈଠକରେ ସମ୍ମାନିତ ଅତିଥି ଭାବେ ଧାମନଗର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଧାମନଗର ବିଡିଓ ବନବିହାରି ଦିନ୍ଦା, ବିପିଏମ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହକାରୀ ଡାକ୍ତର ମାଝୀ ମାଝୀ ଉପସ୍ଥିତ ଥିଲେ। ଶେଷରେ କିଶୋର ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷୀଙ୍କୁ କଲବଲ କରୁଛି ବୋଡ଼ାପୋକ

**ବାରିକପୁର, ୧୩।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ୧୬ ହଜାର ହେକ୍ଟରରୁ ଅଧିକ ଜମିରେ ଖରିଫ ଧାନ ଚାଷ ହୋଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ଚାଷୀ ଧାନ ଫସଲ କରିଥିବା ବେଳେ ଏବେ ଥୋଡ ସମୟ ଆସି ପହଞ୍ଚିଲାଣି। ଧାନ ଗଛର ଥୋଡ଼ ଓ ଆହାର ସଂଗ୍ରହ ସମୟ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଚାଷ ଜମିରେ ବିଭିନ୍ନ ପୋକ ଉପଦ୍ରବ ଚାଷୀଙ୍କ ନିଦ ହଜାଇ ଦେଇଛି। ଧାନ ଗଛ ଗୁଡିକୁ ମାଟିଆ ଗୁଣ୍ଡି, ବୋଡା ଓ କାଣ୍ଡବିନ୍ଧା ପୋକ ଏବେ କଲବଲ କରୁଛି। ପୋକଙ୍କ ପାଦୁର୍ଭାବ ଯୋଗୁଁ ପିଲ ବୃଦ୍ଧିରେ ସମସ୍ୟା ଦେଖାଦେଉଛି। ଏହାଛଡା କ୍ଷେତରେ ଥୋଡ଼ ଆସିବା ଓ ଆହାର ସଂଗ୍ରହ ପାଇଁ ମଧ୍ୟ ଘୋର ଅସୁବିଧା ସୃଷ୍ଟି ହେଉଛି। ଚାଷୀମାନେ ଏଥିପାଇଁ ବାରମ୍ବାର ବିଷ ପ୍ରୟୋଗ କରୁଥିଲେ ସୁଦ୍ଧା ପୋକ ଦମନ ହୋଇପାରୁନାହିଁ। ଜମି ଗୁଡିକରେ ବାରମ୍ବାର ବିଷ ପ୍ରୟୋଗ କରିବାକୁ ପଡୁଛି। କେଉଁ ରୋଗପୋକ ପାଇଁ କେଉଁ ଭଳି କୀଟନାଶକ ପ୍ରୟୋଗ କରାଯିବ ସେନେଇ ଚାଷୀ କୌଣସି ବାଟ ପାଉନାହାନ୍ତି। ଜିଲ୍ଲା କୃଷି ବିଭାଗ ପକ୍ଷରୁ ଏ ନେଇ ମଧ୍ୟ ଚାଷୀଙ୍କୁ କୌଣସି ପରାମର୍ଶ ଦିଆ ଯାଉନଥିବା ବେଳେ କ୍ଷେତ୍ର ପରିଦର୍ଶନ ଏଯାଏଁ କରାଯାଉନାହିଁ। କେବଳ ନାମକୁ ମାତ୍ର କାଗଜପତ୍ରରେ ଅଧିକାରୀମାନେ କାର୍ଯ୍ୟ କରୁଥିବା ଜଣାପଡୁଛି। ବ୍ଲକର ନିର୍ଗୁଣ୍ଡି, ନଗୁଆଁ, ଜଳମଣ୍ଡୁଆ, ପାଟୁଳି, ଶାସନ, ନାଆମୀ, ତେସିଙ୍ଗା, ନେରଡା, ରାମଚନ୍ଦ୍ରପୁର, ସରସଦା, ନପଙ୍ଗ, କୁରିଗାଁ, ରହଣିଆ, ମାଳଦା ପ୍ରମୁଖ ଅଞ୍ଚଳରେ ଏବେ ପୋକ ଉପଦ୍ରବ ବୃଦ୍ଧି ପାଉଥିବା ଅଭିଯୋଗ ମାନ ହେଉଛି। ଏହା ଉପରେ କୃଷି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଦୃଷ୍ଟି ଦେବାକୁ ବିଭିନ୍ନ ଅଞ୍ଚଳର ଚାଷୀ ମାନେ ଦାବି କରିଛନ୍ତି।

# ବିଭିନ୍ନ ସ୍ଥାନରେ କ୍ଲଷ୍ଟରସ୍ତରୀୟ ସୁରଭି

**ଭଣ୍ଡାରିପୋଖରୀ/ବାରିକପୁର, ୧୩।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକର କୁଲଣା ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ତେସିଙ୍ଗା ପୀତାମ୍ବର ମଲ୍ଲିକ ଉପ୍ରା ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସାଉଁରୀ ମରାଣ୍ଡିଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାଧନକେନ୍ଦ୍ର ସଂଯୋଜକ ବିପିନ ବିହାରୀ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଆଗରପଡ଼ା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଡ. ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି, ଓଡ଼ିଶା ସାମ୍ବାଦିକ ସଂଘ ସମ୍ପାଦକ ବିଶ୍ୱରଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶିକ୍ଷାବିତ ଶଶଧର ସାହୁ, ଅନାଦି ଚରଣ ମଲ୍ଲିକ, ବିଶ୍ୱଜିତା ଗିରି, ଶିକ୍ଷାସଂଯୋଜକ ଦୁର୍ଗାପ୍ରସାଦ ମାର୍ଥା, ରାଧାଶ୍ୟାମ ମଲ୍ଲିକ, ସଙ୍ଗୀତଜ୍ଞ ବୀରକିଶୋର ଜେନା, ସୁଜିତ କୁମାର ପରିଡ଼ା, ପାଣ୍ଡବ ମହାଳିକ, ପ୍ରଦୀପ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁରଭିର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାଧନକେନ୍ଦ୍ର ଅନ୍ତର୍ଗତ ୧୦ଟି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ରିନାରାଣୀ ଦଳାଇ ଅତିଥି ପରିଚୟ ଓ ଶୁଭଶ୍ରୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।




ସେହିପରି ପରମାନନ୍ଦପୁର ସରକାରୀ ଉପ୍ରା ବିଦ୍ୟାଳୟ ଠାରେ ଶିକ୍ଷା ସଂଯୋଜକ ଅର୍ଜୁନ ଦାସଙ୍କ ସଂଯୋଜନାରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅକ୍ଷୟ ତ୍ରିପାଠୀ, ଅଲେଖ ଘଡେଇ, ଗଗନ ସେଠୀ, ବସନ୍ତ ତ୍ରିପାଠୀ, ଶରତ ଚନ୍ଦ୍ର କୁଣ୍ଡୁ, ଅକ୍ଷୟ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦ୍ୟୁମ୍ନ କୁମାର ଧଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶରତ ପଣ୍ଡା ଧନ୍ୟବାଦ ଦେଇଥିଲେ। ସେହିଭଳି ତେସିଙ୍ଗା ପିତାମ୍ବର ମଲ୍ଲିକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷୟତ୍ରୀ ସାଉଁରୀ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ପ୍ରଦୀପ କୁମାର ନାୟକ, ବିଶ୍ୱରଞ୍ଜନ ପାଣିଗ୍ରାହୀ, ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଡ଼. ଶଶଧର ସାହୁ, ରାଧାଶ୍ୟାମ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସଂଯୋଜକ ବିପିନ ବିହାରୀ ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, କୁଇଜ, ଓଡ଼ିଆ ସୁଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## କାଳୀପୂଜା ଉତ୍ସବ ପାଳନ ନେଇ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ୯ ଦିନ ହେବ ପୂଜା; ପ୍ରତି କମିଟିକୁ ୫୦ହଜାର ଦେବେ ସରକାର

**ଭଦ୍ରକ, ୧୩।୧୦(ସମିସ)**



ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଭଦ୍ରକ କାଳୀପୂଜା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତି ପୂଜା ମଣ୍ଡପକୁ ୫୦ ହଜାର ଟଙ୍କା ରାଜ୍ୟ ସରକାର ପ୍ରଦାନ କରିବେ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବୈଠକରେ ସୂଚନା ଦେଇଛନ୍ତି। ଭଦ୍ରକ ଚରମ୍ପାର ପ୍ରସିଦ୍ଧ କାଳୀପୂଜା ପାଳନ ନେଇ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ମନ୍ତ୍ରୀ ଶ୍ରୀ ସୁରଜ ଯୋଗଦେଇ କର୍ମକର୍ତ୍ତା ଓ ଜିଲ୍ଲା ପ୍ରଶାସନଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୨୧ରୁ କାଳୀପୂଜା ଆରମ୍ଭ ହୋଇ ୨୯ ତାରିଖ ସକାଳେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ। ପୂର୍ବରୁ ୭ଦିନ ବଦଳରେ ୯ଦିନ ଏହି ପୂଜା ପାଳନ ହେବ। ରାଜ୍ୟ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ପୂଜା ମେଳାରେ ମୁରବୀ ମୁଖିଆଙ୍କୁ ସମ୍ବର୍ଦ୍ଧନା, ସୁରକ୍ଷା ବ୍ୟବସ୍ଥା କଡାକଡି, ଦିବ୍ୟାଙ୍ଗ ଏବଂ ସବୁ ବର୍ଗର ଶ୍ରଦ୍ଧାଳୁ ଶୃଙ୍ଖଳିତ ଭାବେ ମା'କାଳୀଙ୍କୁ ଦର୍ଶନ କରିବା ଉପରେ ଆଲୋଚନା କରିଥିଲେ। ମେଳାର ସମୟସୀମା ଉପରେ ପ୍ରତିବର୍ଷ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଧାର୍ଯ୍ୟ କରାଯିବ। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କାଳୀପୂଜା କମିଟିର ସଭାପତି, ସମ୍ପାଦକ ସଦସ୍ୟ ରହିବେ। ଆଜିର ବୈଠକରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ସାଂସଦଙ୍କ ପ୍ରତିନିଧି ଭଗବାନ ପଣ୍ଡା, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ଚଣା-ବାଲିଚନ୍ଦ୍ରପୁର ରାସ୍ତାରେ ଭାରୀଯାନ କଟକଣା

**ବାଲିଚନ୍ଦ୍ରପୁର,୧୩।୧୦(ସମିସ):** ବଡ଼ଚଣା - ବାଲିଚନ୍ଦ୍ରପୁର ସଂଯୋଗ କରୁଥିବା ରାସ୍ତାରେ ପ୍ରତିଦିନ ସହସ୍ରାଧିକ ଲୋକ ନିଜର ସରକାରୀ କାର୍ଯ୍ୟ, ମେଡିକାଲ ଓ ଅନ୍ୟାନ୍ୟ ଜରୁରୀକାଳୀନ କାମ କରିବାକୁ ଯାତାୟାତ କରନ୍ତି। ବଡ଼ଚଣା ବ୍ଲକ କାର୍ଯ୍ୟାଳୟ, ବଡ଼ଚଣା ସିଏଚ୍‌ସି, ଏସଆର୍ ଅଫିସ, ତହସିଲ କାର୍ଯ୍ୟାଳୟ ସହ ଧାନମଣ୍ଡଳ ଓ ଚଣ୍ଡିଖୋଲ ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଥିବାରୁ ଏହି ରାସ୍ତା ମଧ୍ୟରେ ଜନସାଧାରଣଙ୍କ ଗମନାଗମନ ଅଧିକ। ଭାରୀଯାନ, ଟ୍ରକ୍ ଓ ଲୋଡେଡ୍ ଯାନଗୁଡ଼ିକ ହାଇୱେ ବଦଳରେ ଏହି ରାସ୍ତା ଦ୍ୱାରା ଯାଉଥିବାରୁ ଦୁର୍ଘଟଣା ଘଟୁଛି। ସାଧାରଣ ଜନତା, ବିଦ୍ୟାଳୟମହାବିଦ୍ୟାଳୟ ଛାତ୍ରଛାତ୍ରୀ, ସାଇକଲ ଚାଳକ ଓ ଗ୍ରାମବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାଜପୁର ଜିଲ୍ଲାପାଳ ତଥା ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଅମ୍ବର କୁମାର କର ସାଧାରଣ ଜନସାଧାରଣଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ମୋଟର ଭେହିକଲ୍ସ ଆଇନ ୧୯୮୮ର ଧାରା ୧୧୫, ୧୧୬ ଓ ୧୧୭ ଓ ଓଡିଶା ମୋଟର ଭେହିକଲ୍ସ ନିୟମାବଳି ୧୯୯୩ର ନିୟମ ୬୩ ଓ ୯୩ ଅନୁଯାୟୀ ଭାରୀଯାନ ଚଳାଚଳ ଉପରେ ପ୍ରତିବନ୍ଧକ ଜାରି କରିଛନ୍ତି। ଏହି ପ୍ରତିବନ୍ଧକ ଅକ୍ଟୋବର ୧ରୁ ରୁ ୩୧ ତାରିଖ ଏକ ମାସ ପାଇଁ ବଳବତ୍ତର ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

● ଭାରତୀ ବିହାର ବିଦ୍ୟାଳୟରେ ଉତ୍ତେଜନା

# ଅଧ୍ୟକ୍ଷଙ୍କୁ ଅଣଛାତ୍ରଙ୍କ ଆକ୍ରମଣ

**ସୁକିନ୍ଦା,୧୩।୧୦(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ସ୍ଥିତ ଭାରତୀ ବିହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିବା ସହ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଭାରତୀବିହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନନ୍ଦ କିଶୋର ଖଣ୍ଡାଇ ସୋମବାର ପୂର୍ବାହ୍ନରେ ବିଦ୍ୟାଳୟକୁ ପ୍ରବେଶ କରୁଥିବା ସମୟରେ ପୂର୍ବରୁ ଅପେକ୍ଷା କରି ରହିଥିବା ମିଟୁ ନାମକ ଯୁବକ ଅଧ୍ୟକ୍ଷଙ୍କୁ ଅଟକାଇ ଅସଭ୍ୟ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିବା ଶ୍ରୀ ଖାଣ୍ଡାଇ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଅଧ୍ୟକ୍ଷ ପ୍ରଥମେ ସୁକିନ୍ଦା ଥାନାକୁ ଟେଲିଫୋନରେ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ତେବେ ଘଟଣାକୁ ନେଇ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଯେଉଁଠି ଅଧ୍ୟକ୍ଷ ନିଜେ ସୁରକ୍ଷିତ ନୁହନ୍ତି ସେଠାରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା କଥା ପଚାରେ କିଏ ବୋଲି ଆଲୋଚନା ହେଉଛି।

# କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ପାଣିକୋଇଲି,୧୩।୧୦(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଛକ ନିକଟରେ ବାଇକ୍‌ରେ ରାସ୍ତା ପାର ହେଉଥିବା ବେଳେ ଏକ କାର ଧକ୍କା ଦେବାରୁ ଦୁଇ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ପୁଲିସ ସେମାନଙ୍କୁ ଥାନା ଗାଡିରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଆଜି ସନ୍ଧ୍ୟା ସାଢେ ୭ଟା ସମୟରେ ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ଲକ୍ଷ୍ମୀ ଭସାଣି ଚାଲିଥିବା ବେଳେ ଚାନ୍ଦପୁର ଗ୍ରାମର ଭରତ ସାହୁ ଓ ଲକ୍ଷ୍ମୀଧର ପରିଡାଙ୍କ ପୁଅ ଅଭିଜିତ ପରିଡା (୨୮) ଏକ ବାଇକ୍‌ରେ ଚାନ୍ଦପୁର ଡାଇଭରସନ ପାର ହେଉଥିଲେ। ଏହି ସମୟରେ ପାଣିକୋଇଲି ପଟୁ ଆସୁଥିବା ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଭରତଙ୍କ ଗୋଡ଼ରେ କାର୍ ଚଢିଯାଇଥିବା ବେଳେ ଅଭିଜିତଙ୍କୁ କାର ବାଡ଼େଇ ଦେଇଥିଲା। ଫଳରେ ଦୁହେଁ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳେ ପୁଲିସ ପହଞ୍ଚି ସବଇନ୍ସପେକ୍ଟ ବିଶ୍ୱରଞ୍ଜନ ଦାସ ଥାନା ଗାଡିରେ ତତ୍‌କ୍ଷଣାତ ଗୁରୁତର ଦ୍ୱୟଙ୍କୁ ଯାଜପୁର ମୁଖ୍ୟ ଚକିତ୍ସାଳୟକୁ ନେଇଯାଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଏମିତିକି କିଛି ସମୟ ପାଇଁ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ପୁଲିସ ସେମାନଙ୍କୁ ବୁଝାସୁଝା କରି ଗାଡି ଚଳାଚଳ ସ୍ୱାଭାବିକ କରିଥିଲା।

# ଭିନ୍ନକ୍ଷମ ଶିଶୁକୁ ଉଦ୍ଧାର କଲା ରେଳବାଇ ପୁଲିସ



**ଦାନଗଦି,୧୩।୧୦(ସମିସ):** ଆଜି ସକାଳେ ଯଖପୁରା ରେଳଷ୍ଟେସନରୁ ରେଳବାଇ ପୁଲିସ ଏକ ଭିନ୍ନକ୍ଷମ ଶିଶୁକୁ ଉଦ୍ଧାର କରିଥିଲା। ଶିଶୁଟି କଥା କହିବାକୁ ସକ୍ଷମ ହୋଇ ନଥିବା ବେଳେ ମାନସିକ ଅନଗ୍ରସର ବୋଲି ଜଣାପଡିବାରୁ ପୁଲିସ ନିଖୋଜ ତାଲିକାରେ ଫଟୋ ଛାଡ଼ିଥିଲା। ଭୁବନେଶ୍ୱରରେ ପୁଅର ଫଟୋ ଦେଖି ପିଲାର ପିତାମାତା ଚିହ୍ନଟ କରିଥିଲେ। ସୂଚନା ମୁତାବକ ପଶ୍ଚିମ ମେଦିନୀପୁର ଜିଲ୍ଲା ଡୋପରା ଥାନା ପୂଜନପାଟ ଅଞ୍ଚଳର ଅନୁପ ସିଂ ତାଙ୍କ ପୁଅ ଅରିଜିତ ସିଂ(୬)ଙ୍କୁ ଧରି ଭୁବନେଶ୍ୱରକୁ ଚିକିତ୍ସା ପାଇଁ ଆସିଥିଲେ। ରବିବାର ବିଳମ୍ବିତ ରାତିରେ ପିତାମାତା ଷ୍ଟେସନରେ ଶୋଇଥିବା ବେଳେ ଅରିଜିତ ସେଠାରୁ କୌଣସି ରେଳ ଗାଡ଼ିରେ ଆସି ଯଖପୁରା ଷ୍ଟେସନରେ ଓହ୍ଲାଇଥିଲା। ପୂର୍ବାହ୍ନ ପ୍ରାୟ ୮ଟା ବେଳେ ଯଖପୁରା ରେଳ ଷ୍ଟେସନରେ ପିଲାଟି ଏକୁଟିଆ ବସିଥିବା ଦେଖି ସ୍ଥାନୀୟ ଲୋକେ ରେଳବାଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ସେଠାରୁ ପିଲାଟିକୁ ଉଦ୍ଧାର କରିବା ସହିତ ଜିଲ୍ଲା ଶିଶୁ ମଙ୍ଗଳ କମିଟି ନିକଟରେ ଜିମା ଦେଇଥିଲେ। ଅପରାହ୍ନରେ ପିଲାଟିର ବାପା ମା' ଯାଜପୁରରେ ପହଞ୍ଚି ଶିଶୁଟିକୁ ନିଜ ହେପାଜତରେ ନେଇଛନ୍ତି।

କଳିଙ୍ଗନଗରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

# ୧୮ଟି ଅଭିଯୋଗର ତ୍ୱରିତ ଫଇସଲା



**ବ୍ୟାସନଗର,୧୩।୧୦(ସମିସ):** ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କେଏନ୍‌ଡିଏ ସମ୍ମିଳନୀ କକ୍ଷ କଳିଙ୍ଗନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୫୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୬ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୬ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ ଯାଜପୁର ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ତହସିଲଦାର ବ୍ୟାସନଗର ପ୍ରଶାନ୍ତ କୁମାର ପୁହାଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ବରୀ ଗ୍ରାମ ପଞ୍ଚାୟତରେ ଜନ ଶୁଣାଣି ଶିବିର



**ବରୀ,୧୩।୧୦(ସମିସ):** ବରୀ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ପୂର୍ବାହ୍ନରେ ବରୀ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନ ଅଭିଯୋଗ ଶୁଣାଣିରେ ବରୀ ବିଡିଓ ଅସିତ୍ କୁମାର ମହାନ୍ତି ଯୋଗଦେଇ ଲୋକ ମାନଙ୍କ ଅଭିଯୋଗ ପଚାରି ବୁଝିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏ ବିଡିଓ ମହେଶ୍ୱର ସେଠୀ, ସରପଞ୍ଚ ସୋନାଲି ସିଂ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରି ରଞ୍ଜିତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ହୃଷିକେଶ ଜେନା, ଯୋଗାଣ ଅଧିକାରୀ ମହେଶ୍ୱତା ଦାସ, ଏଡିଇଓ ଜିତେନ କୁମାର ଧଳ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନା କରିଥିଲେ। ଆଜିର ଅଭିଯୋଗ ପ୍ରକୋଷ୍ଠକୁ ସମୁଦାୟ ୧୬ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି। ପଞ୍ଚାୟତ ପକ୍ଷରୁ ଅଭିଯୋଗ କାରୀଙ୍କ ପାଇଁ ପାନୀୟ ଜଳ ଏବଂ ଶୌଚାଳୟର ବ୍ୟବସ୍ଥା କରାଯାଇଥିଲା। ସରପଞ୍ଚଙ୍କ ପ୍ରତିନିଧି ମନୋଜ ସିଂ ଉପସ୍ଥିତ ରହି ଶିବିର ପରିଚାଳନାର ସମସ୍ତ ବନ୍ଦୋବସ୍ତ କରିଥିବା ବେଳେ ପ୍ରକାଶ କୁମାର ମଲିକ, ବିପିନ ମଲିକ ଓ ଜ୍ଞାନରଞ୍ଜନ ଦାସଙ୍କ ସମେତ ସମସ୍ତ ୱାର୍ଡ଼ ସଭ୍ୟ/ସଭ୍ୟାମାନେ ଯୋଗଦେଇଥିଲେ।

ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଚିତ୍ର ସ୍ଥିତି

# ଗାଦି ମାଡ଼ି ବସିଛନ୍ତି ମାନସିକ ଭିନ୍ନକ୍ଷମ ଆକାଉଣ୍ଟାଣ୍ଟ

**ଯାଜପୁର,୧୩।୧୦(ସମିସ):** କୌଣସି ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ କର୍ମଚାରୀ ମାନସିକ ସ୍ତରରେ ସୁସ୍ଥ ରହିବା ଆବଶ୍ୟକ। କିନ୍ତୁ ନିଜେ ଜଣେ ମାନସିକ ରୋଗୀ ଭାବେ ଚିକିତ୍ସିତ ହୋଇ ମଧ୍ୟ ବର୍ଷ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ପଦବୀକୁ ମାଡ଼ିବସିବା ଘଟଣା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଖାଲି ସେ ଜଣେ ମାନସିକ ରୋଗୀ ନୁହଁନ୍ତି; ବରଂ ତାଙ୍କ ବିରୋଧରେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ସହିତ ଅନ୍ୟ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଭଳି ମାଳ ମାଳ ଅଭିଯୋଗ ରହିଥିଲେ ମଧ୍ୟ ବିଭାଗୀୟ ମୁଖ୍ୟ ସବୁ ଅଭିଯୋଗକୁ ଚାପି ରଖି ତାଙ୍କୁ ସୁରକ୍ଷା ଦେବା ଘଟଣା ଦାଣ୍ଡରେ ପଡି ହାଟରେ ଗଡିଲାଣି।

**ମାଳ ମାଳ ଅଭିଯୋଗ ସତ୍ତ୍ୱେ ବଦଳି ହେଉନି**

ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟକରୁଥିବା ପ୍ରତାପ ରଞ୍ଜନ ଦାସଙ୍କ ବିରୋଧରେ ଏଭଳି କିଛି ତଥ୍ୟ ସୂଚନା ଅଧିକାର ଆଇନରେ ମିଳିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ସୂଚନା ମୁତାବକ ପ୍ରତାପ ୨୦୦୮ ମସିହାରୁ ଯାଜପୁର ଜିଲ୍ଲାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟ କରୁଛନ୍ତି। ଏବେ ସେ ଯାଜପୁର ମୁଖ୍ୟ ଚିକିତ୍ସାଳୟର ରୋଗୀ କଲ୍ୟାଣ ସମିତିର ଡିଇଓ କମ୍ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ୬ ବର୍ଷ ଗୋଟିଏ ସ୍ଥାନରେ କାର୍ଯ୍ୟକରିବା ପରେ ବଦଳି ନିୟମ ରହିଥିଲେ ମଧ୍ୟ ପ୍ରତାପଙ୍କ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହୋଇନାହିଁ। ଏ ନେଇ ତାଙ୍କୁ ୨୦୨୪ ମସିହାରେ ଚିଠି ନଂ. ୪୬୫୭ ତାଙ୍କୁ ବଦଳି କରାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନଥିଲା। ସେ ନିଜକୁ ଜଣେ ମାନସିକ ରୋଗୀ ଭାବେ ଆବଶ୍ୟକ କାଗଜପତ୍ର ପ୍ରଦାନ କରି ନିର୍ବାଚନ ଡ୍ୟୁଟିରୁ ବିରତ ରହିବାରେ ସକ୍ଷମ ହେବା ସହିତ ଏଭଳି ବଦଳି ଆଦେଶକୁ ଟାଳିବାରେ ସକ୍ଷମ ହୋଇଛନ୍ତି। ଏଠି ପ୍ରଶ୍ନ ଉଠିଛି ଯେଉଁ କର୍ମଚାରୀ ନିଜକୁ ଜଣେ ମାନସିକ ରୋଗୀ ଭାବେ ପରିଚୟ ଦେଇଛି ସେହି କର୍ମଚାରୀଙ୍କୁ କିଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ବସାଯାଇଛି ଏବଂ ସେହି କର୍ମଚାରୀଙ୍କ ପାଖରେ ଲକ୍ଷ ଲକ୍ଷ ଟଙ୍କାର ବିଲ୍ ବାକି ପଡିଛି ଯାହା ସଂପୂର୍ଣ୍ଣ ହେରଫେର ହେବାର ଆଶଙ୍କା ଦେଖାଦେଇଛି। କେବଳ ଏତିକି ନୁହେଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ମହିଳା ହସ୍ପିଟାଲ ମ୍ୟାନେଜରଙ୍କୁ ସେ ଅସଦାଚରଣ କରିବା ଭଳି ଅଭିଯୋଗ ରହିବା ସହିତ ଅନ୍ୟାନ୍ୟ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ମଧ୍ୟ ଲିଖିତ ଅଭିଯୋଗ ରହିଛି। ତଥାପି ବିଭାଗୀୟ କର୍ତ୍ତୃପକ୍ଷ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି କେବଳ କାରଣ ଦର୍ଶାଅ ନୋଟିସ ଜାରି କରି କାମ ସାରିଦେଇଥିବା ସୂଚନା ଅଧିକାର ଆଇନରୁ ସ୍ପଷ୍ଟ ହୋଇଛି। ତେବେ ନାନା ଅନିୟମିତତା ଘେରରେ ରହିଥିବା ଏହି କର୍ମଚାରୀ କାହା ଛତ୍ରଛାୟାରେ ଅଛନ୍ତି ଏବଂ କାହିଁକି ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସଂପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପଚାରିବାରେ ସେ ଏ ସଂପର୍କରେ କିଛି କହିପାରିବେ ନାହିଁ କହି ଗଣମାଧ୍ୟମକୁ ଏଡାଇଯାଇଥିଲେ।

● କମେଣ୍ଟମରାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣା

# ଅଭିଯୋଗ ପରେ ବି ପୁଲିସର ପଦକ୍ଷେପ ଶୂନ



**ବ୍ରହ୍ମବରଦା,୧୩।୧୦(ସମିସ):** ବ୍ରହ୍ମବରଦା ଥାନା ଅଧୀନସ୍ଥ ଜଣେ କଲେଜ ଛାତ୍ରୀଙ୍କୁ ଅସଭ୍ୟ ଭାଷାରେ କମେଣ୍ଟ ମାରିବା, ତାଙ୍କ ସହିତ ଥିବା ଛାତ୍ରଙ୍କୁ ସଙ୍ଘବଦ୍ଧ ଭାବେ ମାଡ଼ ମାରିବା ଘଟଣାକୁ ୩ ଦିନ ବିତି ଯାଇଥିଲେ ମଧ୍ୟ ପୁଲିସ କାହାରିକୁ ଧରିବାରେ ସଫଳ ହୋଇ ପାଇ ପାରିନାହିଁ। ଘଟଣାକୁ ନେଇ ଆଜି ବ୍ରହ୍ମବରଦା କଲେଜର ଛାତ୍ରଛାତ୍ରୀଙ୍କ ସହିତ ଛାତ୍ରୀଙ୍କ ମା' ଆଜି ବ୍ରହ୍ମବରଦା ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ପ୍ରାର୍ଥନା କରିଛନ୍ତି। ଅସାମାଜିକ ରୋଡ୍ ରୋମିଓମାନଙ୍କୁ ତୁରନ୍ତ ଗିରଫ କରିବା ସହିତ ଦୃଢ଼ କାର୍ଯ୍ୟନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସୂଚନାଥାଉକି ଗତ ଗୁରୁବାର ଦିନ ସକାଳ ୧୧ଟା ସମୟରେ ବ୍ରହ୍ମବରଦା କଲେଜର ଛାତ୍ରୀ ଓ କାକୁଡିକୁଦ ଗ୍ରାମର ଜଣେ ଛାତ୍ର ବ୍ରହ୍ମବରଦାରୁ ଟିଉସନ ସାରି ଘରକୁ ଫେରୁଥିବା ସମୟରେ ଝାଲପଡ଼ା ବିଦ୍ୟାଳୟ ଗଡ଼ା ନିକଟରେ ସେହି ଗ୍ରାମର ଦୁଇ ଜଣ ଯୁବକ ଛାତ୍ରୀଙ୍କୁ କମେଣ୍ଟ ମାରିଥିଲେ। ଘଟଣାକୁ ନେଇ ଛାତ୍ର ଓ ଯୁବକଙ୍କ ସହିତ କଥା କଟାକଟି ହୋଇଥିଲା। ଗ୍ରାମବାସୀଙ୍କ ସହାୟତାରେ ଘଟଣାର ସମାଧାନ ହୋଇଯାଇଥିଲା। ହେଲେ ଘଟଣା ଥମି ନଥିବା ବେଳେ ପରଦିନ ତାହା ଉଗ୍ର ରୂପ ନେଇଥିଲା। ଶନିବାର ପୁଣି ଛାତ୍ରଛାତ୍ରୀ ଟିଉସନ ସାରି ଘରକୁ ଫେରୁଥିବା ବେଳେ ଦୁଇ ପକ୍ଷଙ୍କ ମଧ୍ୟରେ ଗାଳିଗୁଲଜ ସହିତ ମାରଧର ଘଟଣା ଘଟିଥିଲା। ଏନେଇ ଛାତ୍ରୀଙ୍କ ମା' ଗାଳିଗୁଲଜ ଓ ମାରଧର କରିଥିବା ୮ ଜଣ ଅସାମାଜିକ ଯୁବକଙ୍କ ନାମରେ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ୨୪୦/୨୫ରେ ମାମଲା ରୁଜୁ କରି ଚୁପ ବସିଛି। ଘଟଣାକୁ ୪ ଦିନ ବିତି ଯାଇଥିଲେ ମଧ୍ୟ ଆଜି ଯାଏଁ କାହାରିକୁ ଗିରଫ କରି ପାରି ନଥିବା ବେଳେ ଆଜି ବ୍ରହ୍ମବରଦା କଲେଜର ୪/୫ ଜଣ ଛାତ୍ରଛାତ୍ରୀଙ୍କ ସମେତ ଛାତ୍ରୀଙ୍କ ମା' ଥାନାରେ ଉପସ୍ଥିତ ରହି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଅପରପକ୍ଷରୁ ମଧ୍ୟ ଥାନାରେ ଅଭିଯୋଗ ହୋଇଥିବା ବେଳେ ୨୪୧/୨୫ରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି।

# ଲାୟନ୍ସ କ୍ଲବ୍ ଯାଜପୁରର ଅଧିଷ୍ଠାନ ଉତ୍ସବ



**ଯାଜପୁର,୧୩।୧୦(ସମିସ):** ଲାୟନ୍ସ କ୍ଲବ ଯାଜପୁରର ୨ୟ ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ମିଶନ ଶକ୍ତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସମର ବିଜୟ ଶରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏଇ ଅଧିଷ୍ଠାନ ଉତ୍ସବରେ ମୁଖ୍ୟଅତିଥି ଭାବେ ସେକେଣ୍ଡ ଭାଇସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଅଶୋକ କୁମାର ମହାନ୍ତି ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ପ୍ରକାଶ କୁମାର ଜେନା ଯୋଗଦେଇଥିଲେ। କ୍ଲବର ୨୦୨୫-୨୬ ବର୍ଷ ପାଇଁ ୨ୟ ଥର ପାଇଁ ସଭାପତି ଭାବରେ ସମର ବିଜୟ ଶରଣଙ୍କ ସହିତ ନୂତନ କମିଟିର ନାମ ଘୋଷଣା କରିଥିଲେ। ସେହିପରି ସମ୍ପାଦକ ଭାବେ ଅପରାଜେୟ ପଣ୍ଡା, କୋଷାଧ୍ୟକ୍ଷ ସେକ୍ ଅବଦୁଲ ସାଜିଦ, ଉପସଭାପତି ଭାବେ ଡାକ୍ତର ମନୋଜ କୁମାର ସେନାପତିଙ୍କ ନାମ ଘୋଷଣା କରାଯାଇଥିଲା। କମିଟିର କାର୍ଯ୍ୟକର୍ତ୍ତା ଓ ନୂତନ ଭାବେ ଯୋଗ ଦେଇଥିବା ସଭ୍ୟଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆର୍‌ସି ପ୍ରଭାତ ଧଳ ଓ ଜେଡ୍‌ସି ଭାବେ ନିରଞ୍ଜନ ଲାଲ ଗୁପ୍ତା ଯୋଗ ଦେଇଥିଲେ। କ୍ଲବର ସଦସ୍ୟ ପ୍ରିୟଙ୍କା ସାହାଣୀ ଓ ଚିନ୍ତାମଣି ପାଗଳ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅପରାଜେୟ ପଣ୍ଡା ମଞ୍ଚ ପରିଚାଳନା କରିବା ସହ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ତଥା ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ମନୋଜ କୁମାର ସେନାପତି କ୍ଲବର ଆଭିମୁଖ୍ୟ, ବିଚାରଧାରା ଓ କାର୍ଯ୍ୟପନ୍ଥା ବିଷୟରେ ଆଲୋକପାତ କରିଥିଲେ। କ୍ଲବ ପକ୍ଷରୁ ବରିଷ୍ଠ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହାନ୍ତି, ସହକାରୀ ସେବିକା ତୃପ୍ତିମୟୀ ପାତ୍ର ଓ ସାମ୍ବାଦିକ ଦିଲୀପ କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବର ସଦସ୍ୟ ାକ୍ତର ରବୀନ୍ଦ୍ର କୁମାର ନନ୍ଦ, ଡାକ୍ତର ସୁପ୍ରକାଶ ଶତପଥୀ, ଡାକ୍ତର ପ୍ରଶାନ୍ତ ବିଶ୍ୱାଳ, ଡାକ୍ତର ସୁଜିତ୍ ମନୋହର ସ୍ୱାଇଁ, ଡାକ୍ତର ଲଳିତେନ୍ଦୁ କିଶୋର ଦାସ, ଡାକ୍ତର ଲର୍ଡ ବିକ୍ରମ କିଶୋର ରାଉତରାୟ, ଡାକ୍ତର ସତ୍ୟେନ୍ଦ୍ର ମହାପାତ୍ର, ଡାକ୍ତର ଉମାକାନ୍ତ ମଲ୍ଲିକ, ହରିଶଙ୍କର ସୁବୁଦ୍ଧି, ପ୍ରକାଶ ଜେନା ପ୍ରମୁଖ ସହଯୋଗ କରିଥିଲେ। ଲାୟନ୍ସ କ୍ଲବ୍ ଭଦ୍ରକ ଓ ଭଦ୍ରକାଳୀ ଡିଭାଇନର ସଦସ୍ୟ, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଓ ସାମ୍ବାଦିକମାନେ ଯୋଗ ଦେଇଥିଲେ। ଅମର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓସିଏସ୍ ପାଇଥିବା ସଚ୍ଚିଦାନନ୍ଦଙ୍କୁ ଭେଟିଲେ ପ୍ରଫୁଲ୍ଲ

**ସୁକିନ୍ଦା,୧୩।୧୦(ସମିସ):** ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୩୪୯ ରାଙ୍କରେ କୃତକାର୍ଯ୍ୟ ହୋଇଥିବା ସୁକିନ୍ଦାର ଯୁବକ ସଚ୍ଚିଦାନନ୍ଦଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ। ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖରଡ଼ି ଗ୍ରାମର ଚହଲି ନାୟକ ଓ ସଞ୍ଜୁଲତା ନାୟକଙ୍କ ପୁତ୍ର ସଚ୍ଚିଦାନନ୍ଦ ନାୟକ (ଭିକି) ଚଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇସମଗ୍ର ସୁକିନ୍ଦା ଅଞ୍ଚଳ ପାଇଁ ଗର୍ବ ଏବଂ ଗୌରବ ଆଣିଦେଇଛନ୍ତି। ସୋମବାର ଶ୍ରୀ ଘଡ଼ାଇ ସଚ୍ଚିଦାନନ୍ଦଙ୍କ ଖରଡ଼ି ସ୍ଥିତ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଛନ୍ତି।

# ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ



**କୋରେଇ,୧୩।୧୦(ସମିସ)**

ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ବିକଶିତ କରିବା ଲାଗି ସରକାର ସ୍କୁଲ ସ୍ତରରେ ସୁରଭି କାର୍ଯ୍ୟକ୍ରମ କରିଛନ୍ତି। ଏହି କ୍ରମରେ କୋରେଇ ଶିକ୍ଷା ମଣ୍ଡଳରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପଛିକୋଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ପରମାନନ୍ଦପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୧୩ଟି ସ୍କୁଲର ଶତାଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ନୃତ୍ୟ, ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସାଧାରଣଜ୍ଞାନ, ଲିଖନ, ହସ୍ତାକ୍ଷର, ନୃତ୍ୟ ସଂଗୀତ ତଥା ବିଭିନ୍ନ କଳା କୌଶଳ ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ସିଆର୍‌ସିସି ମହେନ୍ଦ୍ର କୁମାର କରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପୂର୍ବତନ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ସିଂହ, ମୁଖ୍ୟବକ୍ତା ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ରାୟ, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ମନୋଜ କୁମାର ଚକ୍ର ଓ ଶିକ୍ଷାବିତ ଶରଣ କୁମାର ରାଉତ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶରେ ସହାୟକ ହୋଇ ପାରିବ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରଶ୍ମୀରେଖା ସାହୁ, ସତ୍ୟଭାମା ନାୟକ, ଲୀଳାବତୀ ନାୟକ, ରତ୍ନପର୍ଣ୍ଣା ପଣ୍ଡା, ମୋନାଲିସା ପାତ୍ର, ତୃପ୍ତିମୟୀ ନାୟକ,ଅର୍ଚ୍ଚନା କର, ଜିତେନ୍ଦ୍ର କୁମାର ରାଉତ, ଗୁଣନିଧି ଦେହୁରୀ, ଚନ୍ଦନ କୁମାର ଜେନା, ଅନିରୁଦ୍ଧ କୁମାର ସାହୁ, ତୋଫାନ କୁମାର ଦେହୁରୀ, କାହ୍ନୁ ଚରଣ ସେଠୀ, ଭଗବାନ ସାହୁ, ରମେଶ ଚନ୍ଦ୍ର ଓଝା ଓ ନିରାକାର ସେଠୀ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।



**ସିଂହପୁର:** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ନୋଡାଲ ଓ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟରେ ଆଜି ଜରିବାଙ୍କ କ୍ଲଷ୍ଟର ଆନୁକୂଲ୍ୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ ଗଗନ ବିହାରୀ ଧଳ, ସରପଞ୍ଚ ଜ୍ଞାନରଞ୍ଜନ ଜେନା, କୃପାସିନ୍ଧୁ ସଭାପତି ଗୁରୁଚରଣ ଥାଟୋଇ, ବାଙ୍ଗରା ନୋଡାଲ ସଭାପତି କୃତିବାସ ମଲ୍ଲିକ, ସିଆର୍‌ସିସି ବିଜୟ କୁମାର ମଲ୍ଲିକ, ରାଜ କିଶୋର ନାୟକ, ବାଙ୍ଗରା ନୋଡାଲ ପ୍ରଧାନଶିକ୍ଷକ ମୁକ୍ତେଶ୍ୱର ଜେନା, କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧୀରେନ୍ଦ୍ର ଦାସ, ଶିକ୍ଷକ ନେତା ରଞ୍ଜନ କୁମାର ଧଳ, ରବି ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅତିଥି କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ଦାଶ, ରତ୍ନାକର ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ଉପରେ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ପ୍ରେମଲତା ବାରିକ, ସାଗରିକା ଧଳ, ପ୍ରଭାତିବାଳା ସାମଲ, ରସ୍ମିପ୍ରଭା ଧଳ, ଅରୁପମା ନାୟକ, ଅନିଲ କୁମାର ବିଶ୍ୱାଳ ଓ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସକାଳ
THE SAKALA



# ୧ କୋଟି ୬୦ ଲକ୍ଷ ବ୍ୟୟରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍



ଯୋଡ଼ା,୧୩।୧୦(ସମିସ): ୧ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୫୨୦ ନଂ ଜାତୀୟରାଜପଥ ବିଲେଇପଦାଠାରେ ଚାରିଛକିଆ ମୁର୍ଗା ମହାଦେବ ରାସ୍ତାଛକଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ବାରମ୍ବାର ସଡ଼କ ଦୁର୍ଘଟଣା ଘଟି ଅନେକ ନିରୀହ ଲୋକଙ୍କ ଧନଜୀବନ ହାନୀ ହେଉଥିବା ଅଭିଯୋଗ ହେଉଛି। ଏହାକୁ ଦୃଷ୍ଟିରେ ରଖି ବିରିକଳା ପଞ୍ଚାୟତର ସରପଞ୍ଚ ମୁଖି ନାଏକ ଏବଂ ନାଏବ ସରପଞ୍ଚ କୁନ୍ତଳା ଖିଲାର୍, ସମିତି ସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ ଏଠାରେ ଫୁଟ୍‌ଓଭର ବ୍ରିଜ୍ ନିର୍ମାଣ ନିମନ୍ତେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କେନ୍ଦୁଝରର ପ୍ରକଳ୍ପ ନିର୍ଦ୍ଦେଶକ, କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ଓ ବଡ଼ବିଲ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ବାରମ୍ବାର ଦାବି କରି ଆସିଥିଲେ। ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକରେ ଉପସ୍ଥାପନା କରି ଏହାର ନିର୍ମାଣ ନିମନ୍ତେ ଅନୁମୋଦନ କରାଇଥିଲେ। ଏହାର ଅଟକଳ ମୂଲ୍ୟ ୧ କୋଟି ୬୦ ଲକ୍ଷ ହୋଇଥିବା ବେଳେ ଏଠାରେ ଚଲାପଥ ସହିତ ବୃଦ୍ଧା ବ୍ୟକ୍ତିମାନଙ୍କ ଯିବାଆସିବା ପାଇଁ ଲିଫ୍ଟ ପ୍ରଣାଳୀ ଏବଂ ୨୪/୭ ପାଇଁ ସୁରକ୍ଷା କର୍ମୀ ରହିବା ସହିତ ଆଲୋକର ବ୍ୟବସ୍ଥା ରହିଛି। ଏପରି ଫୁଟ୍‌ଓଭର୍ ବ୍ରିଜ୍ ପାଣିକୋଇଲିଠାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ କୌଣସିଠାରେ ନ ଥିବା ବେଳେ ଏହା କେନ୍ଦୁଝର ଜିଲ୍ଲାରେ ପ୍ରଥମ ଥର ପାଇଁ ନିର୍ମାଣ ହେବାକୁ ଯାଉଛି। ଏହାର ନିର୍ମାଣ ପାଇଁ ଆଜି ବିଲେଇପଦା ତାରିଣୀ ଛକଠାରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ତହସିଲଦାର ବଡ଼ବିଲ ରାକେଶ ପଣ୍ଡା, ଯୋଡ଼ା ବ୍ଲକର ବିଡିଓ ଦାନିସ୍ ବେହେରା, ଏମ୍‌ଭିଆଇ ବଡ଼ବିଲ ଅରୁଣ ସାହୁ, ଏନ୍‌ଏଚ୍‌ଏଆଇ ଯନ୍ତ୍ରୀ ଶୁଭାଶିଷ ପରିଡା, ବିଭାସ୍ ଘୋଷ୍, ଜିଲ୍ଲା ପରିଷଦ ସଭ୍ୟ ଡମ୍ବରୁଧର କୁଦାଦା, ବିରିକଳା ସରପଞ୍ଚ ମୁଖି ନାଏକ୍, ନାଏବ୍ ସରପଞ୍ଚ କୁନ୍ତଳା ଖିଲାର୍, ସାଂସଦଙ୍କ ପ୍ରତିନିଧି ଅଗ୍ନୁ ମହାନ୍ତ, ବିଷ୍ଣୁ ଖିଲାର୍, ରଞ୍ଜିତ ନାଏକ୍, ଅର୍ଜୁନ ମୁଣ୍ଡା, ଝୁନୀ ଜେନା, ପୂଜକ ମାର୍କଣ୍ଡ ମିଶ୍ର ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏଖବର ଜାଣି ଅଞ୍ଚଳରେ ଖୁସିରଲହର ଖେଳିଯାଇଛି।

## କଂଗ୍ରେସ ନେତା କୈଳାସ ଅଗ୍ରୱାଲଙ୍କ ପରଲୋକ



ବେତନଟୀ,୧୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ପୂର୍ବତନ କଂଗ୍ରେସ ସଭାପତି କୈଳାଶ ଚନ୍ଦ୍ର ଅଗ୍ରୱାଲା (୭୫)ଙ୍କ ରବିବାର ବେତନଟୀ ସ୍ଥିତ ବାସଭବନରେ ପରଲୋକ ହୋଇାଇଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରହିଥିଲେ। ତାଙ୍କ ବିୟୋଗ ଖବର ପାଇ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ମଙ୍ଗଳବାର ଶେଷକୃତ୍ୟ ସଂପନ୍ନ ହେବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ସେ ୧୯୭୨ରେ ଛାତ୍ର କଂଗ୍ରେସରେ ଯୋଗଦାନ କରିଥିଲେ। ପରେ ୧୯୯୨ରୁ ୧୯୯୭ ମଧ୍ୟରେ ବେତନଟୀ ବ୍ଲକ ଅଧ୍ୟକ୍ଷ, ୧୯୯୭ରୁ ୨୦୦୨ ମଧ୍ୟରେ ବେତନଟୀ ବ୍ଲକର ୩୭ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ବିୟୋଗରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କର ମହାପାତ୍ର, ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରା, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ସୁଭାଷ ଚନ୍ଦ୍ର ଦାସ, ୩୫ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ପୂର୍ବତନ ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ନିରୋଜ ଲୋଚନ ଦାସ, ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ଜିଲ୍ଲା ସଭାପତି ତଥା ଆଇନଜୀବୀ ହିମାଂଶୁ କୁମାର ପରିଡା ପ୍ରମୁଖ ଶୋକପ୍ରକାଶ କରିବା ସହିତ ବେତନଟୀ ବ୍ଲକ ଜଣେ ବିକାଶ ପୁରୁଷଙ୍କୁ ହରାଇ ଅପୂରଣୀୟ କ୍ଷତି ହେଲା ବୋଲି କହିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପୂର୍ବତନ ଜିଲ୍ଲା ସଭାପତିଙ୍କୁ ଶ୍ରଦ୍ଧାଞ୍ଜଳି



ବାରିପଦା, ୧୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ବରିଷ୍ଠ ନେତା କୈଳାଶ ଅଗ୍ରୱାଲଙ୍କ ପରଲୋକରେ ଜିଲ୍ଲା କଂଗ୍ରେସ କମିଟି (ଡିସିସି) ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ବେତନଟୀ ସ୍ଥିତ ବାସଭବନରେ ପୁଷ୍ପମାଲ୍ୟ ଅର୍ପଣ କରି ନେତୃବୃନ୍ଦ ଶ୍ରଦ୍ଧା ସୁମନ ଜଣାଇଥିଲେ। ମୟୂରଭଞ୍ଜ (ପୂର୍ବ) କଂଗ୍ରେସ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ବରିଷ୍ଠ ନେତା ଦୀନକୃଷ୍ଣ ଦାସ, ଜ୍ୟୋତିପ୍ରକାଶ ରଥ, ମୁନା ଗିରି, ସତ୍ୟକାମ ରଣା, ମିନକେତନ ବେହେରା, ନାରାୟଣ ପଟ୍ଟନାୟକ, ନଳିନୀ ପଟ୍ଟନାୟକ ପ୍ରମୁଖ ଶେଷ ଦର୍ଶନ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସାନ୍ତନା ଦେଇଛନ୍ତି। ଶ୍ରୀ ଅଗ୍ରୱାଲଙ୍କ ମୃତ୍ୟୁ ଜିଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି ଘଟାଇଲା ବୋଲି ସଭାପତି ଶ୍ରୀ ବିଶ୍ୱାଳ ମତବ୍ୟକ୍ତ କରିଛନ୍ତି।

### ତେଲକୋଇରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

# ବେଆଇନ ବାଲି ଚୋରାଚାଲାଣକୁ ନେଇ ଉଦ୍‌ବେଗ

ତେଲକୋଇ,୧୩।୧୦(ସମିସ):




ତେଲକୋଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ଜିଲ୍ଲାପାଳ ବିଶାଲ ସିଂ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳ କର, ପ୍ରକଳ୍ପ ଅଧିକାରୀ କୁମାର ନାଗ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଉପଜିଲ୍ଲାପାଳ ଉମାକାନ୍ତ ଦଳେଇ, ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପୁରୁଷୋତ୍ତମ ମହାନ୍ତ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ନାଏକ, ତହସିଲ ଦାର ଅନୁପମା ମୁର୍ମୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଭତ୍ତା, ଆବାସ, ବିଦ୍ୟୁତ୍, ପାନୀୟ ଜଳ, ଗମନା ଗମନ, ମନରେଗା କାର୍ଯ୍ୟ ଆଦି ସମସ୍ୟାକୁ ନେଇ ୧୫୮ ଟି ଅଭିଯୋଗର ଶୁଣାଣି କରାଯାଇ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେଲକୋଇ ଅଞ୍ଚଳ ଦେଇ ବୋହି ଯାଇଥିବା ସମାକୋଇ ନଦୀପଠାରୁ ବେଆଇନ ବାଲି ଚୋରାଚାଲାଣ, ପୂର୍ତ୍ତ ବିଭାଗ ରାସ୍ତାର ଦୂରବସ୍ଥା ପ୍ରମୁଖ ଅଭିଯୋଗ ପାଲଟି ଥିଲା। ବାଲି ମାଫିଆ ମାନେ ସଞ୍ଜ ନଇଁଲେ କିଭଳି ଶହ ଶହ ଟ୍ରିପ ବାଲି ବେଧଡକ ଚୋରା ଚାଲାଣ କରୁଛନ୍ତି ଏବଂ ପ୍ରଶାସନ କାହିଁକି ଏଥିପ୍ରତି ଆଖିବୁଜି ଦେଇଛି ତାହା ଅଭିଯୋଗ ଶୁଣାଣି ଶିବିରରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ସାଜିଥିଲା। ପ୍ରଗତିଶୀଳ ନାଗରିକ ମଞ୍ଚର ଅଭିଯୋଗ ପରେ ଜିଲ୍ଲାପାଳ ସ୍ଥାନୀୟ ତହସିଲଦାର ଓ ଥାନା ଅଧିକାରୀଙ୍କୁ ଡାକି ସିଧା ଏଦିଗରେ ତୁରନ୍ତ ଦୃଷ୍ଟିଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଗିଦ୍ କରିଛନ୍ତି। ଏହା ସହିତ ପୂର୍ତ୍ତ ରାସ୍ତାର ସମସ୍ୟା ଓ ତେଲକୋଇ ବଜାର ରାସ୍ତାକୁ ତୁରନ୍ତ ନିର୍ମାଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କ ସମସ୍ୟାକୁ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ତାଗିଦ୍ କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ମହୋତ୍ସବ 'ସୁରଭି'


ତୁରୁମୁଙ୍ଗା


ତେଲକୋଇ

ତୁରୁମୁଙ୍ଗା,୧୩।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଧୀନ ଡୁମୁରିଆ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'-୨୦୨୫ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଯୁଧିଷ୍ଠିର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲଷ୍ଟରର ମୋଟ ୧୮ଟି ବିଦ୍ୟାଳୟରୁ ୧୮୦ରୁ ଅଧିକ ଛାତ୍ରଛାତ୍ରୀ ତର୍କ, ବକ୍ତୃତା, ଚିତ୍ରାଙ୍କନ, ହସ୍ତାକ୍ଷର ଲିଖନ, ସୃଜନଶୀଳ ଲିଖନ, ପ୍ରବନ୍ଧ ଲିଖନ, ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଅନନ୍ତ ଚରଣ ମୁର୍ମୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ବିଷୟରେ ୩ଟି ବିଭାଗ କନିଷ୍ଠ, ବରିଷ୍ଠ-କ ଓ ବରିଷ୍ଠ-ଖରେ କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ସମ୍ମାନିତ କରି ପୁରସ୍କୃତ କରାଯାଇଥିଲା। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡୁମୁରିଆର ପ୍ରଧାନଶିକ୍ଷକ ଅନନ୍ତ ଚରଣ ମୁର୍ମୁଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଡୁମୁରିଆ ସମିତି ସଭ୍ୟା ଜୟନ୍ତୀ ନାଏକ ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କଳା ଶିକ୍ଷକ ବିକାଶ ଚନ୍ଦ୍ର ମହାନ୍ତ, ସଂସ୍କୃତ ଶିକ୍ଷକ ମଧୁସୂଦନ ମହାନ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଲଳିତ ମୋହନ ମହାନ୍ତ ପରିଚାଳନା କରିଥିବା ବେଳେ ଶିକ୍ଷକ ରଂଜିତ ପଲେଇ, ଉଦୟନାଥ ଦେହୁରୀ, ଚନ୍ଦ୍ରମଣି ସେଠୀ, ବାଜିନ ମୁଣ୍ଡା, ଭରତ ଚନ୍ଦ୍ର ମହାନ୍ତ, ତପସ୍ୱିନୀ ମହାନ୍ତ, ସନ୍ଧ୍ୟାରାଣୀ ନାଏକ, ଲତିକା ମଞ୍ଜରୀ ମହାନ୍ତ, ସୁଷମା ସିଂ, ସମରେନ୍ଦ୍ର ମହାନ୍ତ, ପ୍ରତିମା ନାଏକ, ଚୈତନ୍ୟ ନାଏକ, କଂସରାଜ ନାଏକ, ମୀନକେତନ ମହାନ୍ତ, ପ୍ରଦ୍ୟୁମ୍ନ ବାରିକ, ଶ୍ରୀକାନ୍ତ ଜେନା, ଅନୁପମ ଜେନା ପ୍ରମୁଖ ସହଯୋଗ କରିଥିଲେ।

**ତେଲକୋଇ:** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅଧୀନ କରଦାଙ୍ଗି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ 'ସୁରଭି' କାର୍ଯ୍ୟକ୍ରମ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କବିତା ମୁଣ୍ଡା ଅଂଶଗ୍ରହଣ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ତୁଳସୀ ନାୟକ, ଦେଉଳଡିହା ସିଆରସିସି ଖଗେଶ୍ୱର ନାୟକ, ପ୍ରଧାନ ଶିକ୍ଷକ ଆମ୍ବତଇଲା ପଦ୍ମଲୋଚନ ପାତ୍ର, ରଗଡା ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ କୁମାର ପ୍ରଧାନ, କରଦାଙ୍ଗି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କରଦାଙ୍ଗି କ୍ଲଷ୍ଟର ସିଆରସିସି ଟୁନା ଅମାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ୧୫ଟି ବିଦ୍ୟାଳୟରୁ ୩୫୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିତର୍କ, ପ୍ରବନ୍ଧ ପ୍ରତିଯୋଗିତା, ଚିତ୍ରାଙ୍କନ, ସୃଜନଶୀଳ, ଲିଖନ, କୁଇଜ୍, ପିଏମ୍ ପୋଷଣ, ଚିତ୍ରକଳା, ଶିଳ୍ପ କଳା, ଓଡ଼ିଆ ହସ୍ତାକ୍ଷର, ଶୃତଲିଖନ, ସଙ୍ଗୀତ, ବକ୍ତୃତା ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସମସ୍ତ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପାଠ୍ୟ ଉପକ୍ରମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଲଷ୍ଟର ସହକାରୀ ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ବାଲି ଗାଡ଼ି ଅଟକାଇବାରୁ ଆକ୍ରମଣ ଘଟଣା; ୩ ଗିରଫ

ସାରସକଣା, ୧୩।୧୦(ସମିସ): ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ତଥା ପଡୋଶୀ ରାଜ୍ୟକୁ ହାଇୱାରେ ଚାଲାଣ ହେଉଥିବାବେଳେ ରବିବାର ଭୋରୁ ଘଟିଥିବା ତୁମୁଳକାଣ୍ଡ ଘଟଣାରେ ଝାରପୋଖରିଆ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅବିନାଶ ପ୍ରହରାଜ, ପାହାଡ଼ ସିଂ ଓ ଗୋବିନ୍ଦ ଦଣ୍ଡପାଟ। ବେଆଇନ ବାଲି ଚାଲାଣ ସମୟରେ ବିରୋଧ କରିଥିବା ଯୁବକ ବିକାଶ ସାହୁଙ୍କୁ ଉପରୋକ୍ତ ୩ ଜଣ ଓ ଫେରାର ଥିବା ୫ଜଣ ଅଭିଯୁକ୍ତ ନିସ୍ତୁକ ମାଡ ମାରିଥିଲେ। ସରକାରୀ ବାଲିଘାଟ ବନ୍ଦ ରହିଥିବା ବେଳେ ବେଆଇନ ବାଲିଚାଲାଣ ହେଉଥିବାରୁ ଟ୍ରକକୁ ଅଟକ ରଖି ଝାରପୋଖରିଆ ପୁଲିସକୁ ଖବର ଦେବାକୁ ଉଦ୍ୟମ ବେଳେ ଏକ ବୋଲେରୋ ଏବଂ ଅନ୍ୟ ଏକ ଗାଡ଼ିରେ ଅଭିଯୁକ୍ତମାନେ ପହଞ୍ଚି ଟ୍ରକ୍ ଅଟକାଇଥିବା ଯୁବକଙ୍କୁ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ସ୍ଥାନୀୟ ଯୁବକ ବିକାଶ ସାହୁଙ୍କ ଅଭିଯୋଗ ମୁତାବକ ଝାରପୋଖରିଆ ପୁଲିସ ଏକ ମାମଲା ରୁଜୁ କରିବା ସହିତ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ଶାନ୍ତନୁ କୋଇଲା, ଉତ୍ତମ କୁମାର ଦଣ୍ଡପାଟ, ସଞ୍ଜୀବ ସେଠୀ, ବନ୍ଧନ ସିଂ ଓ ଦେବାଶିଷ ବିନ୍ଧାଣି ଫେରାର ଅଛନ୍ତି।

## ଭଲିବଲ ଟୁର୍ଣ୍ଣାମେଣ୍ଟ; ହାଟବାଦଡା ଚାମ୍ପିଅନ



କରଞ୍ଜିଆ,୧୩।୧୦(ସମିସ): ମା' ମଙ୍ଗଳା କ୍ଲବ୍ ଦୋଳ ପଡିଆ ଆନୁକୂଲ୍ୟରେ ଅନୁଷ୍ଠିତ ଏମଏମ କପ ଭଲିବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଆଇନଜୀବୀ ବିକାଶ କୁମାର ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କାବୁଲ ଚନ୍ଦ୍ର ରାଉଲ୍ ଯୋଗଦେଇ ଚାମ୍ପିଅନ ଦଳ ହାଟବାଦଡା ଭଲିବଲ ଟିମ୍‌କୁ ଟ୍ରଫି ସହିତ ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଉପବିଜେତା ଦଳ ଏମ୍‌ଏମସି ଲଦକୁ ଟ୍ରଫି ସହିତ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଏମଏମସି ଟିମ୍‌ର କରୁଣା କର ଜେନାଙ୍କୁ ପ୍ରଦାନ କରଯାଇଥିଲା। ଶୈଳେଶ ଚନ୍ଦ୍ର ଭୋଇ, ବାବି ସାମଲ ଓ ଅଜୟ କୁମାର ବେଜ ଅତିଥିରୂପେ ଯୋଗଦେଇଥିଲେ।

## ଆମ୍ବବଗିଚାରୁ ମୃତଦେହ ଉଦ୍ଧାର

ଆନନ୍ଦପୁର,୧୩।୧୦(ସମିସ): ଆନନ୍ଦପୁର ଥାନା ଅଧୀନ ଶାଳବଣି ରାସ୍ତାର ଆମ୍ବବଗିଚାରୁ ଫକୀରପୁର ଗ୍ରାମର ଚଗୁଲୁ ନାହାକ(୪୫)ଙ୍କର ମୃତଦେହକୁ ପୁଲିସ ଉଦ୍ଧାର କରିଥିବା ଜଣାଯାଇଛି। ଗ୍ରାମର କହେଁଇ ନାହାକଙ୍କ ପୁଅ ଚଗୁଲୁ ଆଜି ସକାଳୁ ଘରୁ ବଜାରକୁ ସଉଦା କରିବାକୁ ଆସି ଦୀର୍ଘ ସମୟ ପର୍ଯ୍ୟନ୍ତ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଶାଳବଣି ରାସ୍ତାର ଆମ୍ବ ବଗିଚାର ଗଛରେ ମୃତଦେହ ଝୁଲୁଥିବା ପୁଲିସରେ ରିପୋର୍ଟ କରିଥିଲେ। ଆନନ୍ଦପୁର ଥାନା ଏଏସଆଇ ନାରାୟଣ ମହାପାତ୍ର ମୃତଦେହ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ଘଟଣାର ସବିଶେଷ ଅନୁଧ୍ୟାନ କରୁଥିବା କହିଛନ୍ତି।

## ଡୁମାଣି ଭାରତୀୟ ରଗ୍‌ବୀ ଦଳ ପାଇଁ ମନୋନୀତ

ବାରିପଦା ୧୩।୧୦(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜୁନିୟର ଆସିଷ୍ଟାଣ୍ଟ ରୂପେ କାର୍ଯ୍ୟରତ ଡୁମାଣି ମାରାଣ୍ଡି, ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁଙ୍କ ସହ ଭାରତୀୟ ରଗବୀ ଟିମ୍‌ର୍ ପ୍ରତିନିଧିତ୍ୱ କରିବା ପାଇଁ ଭାରତୀୟ ସିନିୟର ଦଳରେ ମନୋନୀତ ହୋଇଛନ୍ତି। ଆସନ୍ତା ୧୮ ତାରିଖରେ ଶ୍ରୀଲଙ୍କାର କଲମ୍ବୋରେ ହେବାକୁ ଥିବା ଏସିଆ ରଗବୀ ଏମିରେଟ ସେଭେନ ସିରିଜ୍-୨୦୨୫ ପାଇଁ ସେ ଭାରତ ତରଫରୁ ଖେଳିବେ। ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀ ସଂଘର ସଭାପତି ସଞ୍ଜୀବ କୁମାର ତନ୍ତୀ, ସମ୍ପାଦକ ଦେବେନ୍ଦ୍ର କୁମାର ପତି, ପ୍ରଦୀପ୍ତ ରଞ୍ଜନ ଦାଶ, ଉଦିତ ରଞ୍ଜନ ଦାସ, ସତ୍ୟ ମହାନ୍ତି, ମାନସ ଆଚାର୍ଯ୍ୟ, ଅଜୟ କୁମାର ବଳ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ରାଧାକୁଣ୍ଡରେ ବୁଡଦେଲେ ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ରାସଗୋବିନ୍ଦପୁର,୧୩।୧୦(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୂଆ ପଞ୍ଚାୟତ କାନପୁର ଗ୍ରାମରେ ରହିଛି ଗୁପ୍ତ ବୃନ୍ଦାବନ। ପ୍ରତିବର୍ଷ କାର୍ତ୍ତିକ ମାସ କୃଷ୍ଣା ଅଷ୍ଟମୀ ତିଥିରେ ଆଜକୁ ଦୀର୍ଘ ବର୍ଷ ଧରି ରାଧାମୋହନ ଜୀଉଙ୍କ ରାଧାକୁଣ୍ଡ ସ୍ନାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ରଧକୁଣ୍ଡରେ ମାନସିକ ରଖି ବୁଡ ପକାଇ ସ୍ନାନ କଲେ ମାନସିକ ପୂରଣ ହୋଇଥାଏ ବୋଲି ଲୋକଙ୍କ ଆସ୍ଥା ରହିଛି। ଏହି ଦିନ ପାଖ ପଡ଼ଶୀ ଜିଲ୍ଲା ବାଲେଶ୍ୱର, ପୁରୀ, ଜଗତସିଂପୁର, କଟକ, କେନ୍ଦ୍ରାପଡ଼ା, ପଶ୍ଚିମବଙ୍ଗ, ନଦିଆ, ବୃନ୍ଦାବନ, ଗୋପୀବଲ୍ଲଭପୁର ଆଦି ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଆସି ରାଧାମୋହନ ଜୀଉଙ୍କ ନିକଟରେ ଭଜନ, ପ୍ରବଚନ, ଭାଗବତ ପାଠ କରିଥାନ୍ତି। ଚଳିତବର୍ଷ ରାଧାକୁଣ୍ଡ ସ୍ନାନ ସମୟ ରାତି ୧୧ଟା ୪୭ ମିନିଟ ସମୟରେ ଥିବାବେଳେ ସେବାୟତଙ୍କ ଗଙ୍ଗା ଆରତି ସରିବା ପରେ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ କୁଣ୍ଡରେ ବୁଡ ପକାଇଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦର ଓ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଥିଲା।

## ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର; ଆଲିଶା ରାଜ୍ୟସ୍ତରକୁ ଉନ୍ନୀତ



ବାରିପଦା, ୧୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ, ତକତପୁରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ସେମିନାରର ଆଭିମୁଖ୍ୟ ସଂପର୍କରେ ଅବଗତ କରିଥିଲେ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଯୋଗଦେଇଥିଲେ। ଚଳିତ ବର୍ଷର ବିଜ୍ଞାନ ଆଲୋଚନା ଚକ୍ର ପ୍ରସଙ୍ଗ 'କ୍ୱାଣ୍ଟମ ଯୁଗର ଆରମ୍ଭ : ସମ୍ଭାବନା ଓ ଆହ୍ୱାନ' ଉପରେ ୨୬ ଜଣ ପ୍ରତିଯୋଗୀ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ବିଚାରକ ଭାବରେ ଅଧ୍ୟାପକ ଡ଼ ସୁବ୍ରତ କୁମାର ଦାଶ, ପ୍ରଶିକ୍ଷକ ଡ଼ ପ୍ରିୟରଞ୍ଜନ ଦାଶ, ଅଧ୍ୟାପକ ତନୁଶ୍ରୀ ସେନାପତି ଯୋଗ ଦେଇଥିଲେ। ଆଲିଶା ପଣ୍ଡା, ତନୟା ମହାନ୍ତି, ଓମଶ୍ରୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି। ବିଜୟୀ ପ୍ରଥମ ପ୍ରତିଯୋଗୀ ୧୫ ତାରିଖରେ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ତାଙ୍କର ସନ୍ଦର୍ଭ ଉପସ୍ଥାପନ କରିବେ। ବିଜ୍ଞାନ ଶିକ୍ଷକ ବସନ୍ତ ଦତ୍ତ, ନୟନ ଗିରି, ଅତସୀ କୁଣ୍ଡୁ ଓ ଶିକ୍ଷକ ଅଜିତ ମହାନ୍ତି ସହାୟତା କରିଥିଲେ। ଉଦଯାପନୀ ସମାରହରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂହ ଓ ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ତିରିଂରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ରାଇରଙ୍ଗପୁର,୧୩।୧୦(ସମିସ): ବାମନଘାଟୀ ଉପଖଣ୍ଡ ଅଧୀନ ତିରିଂ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରବୀନ୍ଦ୍ର କୁମାର ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜନସାଧାରଣଙ୍କ ଠାରୁ ମୋଟ ୨୦୫ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିବାବେଳେ ୧୮୭ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୧୮ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଅଭିଯୋଗ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କା ଜିଲ୍ଲାପାଳ ମଞ୍ଜୁର କରିଥିଲେ। ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଭାଗବତ ମହାପାତ୍ର ଶିବିର ପରିଚାଳନା କରିଥିଲେ।

# ସୁରକ୍ଷା, ସମ୍ମାନ ଓ ଅଧିକାର ପାଇଁ 'ମାରିସା'ର ଆନ୍ଦୋଳନ ନିଷ୍ପତ୍ତି

ବାରିପଦା, ୧୩।୧୦(ସମିସ):




ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସମ୍ମିଳନୀରେ ନୂତନ ନେତୃତ୍ୱ ନିର୍ବାଚିତ ପରେ ପ୍ରଥମ ବୈଠକ ବାରିପଦା ତଖତପୁର ହୋଲିପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ରାଜ୍ୟ ପରିଷଦରେ ଥିବା ନେତୃତ୍ୱ ମାନେ ଯୋଗଦେବା ସହିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍?ବିଦ୍ୟାଳୟ ବାରିପଦା, ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ବାଲେଶ୍ୱର, ଧରଣୀଧର ବିଶ୍ୱବିଦ୍ୟାଳୟର ଛାତ୍ର ନେତୃବୃନ୍ଦ ଉପସ୍ଥିତ ରହିଥିଲେ। ଏହି ବୈଠକରେ ଓଡିଶାରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅଲଚିକି ଶିକ୍ଷାଦାନକୁ ସୁନିଶ୍ଚିତ କରିବା ସମ୍ପର୍କରେ ଆଲୋଚନା ହେବା ସହିତ ଆସନ୍ତା ନଭେମ୍ବର ମାସରେ ରାଜ୍ୟସ୍ତରୀୟ ଆହ୍ୱାନ କ୍ରମେ ୧୦୦ଜଣ ଛାତ୍ର ପ୍ରତିନିଧି ଭୁବନେଶ୍ୱର ଚଲୋ ଡାକରା ଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଆସନ୍ତା ଏକ ମାସ ଭିତରେ ବିଭିନ୍ନ କଲେଜ ୟୁନିଟ ଓ ଜିଲ୍ଲା ୟୁନିଟର ସମ୍ମିଳନୀ ସମାପ୍ତ କରିବା ସହିତ ରାଜ୍ୟବ୍ୟାପୀ ଏକ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହେବ। ଯେଉଁଥିରେ ରାଜ୍ୟର ଶିକ୍ଷାନୁଷ୍ଠାନରେ ଖାଲି ପଡ଼ିଥିବା ପଦବୀ ପୂରଣ, ରାଜ୍ୟ ବଜେଟରେ ୪୦% ଶିକ୍ଷା ପାଇଁ ଖର୍ଚ୍ଚ, ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ, ଛାତ୍ର ସଂସଦ ନିର୍ବାଚନ ଆଦିକୁ ନେଇ ଏହି ଦସ୍ତଖତ ଅଭିଯାନ ଆରମ୍ଭ କରିବା ପାଇଁ ଆଲୋଚନା ହୋଇଥିଲା। ମାତୃଭୂମି, ମାତୃଭାଷା, ଶିକ୍ଷା ଓ ପରମ୍ପରାକୁ ସଶକ୍ତ କରିବା ଲକ୍ଷରେ ନିଜର ଅଧିକାର ପାଇଁ ଲଢ଼େଇ ଜାରି ରଖିବାକୁ ବଜ୍ର ଶପଥ ନେଇଥିଲେ। ବୈଠକରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ଶ୍ୟାମସୁନ୍ଦର ହାଁସଦା, ସୁନ୍ଦର ମୋହନ କିସ୍କୁ, ରାମଜିତ୍ ହେମ୍ବ୍ରମ, ରାଜୁ କିସ୍କୁ, ଅଜୟ ମାର୍ଣ୍ଡି, ବାପୁନ ଟୁଡୁ, ବାଇଧର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସ୍‌ରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ । ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୮୨- ପଞ୍ଜାବ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୩୩- ଜର୍ମାନୀ ମିତ୍ରରାଷ୍ଟ୍ରରୁ ଓହରିଯିବାକୁ ନିଷ୍ପତ୍ତି ନେଲା।
- ୧୯୫୬- ଡ. ବି.ଆର୍ ଆମ୍ବେଦକର ୫ ଲକ୍ଷ ସମର୍ଥକଙ୍କ ସହ ବୌଦ୍ଧ ଧର୍ମ ଗ୍ରହଣ କଲେ।
- ୧୯୮୧- ହୋସ୍‌ନି ମୁବାରକ ମିଶରର ରାଷ୍ଟ୍ରପତି ହେଲେ।
- ୧୯୯୯- ପରମାଣୁ ପରୀକ୍ଷଣ ପ୍ରତିବନ୍ଧକ ସନ୍ଧିକୁ ଆମେରିକୀୟ ସିନେଟ୍‌ରେ ନାମଞ୍ଜୁର।
- ୨୦୧୦- ନୂଆଦିଲ୍ଲୀରେ ଚାଲୁଥିବା ୧୯ତମ ରାଷ୍ଟ୍ରମଣ୍ଡଳ ଖେଳର ସମାପନ।

# ଚିଲି ମ୍ୟାନ୍ :ଥରକେ ଖାଆନ୍ତି ୧୦ କେଜି ଶୁଖିଲା ଲଙ୍କା



ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାଆନ୍ତି। ଏହି କ୍ରମରେ ମେଘାଳୟର ବାଟାବ ଗାଁର କୃଷକ ରାମ ପିରତୁହ ତାଙ୍କର ଅଜବ ଖାଦ୍ୟାଭ୍ୟାସ ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ବେଶ୍ ସହଜରେ ଥରକରେ ୧୦ କେଜି ଶୁଖିଲା ଲଙ୍କା ଖାଇପାରନ୍ତି। ୨୦୨୧ ମସିହାରେ ତାଙ୍କର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ସେ ଏବେ ଚର୍ଚ୍ଚାରେ। ଭିଡିଓରେ ସେ ୧୦ କେଜି ଶୁଖିଲା ଲଙ୍କା ଖାଇଥିଲେ। ଏତେ ଲଙ୍କା ଖାଇବା ସତ୍ତ୍ୱେ ତାଙ୍କ ଆଖିରେ ଲୁହ ଆସି ନ ଥିଲା କି ତାଙ୍କୁ ରାଗ ଲାଗି ନ ଥିଲା। ଏହାପରେ ଲୋକେ ତାଙ୍କୁ ଚିଲି ମ୍ୟାନ୍ ନାମ ଦେଇଥିଲେ। ୫୦ ବର୍ଷିୟ ରାମଙ୍କ କହିବାନୁଯାୟୀ, 'ଲଙ୍କା ମୋ ଜୀବନର ଏକ ଅଂଶ। ମୁଁ ପିଲାଦିନରୁ ଲଙ୍କା ଖାଇ ଆସୁଛି। ମୋତେ ଲଙ୍କା ରାଗ ଲାଗେନି।' ସେହିପରି ରାମଙ୍କ ଗାଁ ଲୋକଙ୍କ କହିବାନୁସାରେ, ତାଙ୍କର ପ୍ରତ୍ୟେକ ଖାଦ୍ୟରେ ଲଙ୍କା ଥାଏ। ତାଙ୍କର ଏହି ନିଆରା ପ୍ରତିଭା ବିଷୟରେ ଜଣାପଡ଼ିବା ପରେ ଲୋକେ ତାଙ୍କୁ ପରୀକ୍ଷା ମଧ୍ୟ କରିଥିଲେ। ଏପରିକି ଗୋଟେ ଶୋ'ରେ ତାଙ୍କ ଦେହରେ ଲଙ୍କା ପେଷ୍ଟ ଲଗାଇ ଗାଧୋଇ ଦିଆଯାଇଥିଲା। ଏଥିସହ ତାଙ୍କ ଶରୀରରେ ଲଙ୍କା ଘଷା ଯାଇଥିଲା। ଏହାସତ୍ତ୍ୱେ ସେ ଶରୀରରେ କୌଣସି ଜଳାପୋଡ଼ା ଅନୁଭବ କରି ନ ଥିଲେ। ସେହିପରି ସେ ଆହୁରି ମଧ୍ୟ କହିଛନ୍ତି, ସକାଳୁ ସେ ଲଙ୍କା ଚା, ଦ୍ୱିପ୍ରହରରେ ଲଙ୍କା ମଟନ ତରକାରୀ ଖାଆନ୍ତି। ସନ୍ଧ୍ୟାରେ ସେ କଞ୍ଚାଲଙ୍କା ଚୋବାଇଥାନ୍ତି। ଲଙ୍କା ତାଙ୍କର ଔଷଧ ବୋଲି ସେ କହିଛନ୍ତି। ଏଥିପାଇଁ ତାଙ୍କୁ କୌଣସି ରୋଗ ମଧ୍ୟ ହୋଇନି। ଅବଶ୍ୟ ମେଘାଳୟରେ ଲଙ୍କାଚାଷ ସାଧାରଣ କଥା। ହେଲେ ରାମଙ୍କ ଭଳି ଲଙ୍କାପ୍ରେମୀ ନାହାନ୍ତି।

# 'କାନ୍ତାରା ଚାପ୍ଟର ୧' ସଫଳତାର ରାଜ୍ ଖୋଲିଲେ ରିଷବ



ରିଷବ ସେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'କାନ୍ତାରା ଚାପ୍ଟର ୧' ବକ୍ସ ଅଫିସ୍‌ରେ ସୁନାମି ଆଣିଛି। ସମୟ ବଢ଼ିବା ସହ ଏହାର ଆୟ ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ସବୁଠୁ ବଡ଼ କଥା ହେଉଛି, ଏହାର କାହାଣୀ ଦର୍ଶକଙ୍କୁ ଛୁଇଁଛି। ମୂଳ କନ୍ନଡ଼ ଭାଷାର ଏହି ସିନେମାରେ ରିଷଭ ପୁଣି ଥରେ ନିଜ ଅନ୍ଦାଜରେ ପରଦାକୁ ଓହ୍ଲାଇଛନ୍ତି। 'କାନ୍ତାରା ଚାପ୍ଟର ୧' ୨୦୨୨ରେ ରିଲିଜ୍ ହୋଇଥିବା 'କାନ୍ତାରା'ର ପୂର୍ବ କାହାଣୀ ଅଟେ । ପ୍ରାୟ ଫିଲ୍ମରେ ସିକ୍ୱେଲ୍ ରିଲିଜ୍ ହେଉଥିଲାବେଳେ ରିଷବ କିନ୍ତୁ ଏହାର ପ୍ରିକ୍ୱେଲ୍ ଆଣିଥିଲେ। ଫିଲ୍ମର କାହାଣୀ, ଚରିତ୍ର ଓ ବିଏଫ୍‌ଏକ୍ସକୁ ବହୁତ ଭଲ ଭାବେ ବଡ଼ ପରଦାରେ ପ୍ରଦର୍ଶନ କରାଯାଇଛି। ଖାସ୍ ଏହି କାରଣରୁ ଫିଲ୍ମଟି ବକ୍ସ ଅଫିସ୍‌ରେ ଧମାଲ କରିଛି। ନିକଟରେ ଏକ ଇଭେଣ୍ଟରେ ଯୋଗ ଦେଇ ଖୋଦ୍ ରିଷବ ଏହାର ସଫଳତାର ରାଜ୍ ଖୋଲିଛନ୍ତି। ରିଷବ କହିଛନ୍ତି, 'ଏହି ଫିଲ୍ମ ଓ ଏହାର ଚରିତ୍ରଗୁଡ଼ିକ ମୋର ସ୍ୱପ୍ନ ଥିଲା, ଯାହାକୁ ମୋ ଟିମ୍ ଆପଣେଇ ନେଇଥିଲା। ଆମେ ଯେତେ ଆମର ଆଞ୍ଚଳିକ କାହାଣୀକୁ ଦେଖାଇବା ଏହା ସେତେମାତ୍ରାରେ ବିଶ୍ୱସ୍ତରରେ ଆଦୃତ ହେବ।' ରିଷବ ଏଥିରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶକ ଓ ଲେଖକ ମଧ୍ୟ।

# ଭାରତର ମିନି ଇସ୍ରାଏଲ

ଭାରତକୁ ବିବିଧତାର ଦେଶ କୁହାଯାଏ। ଏହାର ସୌନ୍ଦର୍ଯ୍ୟ ଓ ସଂସ୍କୃତି ସାରା ବିଶ୍ୱ ପରିଚିତ। ଏଥିପାଇଁ ଏଠାକୁ ବହୁ ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି। ଏହି କ୍ରମରେ ହିମାଚଳ ପ୍ରଦେଶରେ ଏକ ଗାଁ ରହିଛି, ଏଠାକୁ ଭ୍ରମଣ ପାଇଁ ବହୁ ସଂଖ୍ୟାରେ ଇସ୍ରାଏଲ ପର୍ଯ୍ୟଟକ ଆସିଥାନ୍ତି। ଏପରିକି ଘରଭଡ଼ା ନେଇ ଏଠାରେ ଦୀର୍ଘ ଦିନ ଧରି ରହିଥାନ୍ତି। ଗାଁଟିର ନାଁ ଧର୍ମକୋଟ। ଏହା ଧର୍ମଶାଳାଠାରୁ ୨ କିଲୋମିଟର ଦୂରରେ ଅବସ୍ଥିତ। ଧର୍ମକୋଟକୁ ଭାରତର ମିନି ଇସ୍ରାଏଲ ବୋଲି କୁହାଯାଏ। ୧୯୯୦ ମସିହାରୁ ଏଠାକୁ ଇସ୍ରାଏଲ ପର୍ଯ୍ୟଟକମାନେ ଆସି ରହିବା ଆରମ୍ଭ କରିଥିଲେ। ସେବେଠାରୁ ଏଠାରେ ଇସ୍ରାଏଲ ସଂସ୍କୃତି ଓ ପରମ୍ପରାର ଛାପ ଦେଖିବାକୁ ମିଳୁଛି। ଧର୍ମକୋଟର ରେଷ୍ଟୋରାଁଗୁଡ଼ିକରେ ଭାରତୀୟ ଓ ଇଟାଲୀୟ ଖାଦ୍ୟ ସହ ଇସ୍ରାଏଲ ଖାଦ୍ୟ ମିଳିଥାଏ। ଏଠାରେ ହିବ୍ରୁ ଭାଷାରେ ଲେଖାଯାଇଥିବା ସାଇନ୍‌ବୋର୍ଡ ମଧ୍ୟ ଦେଖିବାକୁ ମିଳେ। ଇସ୍ରାଏଲର ସୈନିକମାନେ ଚାକିରିରୁ ଅବସର ନେବା ପରେ ଏହି ଗାଁରେ ଆସି କିଛି ଦିନ ରହି ଯାଇଥାନ୍ତି। ବିଶେଷକରି ଅକ୍ଟୋବର ମାସରେ ରୋଷ ହାସନା ନାମକ ପର୍ବ ପାଳିବାକୁ ଏଠାକୁ ବହୁ ସଂଖ୍ୟକ ଇସ୍ରାଏଲ ନାଗରିକ ଆସିଥାନ୍ତି। ଏହି ଗାଁର ଚତୁଃପାର୍ଶ୍ୱରେ ଘନ ଦେବଦାରୁ ଜଙ୍ଗଲ ଘେରି ହୋଇ ରହିଛି। ତେଣୁ ଏଠାରେ ଭୀଷଣ ଗରମରେ ମଧ୍ୟ ଥଣ୍ଡା ଅନୁଭୂତ ହୋଇଥାଏ। ଫଟୋପ୍ରେମୀ ତଥା ପ୍ରକୃତିପ୍ରେମୀଙ୍କୁ ଏହି ଗାଁ ବେଶ୍ ଆକର୍ଷିତ କରିଥାଏ। ଏଠାରେ ଭାରତୀୟଙ୍କଠାରୁ ଅଧିକ ବିଦେଶୀ ପର୍ଯ୍ୟଟକ ଦେଖାଯାଉଥିବାରୁ ଏହା ସ୍ଥାନୀୟ ଅଞ୍ଚଳରେ 'ବିଦେଶୀଙ୍କ ଗାଁ' ଭାବେ ମଧ୍ୟ ପରିଚିତ। ଧର୍ମକୋଟରେ ବିଦେଶୀ ପର୍ଯ୍ୟଟକମାନେ ଗଳିକନ୍ଦିରେ ସଙ୍ଗୀତ ଗାନ କରିବା ସହ ଧ୍ୟାନ ଯୋଗ ଆଦି କରୁଥିବାର ଦେଖାଯାଏ। ଏଠାରେ ଇସ୍ରାଏଲର ପତାକା ମଧ୍ୟ ଦେଖିବାକୁ ମିଳେ। ଇନ୍‌ଷ୍ଟାଗ୍ରାମ୍ ଟ୍ରାଭେଲର୍ ମହମ୍ମଦ ଅମାନ୍ ଧର୍ମକୋଟ୍‌ର ଭିଡିଓ ସେୟାର୍ କରିବା ପରେ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।






# ଫସଲ ଅମଳ ଯନ୍ତ୍ରପାତି



**ଫସଲର ଅମଳପରବର୍ତ୍ତୀ ସମୟଟି ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ସମୟରେ ଫସଲ କାଟିବାରେ ଅଧିକ ଶ୍ରମ ଦରକାର ପଡ଼େ। ଏଥିପାଇଁ ଖର୍ଚ୍ଚ ବଢ଼େ। ଅଧିକ ସମୟ ଲାଗେ । ପରିଶ୍ରମ ମଧ୍ୟ ଅଧିକ ହୁଏ। ତେବେ ପାଗ ଖରାପ ଥିଲେ, ଫସଲ ଅମଳ କାର୍ଯ୍ୟ କରିହୁଏ ନାହିଁ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଯନ୍ତ୍ର ବ୍ୟବହାର କରି ପାରିବେ।**

ଅମଳ ଯନ୍ତ୍ର ମଧ୍ୟରେ ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ର, ଟ୍ରାକ୍ଟର ଚାଳିତ ଧାନ କଟା ଯନ୍ତ୍ର ଆଦି ରହିଛି। ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ରରେ ଗୋଟିଏ ଦିନର (୮ଘଣ୍ଟା)ରେ ଏକ ହେକ୍ଟର ଜମିରୁ ଅମଳ ହୋଇପାରୁଥିବାବେଳେ ଟ୍ରାକ୍ଟର ଚାଳିତ ଧାନ କଟା ଯନ୍ତ୍ରରେ ଏକ ଘଣ୍ଟାରେ ଏକ ହେକ୍ଟର ଜମିରୁ ଧାନ କଟା ହୋଇପାରିବ। ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ରରେ ଗୋଟିଏ ଏକର ଧାନ କଟା ପାଇଁ ମାତ୍ର ୩୦୦ରୁ ୪୦୦ଟଙ୍କା ଖର୍ଚ୍ଚ ହେଉଥିବାବେଳେ ହାତରେ କାଟିଲେ ଏକ ଏକରରେ ୧୨ଜଣ ଲୋକ ଦରକାର ପଡ଼େ।

ସେହିପରି କମ୍ବାଇନ୍ ହାର୍ବେଷ୍ଟର ଏକ ଆଧୁନିକ କୃଷି ଯନ୍ତ୍ର। ଏହା ଧାନ, ମାଣ୍ଡିଆ, ଗହମ ଆଦି ଫସଲ କାଟିଥାଏ। କାଟିବା ସହ ଏକାସାଥିରେ ଗଛରୁ ଶସ୍ୟକୁ ଅଲଗା କରି ସଫା କରିପାରିବ। ବଜାରରେ ବିଭିନ୍ନ ପ୍ରକାର କମ୍ବାଇନ୍ ହାର୍ବେଷ୍ଟର ଉପଲବ୍ଧ ଅଛି। ଏଥିରେ ୨ରୁ ୬ ମିଟର ଓସାର ଯାଏଁ ଫସଲ କାଟିବାକୁ ଆରି, ଦାନାକୁ ଅଲଗା କରି ସଫା କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହା ଧାନ ଫସଲରେ ପାଖାପାଖି ୦.୬ ହେକ୍ଟର ପ୍ରତି ଘଣ୍ଟା କାମ କରିଥାଏ । ସେହିପରି ବଜାରରେ ଟ୍ରାକ୍ଟର ଚାଳିତ କନଭେୟର ରିପର (ଟ୍ରାକ୍ଟର ଚାଳିତ ଅମଳ ଯନ୍ତ୍ର) ଉପଲବ୍ଧ ରହିଛି।

# ଚାଷୀ ମୁହଁରେ ହସ ଭରିଛି କଳିଙ୍ଗରାଜ




**ଦୃଢ଼ ଇଚ୍ଛାଶକ୍ତି ହିଁ ମଣିଷକୁ ସଫଳତା ଦେଇଥାଏ। ଏହାକୁ ପ୍ରମାଣିତ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲା, ଲଖନପୁର ବ୍ଲକ୍ ଅନ୍ତର୍ଗତ ବଞ୍ଜାରୀ ଗ୍ରାମର ଜୟଦେବ ବିଶ୍ୱାଳ। ଚାଷ କେବଳ ଜୀବିକା ନୁହେଁ, ଏହା ଏକ ସ୍ୱାବଲମ୍ବୀ ଓ ସମୃଦ୍ଧିମୟ ଜୀବନ ପାଇଁ ସାଧନ ହୋଇପାରେ । ଏହାକୁ ବ୍ରତ କରି ସେ ଜଣେ ସଫଳ ଚାଷୀ ଭାବେ ସ୍ଥାନୀୟ ଅଞ୍ଚଳର ଅନେକ ଚାଷୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି।**

ଜୟଦେବ ନିଜର ୧୬ ଏକର ଜମିରେ ମକା, ପୋଟଳ, ବାଇଗଣ, ବିଭିନ୍ନ ପ୍ରକାର ପନିପରିବା, ଫଳ (କଦଳୀ, ଆମ୍ବ) ଆଦି ଚାଷ କରୁଛନ୍ତି। ଏହା ସହିତ ସେ ଅଧିକାଂଶ ଜମିରେ ଧାନ ଚାଷ ମଧ୍ୟ କରୁଛନ୍ତି। ଅଧିକ ଉତ୍ପାଦନକ୍ଷମ ହେବା ପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା ଦ୍ୱାରା ଆୟୋଜିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହି ତାଲିମ କେନ୍ଦ୍ରରେ ଉନ୍ନତ ମାନର ମକା ଚାଷ ପ୍ରଣାଳୀକୁ ନେଇ ଆଲୋଚନା ସମୟରେ ଜୟଦେବ ମକା ଚାଷ ପ୍ରତି ଆଗ୍ରହ ଦେଖାଇଥିଲେ। ତାଙ୍କ ଆଗ୍ରହକୁ ଅଗ୍ରାଧିକାର ଦେବା ସ୍ୱରୂପ ବୈଜ୍ଞାନିକମାନେ 'କଳିଙ୍ଗରାଜ' ଚାଷ ପଦ୍ଧତି ସମ୍ବନ୍ଧୀୟ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

କେବଳ ସେତିକି ନୁହେଁ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଓ ପ୍ରଚାରିତ ଏହି କିସମର ବିହନ ପ୍ରଦାନ କରିଥିଲେ। ବୈଜ୍ଞାନିକମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ଓ ସମର୍ଥନ ପାଇ ଜୟଦେବ ପ୍ରାୟ ଦୁଇ ଏକର ଜମିରେ 'କଳିଙ୍ଗରାଜ' ମକା ଚାଷ କରି ଏହି ଉତ୍ପାଦନର ଲାଭ ଉଠାଇଛନ୍ତି। ପୂର୍ବରୁ ସ୍ଥାନୀୟ ବଜାରରୁ କିଣିଥିବା ମକା ତଥା ସ୍ୱୟଂ ସଂରକ୍ଷିତ ବିହନ ଚାଷ କରି ଉତ୍ପାଦନ ଓ ଆୟ କମ ପାଉଥିଲେ। କିନ୍ତୁ କୃଷି ବିଜ୍ଞାନ କେନ୍ଦ୍ର ଝାରସୁଗୁଡ଼ା ପକ୍ଷରୁ ସାହାଯ୍ୟ, ସହଯୋଗ ଓ ତାଲିମ ପାଇ 'କଳିଙ୍ଗରାଜ' ମକା ଚାଷରୁ ସେ ବର୍ଷକୁ ମୋଟ ୨ ଲକ୍ଷ ୩୦ ହଜାର ଟଙ୍କା ପାଉଥିବାବେଳେ ୧ ଲକ୍ଷ ୧୨ ହଜାର ଟଙ୍କା ଲାଭ କରୁଛନ୍ତି। ଉନ୍ନତ ଚାଷପ୍ରଣାଳୀ ଓ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ଯୋଗୁଁ ତାଙ୍କ ଆୟ ମଧ୍ୟ ବୃଦ୍ଧି ପାଇଛି। ବର୍ତ୍ତମାନ ସେ ୪ଟି ଗ୍ରାମର ଚାଷୀମାନଙ୍କୁ ମକା ଚାଷ ସମ୍ବନ୍ଧୀୟ ନିଜ ଅଭିଜ୍ଞତା ବାଣ୍ଟୁଛନ୍ତି। ଏହା ସହ ଆୟ କିଭଳି ଦ୍ୱିଗୁଣିତ ହୋଇପାରିବ ସେ ନେଇ ମଧ୍ୟ ସମ୍ୟକ୍ ଜ୍ଞାନ ପ୍ରଦାନ କରୁଛନ୍ତି।

ଉନ୍ନତ ପ୍ୟାକେଜ୍, ଚାଷପ୍ରଣାଳୀ, ନୂତନ ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନ କୌଶଳ ବିଷୟରେ ଅଧିକ ଜାଣିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ସହିତ ଯୋଗାଯୋଗ କରିବାକୁ ମଧ୍ୟ ଜୟଦେବ ଚାଷୀଙ୍କୁ ପ୍ରେରିତ କରୁଛନ୍ତି। ସେ ବିଭିନ୍ନ ଫସଲ ଓ ବଗିଚା ପରିଚାଳନା ପାଇଁ ପ୍ରତିଦିନ ଜଣଙ୍କୁ ନିୟୋଜିତ କରୁଛନ୍ତି। ଫସଲ ଉତ୍ପାଦନ ବିଶେଷକରି ଧାନ ଓ ମକା ଚାଷ ସମୟରେ ପ୍ରତିବର୍ଷ ଶ୍ରମ ଦିବସରେ ୨୩୦ ରୁ ୨୪୦ ଜଣଙ୍କୁ ନିୟୋଜିତ କରୁଛନ୍ତି। ଯାହାଦ୍ୱାରା ସେ କେବଳ ନିଜ ପାଇଁ ନୁହେଁ ବରଂ ସ୍ଥାନୀୟ ଅଞ୍ଚଳର ଆର୍ଥିକ ପ୍ରଗତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି ।

## ଓଲକୋବି ଚାଷ

**ଅକ୍ଟୋବର ମାସରେ ରବିଋତୁ ଚାଷ କାମ କରାଯାଏ। ଏହି ସମୟରେ କମ୍ ତାପମାତ୍ରା ଯୋଗୁଁ ଚାଷୀମାନେ ବିଭିନ୍ନ ଫୁଲ, ପନି ପରିବା ବିହନ ଲଗାଇ ଲାଭ ପାଇଥା'ନ୍ତି। ଗାଜର, ସିମଳା ଲଙ୍କା, ଲଙ୍କା, ମୂଳା, ବାଇଗଣ, ଟମାଟୋ ଆଦି ଚାଷ କରାଯାଉଥିଲେ ହେଁ, ଓଲ କବି ଚାଷରୁ ଅଧିକ ଲାଭ ମିଳେ।**



ଓଲକୋବି ଚାଷ ପାଇଁ ଅକ୍ଟୋବରରୁ ନଭେମ୍ବର ମାସ ଉପଯୁକ୍ତ ସମୟ। ଚାଷ ପାଇଁ ନିଗିଡ଼ା, ଦୋରସା ମାଟି ଅନୁକୂଳ। ଏକର ପାଇଁ ୫୦୦ ଗ୍ରାମ୍ ବିହନ ଦରକାର। ତେବେ ମାଟିକୁ ଗୁଣ୍ଡ କରି ସେଥିରେ ଶୁଖିଲା ଖତ ପ୍ରୟୋଗ କରାଯାଏ। ମାଟିକୁ ସମତଳ କରି ପଟାଳି କରି ସେଥିରେ ବିହନ ବୁଣାଯାଏ। ଚାଷ ପୂର୍ବରୁ ମୃତ୍ତିକା ଓ ବିହନ ବିଶୋଧନ କରିବା ନିହାତି ଆବଶ୍ୟକ। ମୁଖ୍ୟ ଜମିରେ ଓଲକୋବି ଲଗାଇବା ସମୟରେ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି ଏବଂ ଗଛକୁ ଗଛ ଦୂରତ୍ୱ ୨୫ ସେ.ମିରେ ଲଗାଯାଏ। ଆରମ୍ଭରୁ ହାଲୁକା ଜଳ ସେଚନ କରି ୧୦ରୁ ୧୨ ଦିନ ଅନ୍ତରରେ ସିଞ୍ଚନ କରିପାରିବେ। ଜୈବିକ ପ୍ରଣାଳୀରେ ଚାଷ କରିବାକୁ ଚାହୁଁଥିଲେ, ନିମ୍ବ ଅର୍କ ପ୍ରୟୋଗ କରି ପାରିବେ। ଜୈବିକ ଖତ କିମ୍ବା ଶୁଖିଲା ଗୋବର ଖତ ସହିତ ନିମ୍ବପିଡ଼ିଆ ମିଶାଇ ଗଛମୂଳରେ ଦେବା ଦ୍ୱାରା ଅଧିକ ଅମଳ ହୁଏ। ଗଛ ଲଗାଇବାର ୫୫ରୁ ୬୦ ଦିନ ପରେ ଓଲକୋବି ଅମଳ କରିପାରିବେ।

## କୃଷି ପାଣିପାଗ

### ୨ ସପ୍ତାହ ପାଇଁ କୃଷକଙ୍କ ପରାମର୍ଶ

- ଅଣଧାନ ଫସଲ ଓ ପନିପରିବା ତଳିଘରାରୁ ଅତ୍ୟଧିକ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ। ରୋଗ ଓ ପୋକର ନିୟନ୍ତ୍ରଣ ପାଇଁ ଜମିକୁ ଘାସମୁକ୍ତ ରଖନ୍ତୁ।
- କୋବି ଜାତୀୟ ପନିପରିବା ତଳି ପଟାଳିରେ ତଳିଘରା-କଟା ରୋଗ ଦେଖା ଦେଇଥାଏ। ଶୁଖିଲା ପାଗ ଦେଖି ଏହି ରୋଗର ପରିଚାଳନା ପାଇଁ ବିହନ ବୁଣିବା ପୂର୍ବରୁ ଏକ କିଗ୍ରା ମଞ୍ଜିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା କାର୍ବୋକ୍ସିନ ଏବଂ ଥିରାମ ମିଶ୍ରିତ ଫିମ୍ପିନାଶକ ବିହନରେ ମିଶାଇ ବିଶୋଧନ କରନ୍ତୁ।
- ଭେଣ୍ଡିରେ ସାହେବୀ ରୋଗ ଧଳାମାଛି ଦ୍ୱାରା ବ୍ୟାପିଥାଏ। ଏହାକୁ ପ୍ରତିରୋଧ କରିବାକୁ ପ୍ରତି କେଜି ବିହନକୁ ୪ ଗ୍ରାମ ଇମିଡାକ୍ଲୋପ୍ରିଡ ୭୦% ଡବ୍ଲ୍ୟୁଜି ସହ ମିଶାଇ ବିହନ ବିଶୋଧନ କରନ୍ତୁ।
- ଖରାଟିଆ ପାଗରେ ଅମୃତଭଣ୍ଡା ଗଛରେ ଦହିଆଚୂର୍ଣ୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି ୧୦ଲିଟର ପାଣିରେ ୩୦ ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ।

## ଘାନାର ଫିଫା ବିଶ୍ୱକପ୍ ଯୋଗ୍ୟତା

ଆକରା, ୧୩।୧୦ (ଏଜେନ୍ସି): ଆଫ୍ରିକା ମହାଦେଶର ୫ମ ଦେଶ ଭାବେ ଘାନା ଆସନ୍ତାବର୍ଷ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ଗତକାଲି ରାତିରେ ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଘରୋଇ ଘାନା ଦଳ ୧-୦ ଗୋଲରେ କମରୋସକୁ ପରାସ୍ତ କରିଥିଲା। ମ୍ୟାଚର ୪୭ତମ ମିନିଟ୍‌ରେ ମହମ୍ମଦ କୁଡୁସ ଏହି ବିଜୟସୂଚକ ଗୋଲ୍‌ଟି ଦେଇଥିଲେ। ଫଳରେ ଯୋଗ୍ୟତା ପର୍ଯ୍ୟାୟରେ ଘାନା ସମସ୍ତ ୧୦ ମ୍ୟାଚ୍ ଖେଳି ୮ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ସର୍ବାଧିକ ୨୫ ପଏଣ୍ଟ ପାଇ ଗ୍ରୁପ୍-୧ ଟେବଲ ତାଲିକାର ଶୀର୍ଷରେ ରହି ବିଶ୍ୱକପ୍ ଟିକଟ୍ ହାସଲ କରିଛି। ପୂର୍ବରୁ ଆଫ୍ରିକା ମହାଦେଶରୁ ଇଜିପ୍ଟ, ମରକ୍କୋ, ଟ୍ୟୁନିସିଆ ଓ ଆଲ୍‌ଜେରିଆ ୨୦୨୬ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

## ପାକିସ୍ତାନ କ୍ରିକେଟର୍ ୱାଜିରଙ୍କ ପରଲୋକ

ବର୍ମିହାମ, ୧୩।୧୦ (ଏଜେନ୍ସି): ପାକିସ୍ତାନର ପୂର୍ବତନ ଟେଷ୍ଟ କ୍ରିକେଟର୍ ୱାଜିର ମହମ୍ମଦଙ୍କ ପରଲୋକ ଘଟିଛି। ଇଂଲଣ୍ଡର ବର୍ମିହାମସ୍ଥିତ ବାସଭବନରେ ୯୫ ବର୍ଷ ବୟସରେ ୱାଜିର ସୋମବାର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେ ପାକିସ୍ତାନର ଜୀବିତ ଥିବା ସବୁଠୁ ବୟୋଜ୍ୟେଷ୍ଠ କ୍ରିକେଟର୍ ଭାବେ ବିବେଚିତ ହେଉଥିଲେ। ସେହିଭଳି ନେଲ୍ ହାର୍ଭେ (୯୭ ବର୍ଷ ୫ ଦିନ) ଓ ଟ୍ରେଭର ମ୍ୟାକ୍‌ମୋହନ (୯୫ ବର୍ଷ ୩୩୯ ଦିନ)ଙ୍କ ପରେ ବିଶ୍ୱରେ ଜୀବିତ ଥିବା ତୃତୀୟ ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର୍ ଥିଲେ। ୱାଜିର ୧୯୫୨ରେ ଭାରତ ବିପକ୍ଷରେ ଖେଳି ଟେଷ୍ଟ ପଦାର୍ପଣ କରିଥିଲେ। ଏହି ମ୍ୟାଚ୍‌ଟି ଭାରତ ଓ ପାକିସ୍ତାନ ମଧ୍ୟରେ ସର୍ବପ୍ରଥମ ଟେଷ୍ଟ ମୁକାବିଲା ଥିଲା। କ୍ୟାରିୟରରେ ୨୦ଟି ଟେଷ୍ଟ ଖେଳିଥିବା ୱାଜିର ୨ଟି ଶତକ ଓ ୩ଟି ଅର୍ଦ୍ଧଶତକ ସହ ମୋଟ୍ ୮୦୧ ରନ କରିଥିଲେ।

## ଦ.ଆଫ୍ରିକା-ପାକିସ୍ତାନ ପ୍ରଥମ ଟେଷ୍ଟ: ମୁଥୁସ୍ୱାମୀଙ୍କୁ ୬ ୱିକେଟ

ଲାହୋର,୧୩।୧୦(ଏଜେନ୍ସି): ବାମହାତୀ ସ୍ପିନର ସେନୁରନ ମୁଥୁସ୍ୱାମୀ ୬ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ପାକିସ୍ତାନ ୩୭୮ ରନ୍ କରିଛି। ଦଳ ଦୃଢ଼ତାର ସହ ବ୍ୟାଟିଂ କରିଥିଲେ ମଧ୍ୟ ୬୫ ରନ୍‌ରେ ଶେଷ ୫ଟି ୱିକେଟ ହରାଇବାରୁ ଦଳ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା। ପାକିସ୍ତାନ ପକ୍ଷରୁ ଇମାମ-ଉଲ-ହକ୍ ଓ ସଲମାନ ଆଘା ୯୩ ରନ୍ ଲେଖାଏଁ, ଅଧିନାୟକ ସାନ୍ ମାସୁଦ ୭୬ ଓ ମହମ୍ମଦ୍ ରିଜୱାନ ୭୫ ରନ୍ କରିଥିଲେ। ମୁଥୁସ୍ୱାମୀଙ୍କୁ ୧୧୭ ରନ୍‌ରେ ୬ଟି, ଅଫ୍ ସ୍ପିନର ସୁବ୍ରାୟେନ୍‌ଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ନୋମାନ ଅଲିଙ୍କ ବୋଲିଂକୁ ମୁକାବିଲା କରି ନ ପାରି ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୨୧୬ ରନ୍ କରିନେଇଛି। ଟୋନି ଡି ଜୋର୍ଜି ୮୧ ରନ୍‌ରେ ଅପରାଜିତ ରହିଛନ୍ତି।

**କ୍ୟାମ୍ପବେଲ୍‌ଙ୍କ ପ୍ରଥମ, ୮ ବର୍ଷ ପରେ ହୋପ୍‌ଙ୍କ ଟେଷ୍ଟ ଶତକ**


# ବିଜୟଠାରୁ ୫୮ ରନ୍ ଦୂରରେ ଭାରତ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି)

ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଭାରତ ବିଜୟର ଦ୍ୱାରଦେଶରେ ପହଞ୍ଚିଛି। ଏହି ଟେଷ୍ଟର ଦ୍ୱିତୀୟ ଇନିଂସରେ ଜନ୍ କ୍ୟାମ୍ପବେଲ (୧୧୫) ଓ ସାଇ ହୋପ (୧୦୩)ଙ୍କ ଶତକ ବଳରେ ଫଲୋଅନ ପରେ ୱେଷ୍ଟଇଣ୍ଡିଜ୍‌ର ଦ୍ୱିତୀୟ ଇନିଂସ ୩୯୦ ରନ୍‌ରେ ଶେଷ ହୋଇଥିଲା। ଏହା ଫଳରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଭାରତଠାରୁ ୧୨୦ ରନ୍‌ର ଅଗ୍ରଣୀ ନେଇଥିଲା। ଇଣ୍ଡିଜ୍ ପ୍ରଦତ୍ତ ୧୨୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ଯଶସ୍ୱୀ ଜୟସ୍ୱାଲ (୮)ଙ୍କ ୱିକେଟ ହରାଇ ୬୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଲୋକେଶ ରାହୁଲ ୨୫ ଓ ସାଇ ସୁଦର୍ଶନ ୩୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଆସନ୍ତାକାଲି ୫ମ ତଥା ଶେଷ ଦିନରେ ଭାରତକୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ୯ଟି ଦ୍ୱିତୀୟ ଇନିଂସ ୱିକେଟ ବଳରେ ଭାରତ ଆଉ ମାତ୍ର ୫୮ ରନ୍ ଆବଶ୍ୟକ କରୁଛି। ପୂର୍ବରୁ ୫ ୱିକେଟରେ ୫୧୮ ରନ୍ କରିଥିବା ଭାରତ ଅହମ୍ମଦାବାଦରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ବିଜୟ ହାସଲ କରି ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି।

### ଦ୍ୱିତୀୟ ଇନିଂସରେ ଲଢ଼ିଲା ଇଣ୍ଡିଜ୍

ଏହି ସିରିଜ୍‌ରେ ଖେଳାଯାଇଥିବା ୨ଟି ଟେଷ୍ଟରେ ବ୍ୟାଟିଂ କରିଥିବା ପ୍ରଥମ ୩ଟି ଇନିଂସ ଭାରତୀୟ ବୋଲରଙ୍କ ନିୟନ୍ତ୍ରଣରେ ରହିଥିଲା। କିନ୍ତୁ ଏଠାରେ ଫଲୋଅନ୍ ହେବା ପରେ ୱେଷ୍ଟଇଣ୍ଡିଜ୍ ଦଳ ଲଢୁଆ ବ୍ୟାଟିଂ କରିଥିଲେ। ବିଶେଷକରି ତୃତୀୟ ଦିନ ଖେଳ ଶେଷରେ ବ୍ୟାଟିଂ କରିଥିବା ଜନ୍ କ୍ୟାମ୍ପବେଲ ଓ ସାଇ ହୋପ୍ ଚତୁର୍ଥ ଦିନ ସକାଳେ ମଧ୍ୟ ଭାରତୀୟ ସ୍ପିନ୍ ଓ ପେସ୍ ବୋଲରଙ୍କୁ ସମାନ ଶୈଳୀରେ ମୁକାବିଲା କରିଥିଲେ।



ଯାହା ଫଳରେ ଭାରତର ବୋଲରଙ୍କୁ ସଫଳତା ମିଳି ନ ଥିଲା। ଟେଷ୍ଟ ଜୀବନର ପ୍ରଥମ ଶତକ ହାସଲ କରିବା ପରେ ଜନ୍ କ୍ୟାମ୍ପବେଲ ରିଭର୍ସ ସୁଇପ୍ କରିବାକୁ ଯାଇ ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେ ୧୯୯ ବଲ୍ ଖେଳି ୧୨ ଚୌକା ଓ ୩ ଛକା ସହ ୧୧୫ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ହୋପ୍‌ଙ୍କୁ ରୋଷ୍ଟୋନ ଚେଜ୍‌ଙ୍କ ରୂପରେ ଜଣେ ଭଲ ପାର୍ଟନର ମିଳିଥିଲା। ଏମାନେ ଚତୁର୍ଥ ୱିକେଟରୁ ୫୯ ରନ୍ ଉଠାଇଥିଲେ। ଏହି ସମୟରେ ଭାରତ ନୂଆ ବଲ୍ ନେଇଥିଲା। ମହମ୍ମଦ୍ ସିରାଜ ନୂଆ ବଲ୍‌ରେ ହୋପଙ୍କୁ ଆଉଟ କରି ତାଙ୍କ ପ୍ରତିରୋଧ ଶେଷ କରିଦେଇଥିଲେ। ୨୧୪ ବଲ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ୧୨ ଚୌକା ଓ ୨ ଛକା ସହ ୧୦୩ ରନ୍‌ରେ ଆଉଟ ହୋଇଥିଲେ ହୋପ୍। ତାଙ୍କ ଆଉଟ ସହ ୱେଷ୍ଟଇଣ୍ଡିଜ୍‌ର ସାମୟିକ ବିପର୍ଯ୍ୟୟ ଘଟିଥିଲା। ଏକଦା ଦଳ ୩ ୱିକେଟରେ ୨୭୧ ରନ୍ କରିଥିଲାବେଳେ ହୋପ୍‌ଙ୍କ ଆଉଟ ପରେ ସ୍କୋର ୯ ୱିକେଟରେ ୩୧୧ ରନ୍‌ରେ ପହଞ୍ଚିଥିଲା। କିନ୍ତୁ ଶେଷ ୱିକେଟରେ ଜଷ୍ଟିନ ଗ୍ରିଭ୍‌ସ ଓ ଜେଡେନ ସିଲ୍ସ ଲଢୁଆ ବ୍ୟାଟିଂ କରି ଭାରତୀୟ ବୋଲରଙ୍କୁ ପୁଣିଥରେ ନିରାଶ କରିଥିଲେ। ଏମାନେ ୨୨ ଓଭର ବ୍ୟାଟିଂ କରି ୭୯ ରନ୍ ଉଠାଇବା ପରେ ଯୋଡି ଭାଙ୍ଗିଥିଲା। ଶେଷ ୩ଟି ୱିକେଟ ନେଇଥିବା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ସିଲ୍ସଙ୍କୁ ୩୨ ରନ୍‌ରେ ଆଉଟ କରି ୱେଷ୍ଟଇଣ୍ଡିଜ୍‌ର ଦ୍ୱିତୀୟ ଇନିଂସଙ୍କ ୩୯୦ ରନ୍‌ରେ ଶେଷ କରିଥିଲେ। ନିମ୍ନ ଭାଗରେ କୁଲଦୀପ ଯାଦବ ୩ଟି ୱିକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ। କିନ୍ତୁ ମହମ୍ମଦ୍ ସିରାଜ ୨ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟାଟରଙ୍କୁ ଆଉଟ କରିଥିଲେ।

କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା କ୍ୟାମ୍ପବେଲ ହୋପ୍ ତୃତୀୟ ୱିକେଟରେ ୨୯୫ ବଲ୍ ଖେଳି ୧୭୭ ରନ୍ କରିବା ଫଳରେ ୱେଷ୍ଟଇଣ୍ଡିଜ୍‌ର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଟେଷ୍ଟ କ୍ରିକେଟରେ କ୍ୟାମ୍ପବେଲ ପ୍ରଥମ ଶତକ ହାସଲ କରିଛନ୍ତି। ସେହିପରି ରେଡ୍‌ବଲ୍ କ୍ରିକେଟରେ ହୋପ୍ ଦୀର୍ଘ ୮ ବର୍ଷ ପରେ ହୋପ୍ ୩ ଅଙ୍କରେ ପହଞ୍ଚିଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରରେ ତୃତୀୟ ଶତକ। ଶେଷଯାଏ ଆଉଟ ହୋଇ ନ ଥିବା ଜଷ୍ଟିନ ଗ୍ରିଭ୍‌ସ ମଧ୍ୟ ୫୦ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ: ୫୧୮/୫, ଘୋଷଣା** (ଜୟସ୍ୱାଲ-୧୭୫, ଗିଲ ଅପରାଜିତ-୧୨୯, ସାଇ ସୁଦର୍ଶନ-୮୭, ୱାରିକାନ୍- ୩/୯୮)।

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୨୪୮, ୮୧.୫ ଓଭର** (ଆଥାନାଜେ-୪୧, ହୋପ୍-୩୬, କୁଲଦୀପ-୫/୪୦, ଜାଡେଜା-୩/୪୬)। (ଫଲୋଅନ୍)

**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୩୯୦/୧୦, ୧୧୮.୫ ଓଭର** (କ୍ୟାମ୍ପବେଲ-୧୧୫, ହୋପ୍-୧୦୩, ବୁମ୍‌ରା-୩/୪୪, କୁଲଦୀପ-୩/୧୦୪, ସିରାଜ୍-୨/୪୩)।

**ଭାରତ ଦ୍ୱିତୀୟ ଇନିଂସ: ୬୩/୧,୧୮ ଓଭର** (ଜୟସ୍ୱାଲ-୮, ରାହୁଲ-ବ୍ୟାଟିଂ-୨୫, ସାଇ ସୁଦର୍ଶନ-ବ୍ୟାଟିଂ-୩୦, ୱାରିକାନ୍-୧/୧୫)।

**ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ନିର୍ବାଚନ**

## ସୁଶାନ୍ତ ସାହୁ ନୂଆ ସମ୍ପାଦକ



ଭୁବନେଶ୍ୱର,୧୩।୧୦(ସମିସ): ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ (ଓର୍‌ଫା)ର ଆସନ୍ତା ୪ ବର୍ଷ ଲାଗି ନୂଆ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଏଥିରେ ପ୍ରତ୍ୟେକ ପଦ ଲାଗି ଜଣେ ଲେଖାଏଁ ପ୍ରାର୍ଥୀ ରହିଥିବାରୁ ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର କ୍ରମାଗତ ତୃତୀୟଥର ଲାଗି ସଭାପତି ଦାୟିତ୍ୱ ସମ୍ଭାଳିବେ। ସେହିପରି ପୂର୍ବତନ ଖେଳାଳି ଭୁବନେଶ୍ୱରର ସୁଶାନ୍ତ କୁମାର ସାହୁ ନୂଆ ସମ୍ପାଦକ ହୋଇଛନ୍ତି। ଏହି ପଦରେ ଥିବା ଉପେନ୍ଦ୍ର ମହାନ୍ତି ଉପସଭାପତି ହୋଇଛନ୍ତି। ଶକ୍ତିରଞ୍ଜନ ମହାନ୍ତି କୋଷାଧ୍ୟକ୍ଷ ପଦ ବଜାୟ ରଖିଥିଲାବେଳେ ଦଶରଥପୁର, ଯାଜପୁରର ଭରତ କୁମାର ସାହୁ ନୂଆ ଯୁଗ୍ମ ସମ୍ପାଦକ ହୋଇଛନ୍ତି। ଅବସରପ୍ରାପ୍ତ ବିଚାରପତି ତଥା ନିର୍ବାଚନ ଅଧିକାରୀ ରତିକାନ୍ତ ମହାପାତ୍ର ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନର ସିଇଓ ଅଙ୍କୁଶ ଅରୋରା ଓ ଓଡ଼ିଶା ଅଲିମ୍ପିକ୍ ସଂଘର ଅଜୟ ବେହେରା ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଯୋଗଦେଇଥିଲେ। କ୍ରୀଡ଼ାବିଭାଗର ଓଏସ୍‌ଡି ସନାତନ ସାହୁ ପର୍ଯ୍ୟବେକ୍ଷକ ଓ ଭୁବନେଶ୍ୱର ଦୌଡ଼କୁଦ ସଂଘର ସମ୍ପାଦକ ଏସ୍‌ଆର୍ ପରିଜା ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ଥିଲେ। ଓର୍‌ଫାର ଆଜୀବନ ସଦସ୍ୟ ଅଶୋକ ମହାନ୍ତି ସ୍ୱାଗତ ଭାଷଣ ଓ ଭରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ବିଶ୍ୱକପ୍: ଦ.ଆଫ୍ରିକାର ବ୍ୟାଟିଂ ବିପର୍ଯ୍ୟୟ

ବିଶାଖାପାଟନମ, ୧୩।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୧୪ତମ ମୁକାବିଲାରେ ସୋମବାର ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୬ ୱିକେଟ୍ ହରାଇ ୨୩୨ ରନ କରିଥିଲା। ଦଳ ପକ୍ଷରୁ ଶରମିନ ଅଖତର (୫୦) ଓ ଶୋରନା ଅଖତର (୫୧) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପ୍ରତିପକ୍ଷ ବୋଲର ଏନ୍. ମାଲବାଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ୨୩୩ ରନର ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶେଷ ଖବର ସୁଦ୍ଧା ଦକ୍ଷିଣ ଆଫ୍ରିକା ମହିଳା ଦଳ ୨୩ ଓଭରରେ ୫ ୱିକେଟ୍ ହରାଇ ୮୧ ରନ ସଂଗ୍ରହ କରିଛି। ଚଳିତ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ୩ ମ୍ୟାଚରୁ ୨ ବିଜୟ ଓ ଗୋଟିଏ ପରାଜୟ ସହ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ସେହିଭଳି ବାଂଲାଦେଶ ୩ ମ୍ୟାଚରୁ ଗୋଟିଏ ବିଜୟ ଓ ୨ଟି ପରାଜୟ ସହ ୨ ପଏଣ୍ଟ ପାଇଛି। ମଙ୍ଗଳବାର ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

**ଆଜିର ମ୍ୟାଚ୍**
ଶ୍ରୀଲଙ୍କା- ନ୍ୟୁଜିଲାଣ୍ଡ
ଆରମ୍ଭ : ଅପରାହ୍ଣ ୩ଟା
ସ୍ଥାନ : କଲମ୍ବୋ

**ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍**

## ପୁରୁଷ ସେମିରେ ଚୀନ୍-ଜାପାନ

ଭୁବନେଶ୍ୱର,୧୩।୧୦(ସମିସ): ଚୀନ୍ ଓ ଜାପାନ ମଧ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍‌ର ପୁରୁଷ ବିଭାଗ ସେମିଫାଇନାଲ ଖେଳାଯିବ। ସେହିପରି ଅନ୍ୟ ଏକ ସେମିଫାଇନାଲ ଚାଇନିଜ୍ ତାଇପେଇ ଓ ହଂକଂ ଚାଇନା ମଧ୍ୟରେ ଖେଳାଯିବ। ସୋମବାର ଖେଳାଯାଇଥିବା କ୍ୱାର୍ଟରଫାଇନାଲରେ ଚୀନ୍ ୩-୧ରେ ଇରାନକୁ ଓ ଚାଇନିଜ୍ ତାଇପେଇ ୩-୨ରେ ଉତ୍ତର କୋରିଆକୁ ପରାସ୍ତ କରି ସେମିଫାଇନାଲ ସ୍ଥାନ ପକ୍କା କରିଥିଲେ। ଗତକାଲି ଖେଳାଯାଇଥିବା ଅନ୍ୟ ଏକ କ୍ୱାର୍ଟରରେ ଭାରତକୁ ହରାଇ ହଂକଂ ଚାଇନା ପ୍ରଥମ ଦଳ ଭାବେ ସେମିକୁ ଉନ୍ନୀତ ହୋଇଥିଲା।



ମହିଳା ବିଭାଗରେ ଦକ୍ଷିଣ କୋରିଆ ଓ ଜାପାନ ପ୍ରଥମ ଦୁଇ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ଆଜି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ଖେଳାଯାଉଛି। ଏହା ମଧ୍ୟରୁ ପ୍ରଥମ କ୍ୱାର୍ଟରରେ ଚୀନ୍ ୩-୦ରେ ଥାଇଲାଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ସେମିରେ ଚୀନ୍ ସହ ଦକ୍ଷିଣ କୋରିଆର ମୁକାବିଲା ହେବ। ଶେଷ କ୍ୱାର୍ଟର ଫାଇନାଲ ଭାରତ ଓ ସିଙ୍ଗାପୁର ମଧ୍ୟରେ ଖେଳାଯାଉଛି। ଏହି ମ୍ୟାଚ୍‌ର ବିଜେତା ଦଳ ସେମିରେ ଟପ୍ ସିଡ୍ ଜାପାନ ସହ ଖେଳିବ।

## ସୂର୍ଯ୍ୟବଂଶୀ ଉପ-ଅଧିନାୟକ

ପାଟନା, ୧୩।୧୦ (ଏଜେନ୍ସି): ଆଉ ଦିନକ ପରେ ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫି ଆରମ୍ଭ ହେବ। ଏଥିଲାଗି ଶାକିବୁଲ୍ ଘାନିଙ୍କ ନେତୃତ୍ୱରେ ୧୫ ଜଣିଆ ବିହାର ଦଳ ଘୋଷଣା କରାଯାଇଛି। ସେହିଭଳି ୧୪ ବର୍ଷୀୟ ଯୁବ ବ୍ୟାଟିଂ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କୁ ଦଳର ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ପ୍ଲେଟ୍ ଡିଭିଜନରେ ସ୍ଥାନ ପାଇଥିବା ବିହାର ଅକ୍ଟୋବର ୧୫ରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

**● ବିନୁ ମଙ୍କଡ଼ ଟ୍ରଫି**

## ବିଦର୍ଭକୁ ହରାଇଲା ଓଡ଼ିଶା



କଟକ,୧୩।୧୦(ସମିସ): ବିନୁ ମଙ୍କଡ଼ ଟ୍ରଫିର ପ୍ରଥମ ମୁକାବିଲାରେ ପରାସ୍ତ ପରେ ଲଗାତର ଦୁଇଟି ମ୍ୟାଚ୍ ଜିତି ଓଡ଼ିଶା ଏଲିଟ ଗ୍ରୁପ-ଏ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ସୋମବାର ଓଡ଼ିଶା ୭୪ ରନରେ ବିଦର୍ଭକୁ ହରାଇଛି। ହରିୟାଣାର ଗୁରୁଗ୍ରାମ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବିଦର୍ଭ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ସୁଯୋଗ ଦେଇଥିଲା। ଦଳ ସମସ୍ତ ୱିକେଟ ହରାଇ ୨୧୮ ରନ କରିଥିଲା। ଓଡ଼ିଶା ପକ୍ଷରୁ ରୁଦ୍ର ପ୍ରସାଦ ମଲ୍ଲିକ ସର୍ବାଧିକ ୩୯, ବିଶ୍ୱଜିତ ପ୍ରଧାନ ୩୧ ରନ କରିଥିଲେ। ବିଦର୍ଭର ହିମାଂଶୁ କୱାଲେ ଏବଂ ଓମ୍ ଧୋତ୍ରେ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୨୧୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ବିଦର୍ଭର ଇନିଂସ୍ ୧୪୪ ରନରେ ସୀମିତ ରହିଥିଲା। ସୟଦ ଟି ଅହମ୍ମଦ ଏବଂ ପିୟୂଷ ରଞ୍ଜନ ମନ୍ତ୍ରୀ ଯଥାକ୍ରମେ ୪ଟି ଓ ୩ଟି ୱିକେଟ ଅକ୍ତିଆର କରିଥିଲେ। ଆସନ୍ତା ୧୫ ତାରିଖରେ ଓଡ଼ିଶା ୪ର୍ଥ ଲିଗ୍‌ରେ ଗୋଆକୁ ଭେଟିବ।

**■ ସିନିଅର ମହିଳା ଟି-୨୦**

## ଓଡ଼ିଶାର କ୍ରମାଗତ ୪ର୍ଥ ପରାଜୟ

କଟକ,୧୩।୧୦(ସମିସ): ବିସିସିଆଇ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ସିନିଅର ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ଲଗାତର ୪ର୍ଥ ପରାଜୟର ସମ୍ମୁଖୀନ ହୋଇଛି। ଏ ପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖି ପାରି ନ ଥିବା ଓଡ଼ିଶା ଗ୍ରୁପ-ସି ପଏଣ୍ଟ ଟେବଲର ୮ମ ସ୍ଥାନରେ ରହିଥିବାବେଳେ କ୍ୱାର୍ଟର ଆଶା କ୍ଷୀଣ ହେବାରେ ଲାଗିଛି। ଆଜି ଗ୍ୱାଲିୟରରେ ଆନ୍ଧ୍ରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତନ୍ମୟୀ ବେହେରାଙ୍କ ୪୪, ମାଧୁରୀ ମେହଟାଙ୍କ ୨୬ ରନ ସହାୟତାରେ ଦଳ ୮ ୱିକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ ୬ ୱିକେଟ ହରାଇ ଅନ୍ତିମ ବଲରେ ଆନ୍ଧ୍ର ବିଜୟୀ ହୋଇଥିଲା। ଅଧିନାୟିକା ମେଘନା ୫୬ ଓ ଅନୁଷା ୨୧ ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ଜ୍ୟୋତି କେ ପ୍ରସାଦ ୨ଟି ୱିକେଟ ହାସଲ କରିଥିଲେ।

**ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ**

## ସ୍ୱର୍ଣ୍ଣ ସହ ପ୍ରତୀକଙ୍କ ବିଶ୍ୱ ଯୋଗ୍ୟତା

ଭୁବନେଶ୍ୱର, ୧୩।୧୦ (ସମିସ)

ଘରୋଇ ଓଡ଼ିଶାର ଯୁବ ଧାବକ ପ୍ରତୀକ ମହାରଣା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପ୍ରତିଯୋଗିତାର ୪ର୍ଥ ଦିବସରେ ସୋମବାର ପ୍ରତୀକ ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟର ରେସରେ ଏହି ସଫଳତା ପାଇଥିଲେ। ପ୍ରତୀକ ପୋଡିୟମର ଶୀର୍ଷରେ ରହିବା ସହ ଆଗାମୀ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ (୨୦ ବର୍ଷରୁ କମ୍)କୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତ। ପ୍ରତିଯୋଗିତାରେ ପ୍ରତୀକଙ୍କ ଏହା ୨ୟ ପଦକ। ପୂର୍ବରୁ ସେ ୧୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ଉଲ୍ଲେଖଯୋଗ୍ୟ, ୨ୟ ଦିବସରେ ଆଲୋକିକା ସ୍ୱାଇଁ ମହିଳା ୧୮ ବର୍ଷରୁ କମ୍ ଜାଭେଲିନ ଥ୍ରୋ'ରେ କାଂସ୍ୟ ପଦକ ଜିତିଥିଲେ। ସେହିଭଳି ଗତକାଲି ଓଡ଼ିଶାର କୁନି ରାଜଗୋଣ୍ଡ ରୌପ୍ୟ ପଦକ ବିଜୟୀ ହୋଇଥିଲେ। କୁନି ବାଳିକା ୧୪ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋ'ରେ କୁନି ଏହି ସଫଳତା ପାଇଥିଲେ।



### ସଟ୍‌ପୁଟ୍‌ରେ ଓମକାରଙ୍କୁ କାଂସ୍ୟ



ସେହିଭଳି ଆଉ ଜଣେ ଓଡ଼ିଆ ଆଥ୍‌ଲେଟ୍ ମଧ୍ୟ ସୋମବାର ପଦକ ସଫଳତା ପାଇଛନ୍ତି। ସେ ହେଲେ ଓମ୍‌କାର ପ୍ରସାଦ ନନ୍ଦ। ୨୦ ବର୍ଷରୁ କମ୍ ପୁରୁଷ ସଟ୍‌ପୁଟ୍‌ରେ ଓମ୍‌କାର ୧୮.୨୪ ମିଟର ଫିଙ୍ଗି ୩ୟ ସ୍ଥାନରେ ରହିଥିଲେ। ଏଥିରେ ତେଲଙ୍ଗାନାର ସାଇକ୍ରିଷ୍ଣା (୧୮.୪୨ମି) ଓ ଉତ୍ତରପ୍ରଦେଶର ଅନୁଜ କୁମାର (୧୮.୩୧ମି) ଯଥାକ୍ରମେ ପୋଡିୟମର ପ୍ରଥମ ଓ ୨ୟ ସ୍ଥାନରେ ରହିଥିଲେ। ମଙ୍ଗଳବାର ଏହି ଚାମ୍ପିଅନସିପ୍ ଉଦ୍‌ଯାପିତ ହେବ। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତିସାରିଛି।

## ଓଡ଼ିଶା ସିନିଅର ଗେଟ୍‌ବଲ ଚାମ୍ପିଅନ




ଭୁବନେଶ୍ୱର,୧୩।୧୦(ସମିସ): ଓଡ଼ିଶା ୧୮ତମ ଜାତୀୟ ସିନିଅର ଗେଟ୍‌ବଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ମଧ୍ୟପ୍ରଦେଶ ଓ ବିହାରକୁ କାଂସ୍ୟ ପଦକ ମିଳିଛି। ଡବଲ ଇଭେଣ୍ଟରେ ଶିବରାମ ସ୍ୱାଇଁ ଓ ମହମ୍ମଦ୍ ଅମନ ବିଜୟୀ ହୋଇଛନ୍ତି। ମହିଳା ବିଭାଗରେ ଡବଲ୍ସ ଇଭେଣ୍ଟ ଖେଳାଯାଇଥିଲା। ଏଥିରେ ମହାରାଷ୍ଟ୍ର ଯୋଡିକୁ ସ୍ୱର୍ଣ୍ଣ ଏବଂ ଓଡ଼ିଶାର ନମ୍ରତା କର୍ଣ୍ଣାଲ ଓ ତମନ୍ନା ରାୟ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଗେଟ୍‌ବଲ ଫେଡେରେସନର ସମ୍ପାଦକ ପରଭିନ ମାମେଣ୍ଟକର ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ସଫଳତା ଲାଗି ଓଡ଼ିଶା ଗେଟ୍‌ବଲ ସଂଘ ସମ୍ପାଦକ ମହମ୍ମଦ୍ ଆଜମ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS